# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୫/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 25/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 93 | ମୂଲ୍ୟ ₹୭/-




**ମୋ ସହ ଅଭିନୟ କରିବାକୁ ନାୟିକାମାନେ ଇଚ୍ଛୁକ ନୁହନ୍ତି**

ଆଜିକାଲି ୟଙ୍ଗ୍ କିମ୍ବା ସିନିୟର ନାୟିକାମାନେ ମୋ ସହ ଅଭିନୟ କରିବାକୁ ଇଚ୍ଛୁକ ନୁହନ୍ତି ବୋଲି କହିଛନ୍ତି ଏଭରଗ୍ରୀନ୍ ଅଭିନେତା ଅନିଲ କପୁର। ୦୨

୧୪ **ହ୍ୟାରୀ ବ୍ରୁକ୍‌ଙ୍କ ଶତକ**

ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକ୍।





ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ସୁପରମାର୍ଟରେ ସୋମବାର ରାତିରେ ଲାଗିଥିବା ନିଆଁକୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଲିଭାଯାଇପାରିନାହିଁ। (ଫଟୋ: ବିକାଶ ନାୟକ)

# ଭାରତରେ ବିଶ୍ୱର ଏକ-ତୃତୀୟାଂଶ ସର୍ଭାଇକାଲ କ୍ୟାନ୍‌ସର

## ୧୪ ବର୍ଷର ଝିଅଙ୍କୁ ଦିଆଯିବ ଟିକା

**ନୂଆଦିଲ୍ଲୀ,୨୪।୨(ପି.ଟି.)**

ଗର୍ଭାଶୟ ଗ୍ରୀବା କର୍କଟ (ସର୍ଭାଇକାଲ କ୍ୟାନ୍‌ସର) ହେଉଛି ମହିଳାମାନଙ୍କଠାରେ ଦେଖାଦେଉଥିବା ୪ର୍ଥ ସର୍ବାଧିକ ସାଧାରଣ କ୍ୟାନ୍‌ସର। ବିଶ୍ୱରେ ଯେତେ ମହିଳା ଏହି ରୋଗରେ ପୀଡ଼ିତ, ତାହାର ଏକ-ତୃତୀୟାଂଶ କେବଳ ଭାରତରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ରିପୋର୍ଟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ଭାରତୀୟ ମହିଳାଙ୍କଠାରେ ଗ୍ରୀବା କର୍କଟ ଦ୍ୱିତୀୟ ସବୁଠୁ ସାଧାରଣ କ୍ୟାନ୍‌ସର। ପ୍ରତିବର୍ଷ ପ୍ରାୟ ୮୦,୦୦୦ ନୂଆ ମାମଲା ସାମ୍ନାକୁ ଆସୁଥିବାବେଳେ ୪୨,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥାନ୍ତି। ମହିଳାଙ୍କଠାରେ ପ୍ରତିକାରଯୋଗ୍ୟ କ୍ୟାନ୍‌ସରକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ହ୍ୟୁମ୍ୟାନ ପଲିଲୋମା ଭାଇରସ୍ (ଏଚ୍‌ପିଭି) ଟିକାକରଣ କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି। ୧୪ ବର୍ଷୀୟା ଝିଅମାନଙ୍କୁ ଏହି ଟିକା ପ୍ରଦାନ କରାଯିବ, ଯାହା ଗର୍ଭାଶୟ ଗ୍ରୀବା କର୍କଟ ଦୂର କରିବାରେ ସହାୟକ ହେବ।

ସୂତ୍ର ଅନୁଯାୟୀ, ଏହି ଟିକାକରଣ କାର୍ଯ୍ୟକ୍ରମରେ ଏକକ ଡୋଜ୍ ଗାର୍ଡାସିଲ୍ ବ୍ୟବହାର କରାଯିବ, ଯାହା ୪ ପ୍ରକାର କର୍କଟ ରୋଗକୁ ରୋକିବାକୁ ଥିବା ଏଚ୍‌ପିଭି ଭାକ୍ସିନ୍। ଏହା ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ବିରୋଧରେ ସୁରକ୍ଷା ପ୍ରଦାନ କରିବ, ଯାହା ଗର୍ଭାଶୟ ଗ୍ରୀବା କର୍କଟ ଘଟାଇଥାଏ। ଏହା ବ୍ୟତୀତ ଏଚ୍‌ପିଭି ଟାଇପ୍ ୬ ଏବଂ ଟାଇପ୍ ୧୧ ବିରୋଧରେ ମଧ୍ୟ ଏହି ଟିକା ସୁରକ୍ଷା ଦେବ। ଏହା ସରକାରଙ୍କ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ନ ହୋଇ ଏକ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଭାବେ ପ୍ରଦାନ କରାଯିବ। ଡବ୍ଲୁଏଚ୍‌ଓ ଏଥିପାଇଁ ସୁପାରିସ କରିଥିଲା। ଗ୍ରୀବା କର୍କଟର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** ମାତାପିତାଙ୍କୁ କାଉନସେଲିଂ


# ୧୪୦ କୋଟି ଭାରତୀୟଙ୍କ ସେବାରେ ନିଷ୍ପତ୍ତି ହେବ: ଅଶ୍ୱିନୀ ବୈଷ୍ଣବ

## ସେବାତୀର୍ଥରେ ପ୍ରଥମ କ୍ୟାବିନେଟ ବୈଠକ

**ନୂଆଦିଲ୍ଲୀ,୨୪।୨(ପି.ଟି.)**

ପ୍ରଧାନମନ୍ତ୍ରୀଙ୍କ ନୂତନ କାର୍ଯ୍ୟାଳୟ (ପିଏମ୍‌ଓ) ସେବାତୀର୍ଥରେ କେନ୍ଦ୍ର କ୍ୟାବିନେଟ୍‌ର ପ୍ରଥମ ବୈଠକରେ 'ସେବା ସଂକଳ୍ପ' ନାମରେ ଏକ ସଂକଳ୍ପ ନିଆଯାଇଛି। ଉକ୍ତ ସଂକଳ୍ପ ଅନୁଯାୟୀ, ସେବାତୀର୍ଥ ପରିସରରେ ନିଆଯିବାକୁ ଥିବା ପ୍ରତ୍ୟେକ ନିଷ୍ପତ୍ତି 'ନାଗରିକ ଦେବୋଭବ' ମନ୍ତ୍ର ଦ୍ୱାରା ଅନୁପ୍ରାଣିତ ହୋଇ ନିଆଯିବ। ଏହା କ୍ଷମତା ପ୍ରଦର୍ଶନର ସ୍ଥାନ ନ ହୋଇ ପ୍ରତି ଭାରତୀୟଙ୍କ ସଶକ୍ତୀକରଣର କେନ୍ଦ୍ର ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ☞ପୃଷ୍ଠା-୪



ଗୁଆହାଟୀସ୍ଥିତ ରାଜଭବନ ସମ୍ମୁଖରେ ମଙ୍ଗଳବାର 'ଛାତ୍ର ହୁଙ୍କାର' ନାମରେ ବିକ୍ଷୋଭ କରୁଥିବା କଂଗ୍ରେସ ଦଳର ଛାତ୍ର ସଂଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ ୟୁନିୟନ ଅଫ୍ ଇଣ୍ଡିଆ(ଏନ୍ଏସ୍ୟୁଆଇ)ର ସଦସ୍ୟମାନଙ୍କୁ ପୋଲିସ ଉଠାଇନେଉଛି।

# ଯୁବ କଂଗ୍ରେସ ସଭାପତି ଗିରଫ

## ଏଆଇ ସମିଟ୍‌ରେ ଅର୍ଦ୍ଧନଗ୍ନ ବିକ୍ଷୋଭ

ନୂଆଦିଲ୍ଲୀ,୨୪।୨

ଦିଲ୍ଲୀରେ ନିକଟରେ ଶେଷ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୁବ କଂଗ୍ରେସର ଅର୍ଦ୍ଧନଗ୍ନ ବିକ୍ଷୋଭ ମାମଲାରେ ଦିଲ୍ଲୀ ପୋଲିସ ଏହାର ସଭାପତି ଉଦୟଭାନୁ ଚିବ୍‌ଙ୍କୁ ମଙ୍ଗଳବାର ଗିରଫ କରିଛି। ଉଦୟଭାନୁଙ୍କୁ ଗିରଫ କରାଯିବା ପରେ ପୋଲିସ ତାଙ୍କୁ ପାଟିଆଲା ହାଉସ୍ କୋର୍ଟରେ ହାଜର କରାଇ ଅଧିକ ପଚରାଉଚରା ପାଇଁ ୭ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଛି। ଏଆଇ ସମିଟ୍ ଭଳି ଏକ ଅନ୍ତର୍ଜାତୀୟ ମଞ୍ଚରେ ଯୁବ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଯେଉଁଭଳି ଆଚରଣ ପ୍ରଦର୍ଶନ କରାଯାଇଥିଲା ତଦ୍ୱାରା ବୈଶ୍ୱିକ ସମୁଦାୟ ନିକଟରେ ଭାରତର ଛବି ମଳିନ ପଡ଼ିଛି। ତେବେ ଏଭଳି ବିକ୍ଷୋଭ ପ୍ରଦର୍ଶନ ପାଇଁ ପୂର୍ବରୁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏହାପଛରେ ଉଦୟଭାନୁ ହିଁ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରିଥିଲେ ବୋଲି ପୋଲିସ କହିଛି। ଏପରିକି ଉଦୟଭାନୁ ବିକ୍ଷୋଭକାରୀଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବା ସହିତ ଆର୍ଥିକ ଫାଇଦା ମଧ୍ୟ ଦେଇଥିଲେ ବୋଲି



ଉଦୟଭାନୁ ଚିବ

ପୋଲିସ କହିଛି। ଉଦୟଭାନୁଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କୁ ଗିରଫ କରାଯାଇସାରିଥିଲା ବେଳେ ସରକାରଙ୍କ ଏଭଳି ମାନସିକତାକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ଦଳୀୟ ଯୁବନେତାମାନେ ଦେଶର ସ୍ୱାର୍ଥରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ତରିକାରେ ବିକ୍ଷୋଭ କରିଥିଲେ। କିନ୍ତୁ ସରକାର ସେମାନଙ୍କୁ ଗିରଫ କରି ପରୋକ୍ଷରେ ଅଘୋଷିତ ଜରୁରୀ ସ୍ଥିତି ଜାରି କରିଛନ୍ତି। ଏହା ଦେଶ ପାଇଁ ବିପଦ ବୋଲି କଂଗ୍ରେସ ପ୍ରବକ୍ତା ପୱନ୍ ଖେରା ପ୍ରତିକ୍ରିୟାରେ କହିଛନ୍ତି।

## ଭୋଟ ଦିନ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ରାଜ୍ୟ ପୋଲିସଙ୍କୁ ନିୟୋଜନ କରାଯିବ

ନୂଆଦିଲ୍ଲୀ,୨୪।୨(ପି.ଟି.)

ଏଣିକି ଭୋଟଗ୍ରହଣ ଦିନ ବୁଥ୍‌ଗୁଡ଼ିକରେ ନିୟୋଜିତ ହେବାକୁ ଥିବା ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହୋଇଥିବା କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିୟୋଜନ କରିବା ବ୍ୟବସ୍ଥା ହେବ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ବଢ଼ାଇବାକୁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷପାତିତାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସଙ୍କୁ ସେମାନଙ୍କ ଥାନା କ୍ଷେତ୍ର ବାହାରେ ନିୟୋଜିତ କରାଯିବ। ନିର୍ବାଚନ କମିଶନ ସୋମବାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଭବିଷ୍ୟତରେ ହେବାକୁ ଥିବା ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ରାଜ୍ୟ ପୋଲିସଙ୍କୁ ଭୋଟ ଦିନ ବୁଥ୍‌ଗୁଡ଼ିକରେ ନିୟୋଜନ ଲାଗି କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ କରିବାକୁ ପରାମର୍ଶ ଦେଇଛନ୍ତି।

# ବିଦେଶୀ ସାମଗ୍ରୀ ଉପରେ ଲାଗୁହେଲା ୧୦% ଶୁଳ୍କ

## ହଟୁନି ଟ୍ରମ୍ପଙ୍କ ଟାରିଫ୍ ଦ୍ୱନ୍ଦ୍ୱ

ୱାଶିଂଟନ୍,୨୪।୨

ଆମେରିକାର ଟାରିଫ୍‌କୁ ନେଇ ଏବେ ସାରା ବିଶ୍ୱରେ ଦ୍ୱନ୍ଦ୍ୱ ଲାଗି ରହିଛି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଅବୈଧ ଘୋଷଣା କରିବା ପରେ ଟ୍ରମ୍ପ ବାରମ୍ବାର ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରିଚାଲିଥିବାରୁ କେଉଁ ଦେଶ ଉପରେ କେତେ ପରିମାଣର ଟାରିଫ୍ ଲାଗୁ ହେବ, ତାହା ଏବେ ମଧ୍ୟ ସ୍ପଷ୍ଟ ହୋଇନାହିଁ। ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରେ ଟ୍ରମ୍ପ ସବୁ ଦେଶ ଉପରେ ଅତିରିକ୍ତ ୧୦ ପ୍ରତିଶତ (ଗ୍ଲୋବାଲ ଟାରିଫ୍) ଲଗାଇବାକୁ ପ୍ରଥମେ ଘୋଷଣା କରିଥିଲେ। ଆମେରିକାର ଇଣ୍ଟରନ୍ୟାସନାଲ ଇମର୍ଜେନ୍ସି ଇକୋନୋମିକ୍ ପାୱାର ଆକ୍ଟ, ୧୯୭୭(ଆଇଇଇପିଏ) ଅନୁସାରେ ଟ୍ରମ୍ପ ବିଭିନ୍ନ ରାଷ୍ଟ୍ର ଉପରେ ଟାରିଫ୍ ଲଗାଇଥିଲାବେଳେ ଏହାକୁ ସୁପ୍ରିମକୋର୍ଟ





ବେଆଇନ ଘୋଷଣା କରିଥିଲେ। ଏହାପରେ ଟ୍ରମ୍ପ ୧୯୭୪ ଟ୍ରେଡ୍ ଆକ୍ଟର ଧାରା ୧୨୨କୁ ଆଧାରକରି ୧୦ ପ୍ରତିଶତ ହାରରେ ଗ୍ଲୋବାଲ ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ପରେ ସେ ପୁଣି ନିଜ ଆଭିମୁଖ୍ୟ ପରିବର୍ତ୍ତନକରି ୧୫ ପ୍ରତିଶତ ଟାରିଫ୍ ଘୋଷଣା କରିଥିଲେ। କିନ୍ତୁ ଟ୍ରମ୍ପ ଫେବୃଆରୀ ୨୦ରେ ଘୋଷଣା କରିଥିବା ୧୦ ପ୍ରତିଶତ ଗ୍ଲୋବାଲ୍ ଟାରିଫ୍ ଅନୁସାରେ ଆମେରିକାର କଷ୍ଟମସ୍ ଆଣ୍ଡ ବର୍ଡର ପ୍ରୋଟେକ୍ସନ୍ ବିଭାଗ ମଙ୍ଗଳବାରଠାରୁ ବିଦେଶୀ ସାମଗ୍ରୀ(ଶୁଳ୍କ ଛାଡ଼ ପାଇଁ ଉଦ୍ଦିଷ୍ଟ ନଥିବା) ଉପରେ ଶୁଳ୍କ ଲାଗୁ କରିଛି। ୧୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ, ସେଥିପାଇଁ ଅଧିକ ସମୟ ଲାଗିବ ବୋଲି କୁହାଯାଉଛି। ଟାରିଫ୍‌କୁ ନେଇ ଟ୍ରମ୍ପ ପ୍ରଶାସନରେ ଘଡ଼ିକେ ଘୋଡ଼ା ଛୁଟୁଥିଲାବେଳେ ଆମେରିକାର ବାଣିଜ୍ୟ ଅଂଶୀଦାର ରାଷ୍ଟ୍ରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ଗତ ସୋମବାର ଟାରିଫ୍‌କୁ ନେଇ ଟ୍ରମ୍ପ ଯେଉଁଭଳି ଧମକ ଦେଇଥିଲେ ତାହାକୁ ନେଇ ମଧ୍ୟ ଅନେକ ରାଷ୍ଟ୍ରଙ୍କ ମୁଣ୍ଡବିନ୍ଧା ବଢ଼ିଛି। ଆମେରିକା ସହ ବାଣିଜ୍ୟ ଡିଲ୍ କରିସାରିଥିବା ରାଷ୍ଟ୍ର ଯଦି ଗେମ୍ ଖେଳିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ଉପରେ ଅଧିକ ହାରରେ ଟାରିଫ୍ ଲଗାଯିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ।

# ଏନ୍ଇଇଟି ପାଇଁ ଚାପ ପକାଇବାରୁ ବାପାଙ୍କୁ ହତ୍ୟାକଲେ ପୁଅ

ଲକ୍ଷ୍ନୌ,୨୩।୨



ମାଧବେନ୍ଦ୍ର ସିଂ



ଅକ୍ଷତ ପ୍ରତାପ ସିଂ

ଏନ୍ଇଇଟି ପ୍ରସ୍ତୁତି ନିମନ୍ତେ ବାପା ବାରମ୍ବାର ଚାପ ପକାଇବାରୁ ଉତ୍ତକ୍ଷିପ୍ତ ହୋଇ ୧୯ ବର୍ଷୀୟ ପୁଅ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ମୃତଦେହକୁ ଖଣ୍ଡଖଣ୍ଡ କରି ଘର ଭିତରେ ଏକ ଡ୍ରମ୍‌ରେ ଲୁଚାଇଥିଲେ। ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏଭଳି ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମାଧବେନ୍ଦ୍ର ସିଂ(୪୯)ଙ୍କ ଔଷଧ ଏବଂ ମଦ ବ୍ୟବସାୟ ରହିଛି। ଶୁକ୍ରବାରଠାରୁ ସେ ନିଖୋଜ ଥିବା ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ କରିବାରୁ ବ୍ୟାରେଲ୍ ଭିତରୁ ମୃତଦେହର ଗୁଣ୍ଡୁଳାସବୁ ମିଳିଥିଲା। ପୋଲିସ ପୁଅ ଅକ୍ଷତପ୍ରତାପ ସିଂଙ୍କୁ ଜେରା କରିବା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ପୋଲିସ କହିବା ଅନୁଯାୟୀ ମାନବେନ୍ଦ୍ର ତାଙ୍କ ପୁଅକୁ ଡାକ୍ତରୀ ଶିକ୍ଷା ପାଇଁ ଏନ୍ଇଇଟି ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବାକୁ ଚାପ ପକାଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଏକାଧିକ ଥର ଝଗଡ଼ା ହେବା ସହ ଥରେ ଅକ୍ଷତ ଘରୁ ପଳାଇଯାଇଥିଲେ। ଶୁକ୍ରବାର ଅପରାହ୍ନରେ ପୁନର୍ବାର ବାପପୁଅଙ୍କ ମଧ୍ୟରେ ଝଗଡ଼ା ହେବାରୁ ସେ ରାଇଫଲରେ ବାପାଙ୍କୁ ଗୁଳି କରିଥିଲେ। ପରେ ସେ ମୃତଦେହକୁ ତୃତୀୟ ମହଲାରୁ ତଳ ମହଲାର ଏକ ଖାଲି ପ୍ରକୋଷ୍ଠକୁ ଆଣି ଖଣ୍ଡଖଣ୍ଡ କରିବା ଆରମ୍ଭ କରିଥିଲେ। ଭଉଣୀ ଦେଖିବେବୋଲି ସେ ତାଙ୍କୁ ଡରାଇ ନୀରବ କରିଦେଇଥିଲେ। ପରେ ଖଣ୍ଡିତ ମୃତଦେହକୁ ଏକ ପ୍ଲାଷ୍ଟିକ୍‌ରେ ପ୍ୟାକ୍ କରି ଲକ୍ଷ୍ନୌ ସଦରୁଣା ନିକଟରେ ଫିଙ୍ଗିଦେଇଥିବାବେଳେ ଆଉ କେତେଖଣ୍ଡକୁ ଏକ ନୀଳରଙ୍ଗର ଡ୍ରମ୍‌ରେ ପୂରାଇ ଘରେ ରଖିଥିଲେ।

## କେରଳ ହେବ କେରଳମ୍

ନୂଆଦିଲ୍ଲୀ,୨୪।୨(ପି.ଟି.)

କେରଳ ରାଜ୍ୟର ନାମ ପରିବର୍ତ୍ତନ ହୋଇ କେରଳମ୍ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ନୂଆ ପିଏମ୍‌ଓ କମ୍ପ୍ଲେକ୍ସ ସେବାତୀର୍ଥରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରାଜ୍ୟ ନାମ ବଦଳାଇବା ପାଇଁ ୨୦୨୪ ଜୁନ୍ ୨୪ରେ କେରଳ ବିଧାନସଭାରେ ଗୃହୀତ ବିଲ୍ କେନ୍ଦ୍ରର ବିଚାର ପାଇଁ ପଠାଯାଇଥିଲା। କ୍ୟାବିନେଟ୍ ଏହାକୁ ଅନୁମୋଦନ କରିବାରୁ ରାଷ୍ଟ୍ରପତି ଏହାକୁ କେରଳ ବିଧାନସଭାକୁ ମତାମତ ପାଇଁ ପଠାଇଦେବେ। କେରଳ ବିଧାନସଭାର ମତାମତ ମିଳିବା ପରେ କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ପାର୍ଲାମେଣ୍ଟରେ କେରଳ ନାମ ପରିବର୍ତ୍ତନ କରି କେରଳମ୍ ରଖିବେ।

# ସମୁଦ୍ରରେ ଖସିଲା ପୱନହଂସ ହେଲିକପ୍ଟର

## ୭ ଯାତ୍ରୀ ଉଦ୍ଧାର

ଶ୍ରୀବିଜୟପୁରମ୍,୨୪।୨

ପୱନହଂସର ଏକ ହେଲିକପ୍ଟର ୨ କ୍ରୁ ମେମ୍ବରଙ୍କ ସମେତ ୭ ଜଣଙ୍କୁ ନେଇ ମଙ୍ଗଳବାର ସକାଳେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ମାୟାବୁନ୍ଦର ନିକଟବର୍ତ୍ତୀ ସମୁଦ୍ରରେ ଖସିପଡ଼ିଥିଲା। ପୂର୍ବାହ୍ନ ୯ଟା ୩୦ ମିନିଟ୍ ସମୟରେ ଏହି ଦୁର୍ଘଣା ଘଟିଥିଲାବେଳେ ସମସ୍ତ ୭ ଜଣଙ୍କୁ ସମୁଦ୍ର ମଧ୍ୟରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮ଟା ୪୫ ମିନିଟ୍ ସମୟରେ ଏହା ଶ୍ରୀବିଜୟପୁରମ୍‌ରୁ ଉଡ଼ାଣ ଆରମ୍ଭ କରି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ରଙ୍ଗହାଟ ଅଭିମୁଖେ ଯାଉଥିଲା। ବୈଷୟିକ ତ୍ରୁଟି ଦେଖାଦେବାରୁ





ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ମାୟାବୁନ୍ଦର ନିକଟ ସମୁଦ୍ରରେ ଜରୁରୀ ଅବତରଣ ବେଳେ ଖସିପଡ଼ିଥିବା ପୱନହଂସ ହେଲିକପ୍ଟରର ଭଗ୍ନାବଶେଷକୁ ପୋଲିସ କର୍ମଚାରୀ ଅନୁଧ୍ୟାନ କରୁଛନ୍ତି।

ପାଇଲଟ୍ ହେଲିକପ୍ଟରକୁ ସମୁଦ୍ର ମଧ୍ୟରେ କ୍ରାସ୍-ଲ୍ୟାଣ୍ଡିଂ କରାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦୁର୍ଘଟଣାର ତଦନ୍ତ ଜାରି ରହିଛି।

## ମଣିପୁର ବିସ୍ଥାପିତଙ୍କ ପାଇଁ ୫,୦୦୦ ପିଏମ୍ଏୱାଇ-ଜି ଗୃହ ମଞ୍ଜୁର

ନୂଆଦିଲ୍ଲୀ,୨୪।୨

ମଣିପୁର ଜାତିଗତ ହିଂସାରେ ବିସ୍ଥାପିତ ହୋଇଥିବା ପରିବାରଗୁଡ଼ିକ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ (ପିଏମ୍ଏୱାଇ-ଜି)ରେ ୫,୦୦୦ ଗୃହ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମ୍‌ଚାନ୍ଦ ସିଂ, ଉପମୁଖ୍ୟମନ୍ତ୍ରୀ ନେମ୍‌ଚା କିପ୍‌ଜେନ ଏବଂ ଲୋସି ଡିଖୋ ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର କୃଷି ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଭେଟିବା ପରେ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ବୈଠକ ବସି ୫୦୦୦ ଗୃହ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପୂର୍ବରୁ ମଣିପୁର ସରକାର ପିଏମ୍ଏୱାଇ-ଜିରେ ଗୃହ ମଞ୍ଜୁରୀ ନିମନ୍ତେ ପ୍ରସ୍ତାବ ପଠାଇଥିଲେ।

# ୫ ଶିଶୁଙ୍କ ସମେତ ୬ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ,୨୪।୨:** ଉତ୍ତରପ୍ରଦେଶର ମିରଟ୍ ସହରରେ ସୋମବାର ରାତିରେ ଏକ ଭୟାବହ ଅଗ୍ନିକାଣ୍ଡରେ ୫ ଶିଶୁଙ୍କ ସମେତ ୬ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଲିସାରି ଗେଟ୍ ଅଞ୍ଚଳର କିଦୱାଇ ନଗରର ଜଣେ କପଡ଼ା ବ୍ୟବସାୟୀଙ୍କ ତିନି ମହଲା ଆବାସିକ କୋଠାରେ ଅଚାନକ ନିଆଁ ଲାଗିଯାଇଥିଲା। ରାତି ପ୍ରାୟ ୯ଟା ବେଳେ ପ୍ରଥମେ ଭୂତଳ ପ୍ରକୋଷ୍ଠରୁ ନିଆଁ ଉଠି ମାତ୍ର ଅଳ୍ପ ସମୟ ମଧ୍ୟରେ ଏହା ଅନ୍ୟ କୋଠରିକୁ ବ୍ୟାପିଯାଇଥିଲା। ଏହି ପ୍ରକୋଷ୍ଠରେ ବହୁ ପରିମାଣରେ କପଡ଼ା ରହିଥିବାରୁ ନିଆଁ ସବୁଆଡ଼କୁ ବ୍ୟାପିଯାଇଥିଲା। ସେତେବେଳେ ପରିବାରର ପୁରୁଷ ଲୋକମାନେ ପ୍ରାର୍ଥନା ପାଇଁ ବାହାରକୁ ଯାଇଥିଲାବେଳେ ଘରେ କେବଳ ମହିଳା ଏବଂ ପିଲା ଥିଲେ। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ସେମାନେ ବାହାରକୁ ଆସିବା ସମ୍ଭବ ହୋଇ ନଥିଲା। ମୃତଙ୍କ ମଧ୍ୟରେ ୬ମାସର ଯମଜ ସନ୍ତାନ ଏବଂ ୩ ଶିଶୁଙ୍କ ସମେତ ଜଣେ ମହିଳା ରହିଥିବା କୁହାଯାଉଛି। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପୀଡ଼ିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଆମେରିକୀୟ ଯୁଦ୍ଧ ଜାହାଜରେ ଟଏଲେଟ୍ ୱାର୍

- ଶୌଚ ପାଇଁ ଅନେକ ଘଣ୍ଟାର ପ୍ରତୀକ୍ଷା
- ୮ ମାସ ହେଲା ଛୁଟି ନାହିଁ, ସୈନ୍ୟ ଭାରାକ୍ରାନ୍ତ

ୱାଶିଂଟନ୍,୨୪।୨


ଇରାନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆମେରିକା ମଧ୍ୟପ୍ରାଚ୍ୟରେ ଏହାର ବିଶାଳ ସେନା ମୁତୟନ କରିଛି। ଆଣବିକ ଶକ୍ତି ସମ୍ପନ୍ନ ଯୁଦ୍ଧ ଜାହାଜ ଆବ୍ରାହମ ଲିଙ୍କନ୍ ସମେତ ଅନ୍ୟ ୧୨ଟି ଡେଷ୍ଟ୍ରୟର ମଧ୍ୟ ଆରବସାଗରରେ ମୁତୟନ ହୋଇଛନ୍ତି। ଏହାଛଡ଼ା ବିଶ୍ୱର ସର୍ବବୃହତ୍ ଏବଂ ଶକ୍ତିଶାଳୀ ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଜେରାଲ୍ଡ ଆର୍ ଫୋର୍ଡ ମଧ୍ୟ ଇରାନ ଅଭିମୁଖେ ଯାତ୍ରା କରି ଭୂମଧ୍ୟସାଗର ଅତିକ୍ରମ କରିଛି। ଯଦି ଇରାନ ବିରୋଧରେ ଆମେରିକା ଯୁଦ୍ଧ ଆରମ୍ଭ କରେ, ତେବେ ଏହି ଦୁଇଟି ଜାହାଜ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କିନ୍ତୁ ଦୁଇଟି କାରଣରୁ ୟୁଏସ୍ଏସ୍ ଜେରାଲ୍ଡ ଆର୍ ଫୋର୍ଡରେ ସୈନ୍ୟଙ୍କ ମନୋବଳ ଯେଉଁଭଳି ରହିଛି, ସେମାନେ ଇରାନ ବିରୋଧୀ ଯୁଦ୍ଧରେ କେତେଦୂର ନିଷ୍ଠା ସହ ଲଢ଼େଇ କରିପାରିବେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ଶକ୍ତିଶାଳୀ ଯୁଦ୍ଧ ଜାହାଜରେ ଅନ୍ୟୂନ ୫ ହଜାରରୁ ଅଧିକ ସୈନ୍ୟ ମୁତୟନ ରହିଛନ୍ତି। ହେଲେ ଶୌଚ ପାଇଁ ଏହି ଜାହାଜର ଟଏଲେଟ୍ ବ୍ୟବସ୍ଥା



ଏବେ ବଡ଼ ସମସ୍ୟାର କାରଣ ପାଲଟିଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁସାରେ ଏହି ଜାହାଜରେ ୬୫୦ ଟଏଲେଟ୍ କାର୍ଯ୍ୟ କରୁନାହିଁ। ଯେଉଁଥିପାଇଁ ଶୌଚ ହେବାକୁ ସୈନ୍ୟଙ୍କୁ ଅନେକ ଘଣ୍ଟା ଅପେକ୍ଷା କରିବାକୁ ପଡ଼ୁଛି। ପ୍ରାୟ ୩୦ ବିଲିଅନ ଡଲାର( ୧ ଲକ୍ଷ ୨୦ ହଜାର କୋଟି ଟଙ୍କା) ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଜାହାଜରେ ଶୌଚ ପାଇଁ ସୁବ୍ୟବସ୍ଥା ରହିଛି। ହେଲେ ମରାମତି ଏବଂ ସମୟାନୁସାରେ ଦେଖାରେଖା ଅଭାବରୁ ଏହାର ଅଧିକାଂଶ ଟଏଲେଟ୍ କାର୍ଯ୍ୟ କରୁନାହିଁ। ଏହି ସମସ୍ୟା ଦୂର କରିବାକୁ ଜାହାଜର ଟେକ୍ନିସିଆନମାନେ ଅହରହ କାର୍ଯ୍ୟ କରୁଛନ୍ତି। ଏହାସତ୍ତ୍ୱେ ନାବିକ ଏବଂ ଟେକ୍ନିସିଆନଙ୍କ ମଧ୍ୟରେ ପ୍ରତ୍ୟେକ ଦିନ କଳହ ଲାଗି ରହୁଛି। ଏଭଳି ସ୍ଥିତି ସୈନ୍ୟଙ୍କ ପାଇଁ ବିରକ୍ତି ଓ କ୍ରୋଧର କାରଣ ପାଲଟିଛି। ଅନ୍ୟପକ୍ଷରେ ୟୁଏସ୍ଏସ୍ ଜେରାଲ୍ଡ ଆର୍ ଫୋର୍ଡ ଦୀର୍ଘ ୮ ମାସ ଧରି ସମୁଦ୍ରରେ ଯାତ୍ରା କରୁଥିବାରୁ ଏଥିରେ ମୁତୟନ ହୋଇଥିବା ସୈନ୍ୟଙ୍କ ଉଦାସୀନତା ବଢ଼ିବାରେ ଲାଗିଛି। ୨୦୨୫ ଜୁନ୍‌ରୁ ଆମେରିକା ଛାଡ଼ିଥିବା ଏହି ଯୁଦ୍ଧ ଜାହାଜ ଗତ ଜାନୁଆରୀରେ ଭେନେଜୁଏଲା ଅପରେଶନ୍‌ରେ ବଡ଼ ଭୂମିକା ନିଭାଇଥିଲା। ଏହାପରେ ଏହାର କର୍ମଚାରୀ ଏବଂ ନାବିକ ସ୍ୱଦେଶ ଫେରିପାରିବେ ବୋଲି ଭାବିଥିଲେ। କିନ୍ତୁ ପୁଣି ସେମାନଙ୍କୁ ଇରାନ ଅଭିମୁଖେ ଯିବାକୁ ପଡ଼ିଛି। ଏହି ଜାହାଜର ସର୍ବାଧିକ ନାବିକ ୨୦ରୁ ୨୨ ବର୍ଷ ମଧ୍ୟରେ ହୋଇଥିବାରୁ ଦୀର୍ଘ ୮ ମାସ ଧରି ସେମାନେ ନିଜ ପରିବାରଠାରୁ ଦୂରରେ ରହି ମାନସିକ ସ୍ତରରେ ଭାରାକ୍ରାନ୍ତ ହୋଇପଡ଼ିଛନ୍ତି। ଯଦି ଇରାନ ବିପକ୍ଷରେ ଆମେରିକା ଯୁଦ୍ଧ ଆରମ୍ଭ କରେ ତେବେ ଏହା ଅତିକମ୍‌ରେ ୭ ମାସ ଧରି ଚାଲିବ ବୋଲି ପ୍ରାକ୍‌ଆକଳନ କରାଯାଉଛି। କିନ୍ତୁ ସୈନ୍ୟଙ୍କ ଏଭଳି ମନୋବଳ ଏବଂ ମାନସିକତା ସେମାନଙ୍କୁ କେତେଦୂର ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିବାକୁ ଦେବ, ତାହା ପ୍ରଶ୍ନ ସୃଷ୍ଟି କରିଛି।

# ମୋ ସହ ଅଭିନୟ ପାଇଁ ନାୟିକାମାନେ ଇଚ୍ଛୁକ ନୁହନ୍ତି

ଏଭରଗ୍ରୀନ୍ ଅଭିନେତା ଅନିଲ କପୁର ଫିଲ୍ମ 'ସୁବେଦାର'ରେ ନଜର ଆସିବାକୁ ଯାଉଛନ୍ତି। ଏହି ଫିଲ୍ମରେ ସେ ଏକ ଶକ୍ତିଶାଳୀ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ପ୍ରଭାବଶାଳୀ ଟ୍ରେଲର ରିଲିଜ ହୋଇଛି। ଦର୍ଶକ ଏହାକୁ ପ୍ରଶଂସା କରୁଛନ୍ତି। ଟ୍ରେଲର ଲଞ୍ଚରେ ଅନିଲ କପୁର ନାୟିକାମାନଙ୍କ ସହ କାମକରିବା ନେଇ ଖୋଲାଖୋଲି ନିଜ ମତ ରଖିଥିଲେ। 'ସୁବେଦାର'ର ଟ୍ରେଲର ଲଞ୍ଚରେ ଅନିଲ ମଜାକିଆ ଢଙ୍ଗରେ କହିଥିଲେ, ଆଜିକାଲି କୌଣସି ନାୟିକା ମୋ ସହ କାମ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନେ କେବଳ ୟଙ୍ଗ୍ ଆକ୍ଟରଙ୍କ ସହ କାମ କରିବାକୁ ଚାହାନ୍ତି। ସିନିୟର ନାୟିକାମାନେ ମଧ୍ୟ ମୋ ସହ କାମ କରିବାକୁ ଇଚ୍ଛୁକ ନୁହନ୍ତି। ତେଣୁ ଭାବୁଛି କ'ଣ କରିବି। ପ୍ରକୃତରେ ଏହା ମୋ ପାଇଁ ଦୁଃଖଦାୟକ। ସୁରେଶ ତ୍ରିବେଣୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସୁବେଦାର' ମାର୍ଚ୍ଚ ୫ରେ ମୁକ୍ତିଲାଭ କରିବ।



ଅନିଲ କପୁର

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୫/୨୦୨୬ | Bhubaneswar, Wednesday, February 25/2026





ରୁଷିଆର ୟୁକ୍ରେନ ଆକ୍ରମଣକୁ ମଙ୍ଗଳବାର ୪ବର୍ଷ ପୂରିଥିବାବେଳେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ କିଭ୍‌ରେ ୟୁକ୍ରେନୀୟ ପିଲାମାନେ ଫୁଲ ଧରି ଛିଡ଼ା ହୋଇଛନ୍ତି।

# ଏସ୍‌ଓପିକୁ ଅନୁମୋଦନ, ଗଣତିମଣତି ପାଇଁ ୨ ଟିମ୍

**ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)**

## ରତ୍ନଭଣ୍ଡାର: ୧୯୭୮ର ଅଳଙ୍କାର ତାଲିକା ସହ ହେବ ମେଳକ

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବା ବେଳେ ଏହାକୁ ରାଜ୍ୟ ସରକାର ମଙ୍ଗଳବାର ଅନୁମୋଦନ କରିଛନ୍ତି। ଏସ୍‌ଓପି ଅନୁଯାୟୀ, ମହାପ୍ରଭୁଙ୍କର ସମସ୍ତ ରତ୍ନ ଅଳଙ୍କାରର ଗଣତି ମଣତି କରାଯିବ। ୧୯୭୮ ମସିହାରେ ହୋଇଥିବା ଗଣତିର ତାଲିକା ଅନୁସାରେ ମେଳକ କରାଯିବ। ଏ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ କୁମାର ସିଂ, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଏଏସ୍‌ଆଇ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ନିମନ୍ତେ ଯାହା ଏସ୍‌ଓପି ପ୍ରସ୍ତୁତ କରାଯାଇଥିଲା, ତାହାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି।

☞ପୃଷ୍ଠା–୪






# ଟାରିଫ୍ ଅନିଶ୍ଚିତ, ବଜାର ଧରାଶାୟୀ

- **ସେନ୍‌ସେକ୍ସ ଖସିଲା ୧,୦୬୮ ପଏଣ୍ଟ**
- **ନିବେଶକ ହରାଇଲେ ୪.୬ ଲକ୍ଷ କୋଟି**
- **ପୁଣି ଦୁର୍ବଳ ହେଲା ଭାରତୀୟ ମୁଦ୍ରା**
- **୧ ଡଲାର=୯୦.୯୫ ଟଙ୍କା**

ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍‌କୁ ବେଆଇନ ଦର୍ଶାଇ ରଦ୍ଦ କରିବା ପରେ ମଧ୍ୟ ଆମଦାନୀ ଶୁଳ୍କକୁ ନେଇ ଚାଲିଥିବା ବିବାଦର ଅବସାନ ଘଟିନାହିଁ। ସୁପ୍ରିମକୋର୍ଟଙ୍କ ରାୟକୁ ଆଳକରି କେତେକ ଦେଶ ଟ୍ରମ୍ପଙ୍କ ଦ୍ୱାରା ନିର୍ଦ୍ଧାରିତ ଆମଦାନୀ ଶୁଳ୍କ ଦେବା ପାଇଁ ରାଜି ହେଉନାହାନ୍ତି। ଭାରତ କଥା ଦେଖିଲେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୧୮% ଟାରିଫ୍ ଲଗାଇବା ଆଧାରରେ ଟ୍ରେଡ୍ ଡିଲ୍ ହେବ ବୋଲି ଟ୍ରମ୍ପ ଶୁକ୍ରବାର ସ୍ପଷ୍ଟ କରିଥିଲେ। ଏହା ପରେ ଟ୍ରମ୍ପ କହିଛନ୍ତି, ଯେଉଁ ଦେଶଗୁଡ଼ିକ ସୁପ୍ରିମକୋର୍ଟ ରାୟକୁ ଆଳକରି କମ୍ ଆମଦାନୀ ଶୁଳ୍କ ଦେବାକୁ କିମ୍ବା ଟ୍ରେଡ୍ ଡିଲ୍‌ରୁ ଓହରିବାକୁ ଚାହୁଁଛନ୍ତି ସେମାନଙ୍କ ଉପରେ ଆହୁରି ଉଚ୍ଚ ଟାରିଫ୍ ଲଦାଯିବ। ଟ୍ରମ୍ପଙ୍କ ଏହି ଚେତାବନୀର ପ୍ରଭାବ ଭାରତ ସମେତ ଅନେକ ଦେଶର ପୁଞ୍ଜିବଜାର ଉପରେ ପଡ଼ିଛି। ମଙ୍ଗଳବାର ଟ୍ରେଡିଂ ସେସନ୍‌ରେ ସେନ୍‌ସେକ୍ସ ୧,୦୬୯ ପଏଣ୍ଟ (୧.୨୮%) ହ୍ରାସ ପାଇ ୮୨,୨୨୫.୯୨କୁ ଖସିଥିବାବେଳେ ନିଫ୍ଟି୫୦ରେ ୨୮୮ ପଏଣ୍ଟ (୧.୧୨%) ହ୍ରାସ (୨୫,୪୨୪) ପରିଲକ୍ଷିତ ହୋଇଛି। ଏଥିଯୋଗୁ ଦିନକର କାରବାର ଭିତରେ ନିବେଶକମାନେ ୪.୬ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ଟାରିଫ୍‌କୁ ନେଇ ଅନିଶ୍ଚିତତା ଦୂରହୋଇ ନ ଥିବାରୁ ଭାରତୀୟ ମୁଦ୍ରାରେ ପୁଣି ଦୁର୍ବଳତା ଦେଖାଦେଇଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦.୯୫କୁ ଖସିଛି। ଏହି ଅନିଶ୍ଚିତତା ଲାଗିରହିଲେ ସାନି ଭୋଲାଟିଲିଟି (ବଜାରରେ ଉଠାପକାଜନିତ ବିପଦ) ଭାରତୀୟ କରେନ୍ସିକୁ ଖୁବ୍ ଶୀଘ୍ର ୯୧ ଟଙ୍କା ପର୍ଯ୍ୟନ୍ତ ଟାଣିନେବ ବୋଲି ଇଣ୍ଟରବ୍ୟାଙ୍କ ଏକ୍ସଚେଞ୍ଜ ବିଶେଷଜ୍ଞମାନେ ମତ ଦେଇଛନ୍ତି।

**ୱାଶିଂଟନ୍/ମୁମ୍ବାଇ,୨୪।୨ (ବ୍ଲୁମ୍‌ବର୍ଗ/ଏଜେନ୍ସି)**

ଯଆମେରିକା ସହ ଭାରତର ଟ୍ରେଡ୍ ଡିଲ୍‌କୁ ନେଇ ଅନିଶ୍ଚିତତା ସାଙ୍ଗକୁ ଦୁର୍ବଳ ବୈଶ୍ୱିକ ସଙ୍କେତ ଯୋଗୁ ମଙ୍ଗଳବାର ସେନ୍‌ସେକ୍ସ ଓ ନିଫ୍ଟି ୫୦ ଯଥାକ୍ରମେ ୧.୨୮% ଏବଂ ୧.୧୨% ତଳକୁ ଖସିଛି। ମିଡ୍ କ୍ୟାପ୍ ଓ ସ୍ମଲ୍ କ୍ୟାପ୍ ଇଣ୍ଡାଇସେସ୍ କାରବାର ମଧ୍ୟ ନେଗେଟିଭ୍ ଟେରିଟୋରିରେ ଶେଷ ହୋଇଛି। ଏହି କାରଣରୁ ନିବେଶକମାନେ ୪.୬ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ସୁପ୍ରିମକୋର୍ଟଙ୍କ ଟାରିଫ୍ ରଦ୍ଦ ରାୟ ପରେ ଦେଇଥିବା ଚେତାବନୀକୁ ମାର୍କେଟ ଧରାଶାୟୀ ହେବାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି।



ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଟ୍ରେଡ୍ ଏକ୍ସପାନ୍‌ସନ୍ ଆଇନ, ୧୯୬୨ର ଧାରା ୨୩୨ର ପ୍ରୟୋଗ କରି ସୁପ୍ରିମକୋର୍ଟଙ୍କ ରାୟକୁ ପଲଟାଇବା ପାଇଁ ଯୋଜନା କରୁଛି। କେବଳ ଏତିକି ନୁହେଁ, ଟ୍ରମ୍ପ ନିଜେ ମଧ୍ୟ ଆମେରିକା ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକୁ ଖୋଲା ଚେତାବନୀ ଦେଇଛନ୍ତି। ଯେଉଁ ଦେଶଗୁଡ଼ିକ ସୁପ୍ରିମକୋର୍ଟ ରାୟ ସପକ୍ଷରେ ଯାଇ ଟାରିଫ୍ ହ୍ରାସ ପାଇଁ ମୂଳଚାଲ କରିବାକୁ ଅଗଭର ହେଉଛନ୍ତି କିମ୍ବା ପୂର୍ବରୁ ସମ୍ପନ୍ନ ହୋଇସାରିଥିବା ଟ୍ରେଡ୍ ଡିଲ୍‌କୁ ଦୁର୍ବଳ କରିବାକୁ ଚିନ୍ତା କରୁଛନ୍ତି, ସେହି ରାଷ୍ଟ୍ରଗୁଡ଼ିକ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଆହୁରି ଉଚ୍ଚ ଟାରିଫ୍‌ର ସମ୍ମୁଖୀନ ହୋଇପାରନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଚେତାବନୀ ପରେ ଆଇଟି ସେକ୍ଟରର ଷ୍ଟକ୍ସ ସର୍ବାଧିକ ପ୍ରଭାବିତ ହୋଇଛି। ଏତିକି ନୁହେଁ, ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ ଦୁର୍ବଳ ହୋଇଛି। ସୋମବାର କାରବାର ବେଳେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୦.୯୫କୁ ଖସିଥିବାବେଳେ ଦିନେ ଦୁଇଦିନ ମଧ୍ୟରେ ଏହା ୯୧କୁ ଖସିବା ଅନୁମାନ କରାଯାଉଛି। ସବୁଠୁ ଖରାପ ପ୍ରଦର୍ଶନ କରୁଥିବା ଏସୀୟ ମୁଦ୍ରା ଟଙ୍କା ଚାପଗ୍ରସ୍ତ ହୋଇଯାଇଥିବାରୁ ଏହାର ଗତିବିଧି ଉପରେ ବଜାର ନଜର ରଖିଛି।

# ଦାଦନ ଯାଇ ପୂର୍ବତନ ସରପଞ୍ଚ ନିଖୋଜ

**ସୋରଡା,୨୪।୨(ରଜନୀ ମହାପାତ୍ର)**

ଗଞ୍ଜାମ ଜିଲାରୁ ହଟୁନି ଦାଦନ ଦୁଃଖ। ବାହାର ରାଜ୍ୟକୁ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରିବାକୁ ଯାଇ କିଏ ନିର୍ଯାତିତ ହୋଇ ଫେରୁଛି ତ' କିଏ ନିଖୋଜ ହୋଇଯାଉଛି। ଆଉ କାହାର ମୃତଦେହ ଆସୁଛି ଭିଟାମାଟିକୁ। ଏପରି ଦାଦନ ଖଟିବାକୁ ଯାଇ ଜଣେ ପୂର୍ବତନ ସରପଞ୍ଚ ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି ସୋରଡ଼ା ବ୍ଲକ ଗୋପାଳପୁର ଶାସନ ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ ମଲିକ। ଇତି ମଧ୍ୟରେ ୮ଦିନ ବିତି ଯାଇଥିଲେ ସୁଦ୍ଧା ତାଙ୍କ ସମ୍ପର୍କରେ କିଛି ସୁରାକ ମିଳିପାରିନାହିଁ। ଏନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ଖବରରୁ ପ୍ରକାଶ, ଗୋପାଳପୁର ଶାସନ ପଞ୍ଚାୟତର ପଞ୍ଚାନନ ପରିବାର ଚଳାଇବା ପାଇଁ ତାମିଲନାଡୁର ଚେନ୍ନାଇକୁ ଗ୍ରାମର ବାବୁଲା ମଲିକଙ୍କ ସହ ଗତ ୧୬ ତାରିଖରେ ଯାଇଥିଲେ। ତେବେ ସେଠାରେ ସେ ଅସୁସ୍ଥ ହୋଇପଡ଼ିବାରୁ ପୁଣି ବାବୁଲାଙ୍କ ସହ ଗ୍ରାମକୁ ଫେରୁଥିଲେ। ଆନ୍ଧ୍ର ପ୍ରଦେଶର ରେନିଗୁଣ୍ଟା ଷ୍ଟେଶନରେ ସେ ଓହ୍ଲାଇଥିଲେ। ପରେ ପଞ୍ଚାନନ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବାବୁଲା ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ଗ୍ରାମକୁ ଆସି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ସୋରଡା ଥାନାରେ ଅଭିଯୋଗ କରିଛନ୍ତି। ପଞ୍ଚାନନଙ୍କ ପୁଅ ନାରାୟଣ ଓ ବାବୁଲା ପୁଣି ଥରେ ତାଙ୍କୁ ଖୋଜିବା ଆରମ୍ଭ କରିଛନ୍ତି। ବାବୁଲା ଏ ସମ୍ପର୍କରେ ରେନିଗୁଣ୍ଟା ଜିଆର୍‌ପିରେ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମବିଭାଗକୁ ଅବଗତ କରାଯାଇଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପରିବାର ଲୋକଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ପଞ୍ଚାନନ ୨୦୦୭ରେ ସମିତି ସଭ୍ୟ ଓ ୨୦୧୨ରେ ସରପଞ୍ଚ ଭାବେ ଗୋପାଳପୁର ଶାସନ ପଞ୍ଚାୟତର ଦାୟିତ୍ୱ ତୁଲାଇଥିଲେ।



ପଞ୍ଚାନନ ମଲିକ




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମୋକ୍ଷ ଅନୁଷ୍ଠାନ ପକ୍ଷରୁ ପ୍ରଥମ କଳ୍ପନା ଓଡ଼ିଶୀ ଡ୍ୟାନ୍ସ କୋରିଓଗ୍ରାଫି, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

**କଟକ**
- କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୋଭାଯାତ୍ରା ଓ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଏସ୍‌ସିବି ମେଡିକାଲ କଲେଜ ଜୁନିୟର ଡାକ୍ତର ସଂଘର ବାର୍ଷିକ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ସେଣ୍ଟ୍ରାଲ ଅଡିଟୋରିୟମ, ଏସ୍‌ସିବି ପରିସର, ସମୟ: ଅପରାହ୍ନ ୨ଟା ୩୦ ।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଅନିମା କର ପ୍ରାୟୋଜିତ ନାଟକ ଆପଣା ସୁନା ତ ଭେଣ୍ଡି ପରିବେଷଣ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ।

**ବାଲେଶ୍ୱର**
- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନ, ସ୍ଥାନ: ବାରାପାଳ ପୂଜା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା ।
- ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା ।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଯକ୍ଷ୍ମା ରୋଗୀଙ୍କୁ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

**ଭଦ୍ରକ**
- ମା' ତାରାଶୁଣୀଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ, ସ୍ଥାନ: ଆଟୋ, ସାବରଙ୍ଗ, ଭଦ୍ରକ, ସମୟ: ସକାଳ ୯ଟା ।
- ରାଜ୍ୟସ୍ତରୀୟ ଯୁବ ଲେଖକ ସାମ୍ମୁଖ୍ୟର ପରିବର୍ଦ୍ଧିତ ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସଡ଼କ ସୁରକ୍ଷା କମିଟିର ୪୮ତମ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦୁଝର**
- ଆନନ୍ଦପୁର ବ୍ଲକ ବିରିଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା ।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା ।
- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ଶଯ୍ୟାଭିଷେକ ଅଧିବାସ, ସ୍ଥାନ:ମା' ଭୈରବୀ ପୀଠ ପରିସର, ମଧୁବନ, ବାରିପଦା,ସମୟ: ଅପରାହ୍ନ ୫ଟା ।

**ବ୍ରହ୍ମପୁର**
- ବିଇଏମ୍‌ସିର ସାଧାରଣ ବୈଠକ, ସ୍ଥାନ: ବିଇଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା ।

**ଢେଙ୍କାନାଳ**
- ମହାପ୍ରଭୁଙ୍କ ପ୍ରତିହାରୀ ହଡ଼ପ ନାୟକ ସେବା, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡ଼ାପଡ଼ା, ସମୟ: ସକାଳ ୯ଟା ।

**ଅନୁଗୋଳ**
- ବରଗଡ଼ ଓ କନ୍ଧମାଳ ମଧ୍ୟରେ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ,ସମୟ: ଅପରାହ୍ନ ୩ଟା ।

**କେନ୍ଦ୍ରାପଡ଼ା**
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗଡାନଇ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ଏନ୍‌ଏସ୍‌ଏସ୍ ୟୁନିଟ ଓ ମାଇଁ ଭାରତ ପକ୍ଷରୁ ବିକଶିତ ଭାରତ ଯୁବ ସଂସଦ ୨୦୨୫-୨୬ର ଆଲୋଚନା ଚକ୍ର, ସ୍ଥାନ: ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣି, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ମା' ମଙ୍ଗଳା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ମହାଯଜ୍ଞ, ସ୍ଥାନ: ସାହାବାଜପୁର, ବିଜୟନଗର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବାବା ବଳିଆଙ୍କ ହରି କଥାମୃତ, ସ୍ଥାନ: ଡିହବଳରାମପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀସଚ୍ଚିଦାନନ୍ଦ ମହୋତ୍ସବ ଓ ଶ୍ରୀଜଗନ୍ନାଥ ସେବା ସମ୍ମାନ, ସ୍ଥାନ: ବଟିରା ଯାତ୍ରାଗଡ଼ା, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।

**ଯାଜପୁର**
- ଅଖିଳ ଚକ୍ର ପକ୍ଷରୁ ପୂର୍ବ ଯାଜପୁରର ସାଂସ୍କୃତିକ ପରମ୍ପରା ସଂକ୍ରାନ୍ତରେ ଆଲୋଚନା ଚକ୍ର, ସ୍ଥାନ: ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦ ।
- ଛତିଆ ରଜଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛତିଆ ଫୁଟବଲ ପଡିଆ, ସମୟ:ସନ୍ଧ୍ୟା ୬ଟା ।

**ନୟାଗଡ଼**
- ଜାମାଲାଗି ବେଶର ୩୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନରେ ପଞ୍ଚବଟି ନିବାସ, ସୀତା ଚୋରି, ରାବଣ ଯଟାୟୁ ଯୁଦ୍ଧ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ ।
- ରଘୁନାଥ ଜୀଉଙ୍କର ନୂତନ ମନ୍ଦିର, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠାର ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା ସହସ୍ର ନାମରେ ଆହୁତି, ଭଜନ ସମାରୋହ, ସ୍ଥାନ: ନୟାଗଡ଼ ବ୍ଲକ ରାଜପାଟଣା, ସମୟ:ସକାଳ ୭ରୁ ରାତ୍ର ୧୦ ।
- ବିଶ୍ୱଶାନ୍ତି ଶୈବଯଜ୍ଞର ୩ୟ ଦିବସରେ ଆହୁତି ପ୍ରଦାନ, ନାମ ସଂକୀର୍ତ୍ତନ ଓ ରାମ ନାଟକରେ ଇନ୍ଦ୍ରଜିତ ବଧ, ସ୍ଥାନ: ଓଡଗାଁ ବ୍ଲକର ବରସାହିସ୍ଥ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସମୟ: ସକାଳ ୭ରୁ ରାତ୍ର ୧୦ ।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିରର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରତିଷ୍ଠା ଉତ୍ସବ ଅବସରରେ ସୂର୍ଯ୍ୟପୂଜା, ମନ୍ଦିର ସ୍ନାନ, ଅଗ୍ନିସ୍ଥାପନ, ଚଣ୍ଡୀପାଠ ଓ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷୀଣକାଳୀ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ମଣ୍ଡଳକରଣ, ଜଳଯାତ୍ରା,ପୂଜା ଓ ସଂକୀର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ଫ୍ରେଣ୍ଡସ୍ ପାରାଡାଇଜ୍ ଫୁଟ୍‌ବଲ କ୍ଲବ ଜଟଣୀ ବନାମ ରକି ସ୍ପୋର୍ଟିଂ ବଉଦ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା ।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ଼ ବ୍ଲକର ପଲ୍ଲୀଶାସନ, ସମୟ: ସନ୍ଧ୍ୟା ୬ଟା ।

**କୋରାପୁଟ**
- ଭିବି ଜି ରାମ ଜି ଯୋଜନା ସମ୍ପର୍କିତ ସାଧାରଣ ସଭା, ସ୍ଥାନ: କୋଟପାଡ଼ ଦଶହରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦ ।
- ସମ୍ବଲପୁର ସେଲିବ୍ରିଟି ଲିଗ୍ -୨୦୨୬ ଅନ୍ତିମ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

**ରାଉରକେଲା**
- ଜାଗର ମେଳାର ୧୧ତମ ଦିବସ, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ସକାଳ ୮ଟା ।
- ଆର୍‌ଏସ୍‌ପି ସହରସେବା ବିଭାଗ ଓ ଏଚ୍‌ଆର ବିଭାଗ ମଧ୍ୟରେ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଯୁବ ସାଂସଦ ପ୍ରତିଯୋଗିତା, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବର୍ଣ୍ଣାଳି କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସର ବ୍ଲକସ୍ତରୀୟ ବୈଠକ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆର୍‌ଏସ୍‌ପି ଆୟୋଜିତ ନାଟକ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

**ବୌଦ୍ଧ**
- କିର୍ଲା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: କିର୍ଲା ଗ୍ରାମ ମଣ୍ଡପ, କଣ୍ଟାମାଳ ବ୍ଲକ, ସମୟ: ଅହୋରାତ୍ର ।

**ଦେବଗଡ଼**
- ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ତରଭା ସହର କୁମ୍ଭାରପଡା ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା ।

**ନୂଆପଡ଼ା**
- ଜିଲାସ୍ତରୀୟ ବିକାଶ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା ।
- ଖରିଆର ରୋଡ୍ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଗୋଟମା ସୀମାନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ଅଲେଖ ମହିମା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ ବାବାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

# ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୨୪।୨(ବନ୍ଦନା ସେଠୀ)**

- ■ ଯଶିପୁରରେ ସର୍ବାଧିକ ୪୦.୪ ମି.ମି.
- ■ ଭୁବନେଶ୍ୱରରେ ହୋର୍ଡିଂ ଭାଙ୍ଗିପଡ଼ି ଜଣେ ମୃତ

ଓଡ଼ିଶାର ଉତ୍ତର-ଉପକୂଳ ଏବଂ ଏହାର ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ୧.୫କି.ମି. ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଅପରାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ଘଣ୍ଟାଏ କାଳ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଦିନସାରା ପାଗ ଠିକ୍ ଥିଲା, ମାତ୍ର ଅପରାହ୍ନ ୫ଟା ବେଳକୁ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସି ପ୍ରବଳ ବର୍ଷା ହୋଇଥିଲା। ଘଡ଼ଘଡ଼ି ସାଙ୍ଗକୁ ଜୋରରେ ପବନ ବହିଥିଲା। କେତେକ ସ୍ଥାନରେ ଗଛ ଭାଙ୍ଗିଥିବାବେଳେ ରାସ୍ତାଘାଟରେ ପାଣି ଜମିରହିଥିଲା। ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ପବନରେ ହୋର୍ଡିଂ ଭାଙ୍ଗିପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। କଟକ ସମେତ ଅନ୍ୟାନ୍ୟ ଜିଲାରେ ମଧ୍ୟ ଅନୁରୂପ ଭାବେ ବର୍ଷା ପବନ ହୋଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ମୟୂରଭଞ୍ଜ ଜିଲାର ଯଶିପୁରରେ ସର୍ବାଧିକ ୪୦.୪ ମି.ମି. ବର୍ଷା ଏବଂ ଭୁବନେଶ୍ୱରରେ ୧୭.୬ ମି.ମି ବର୍ଷା ରେକର୍ଡ ହୋଇଥିବା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝର ଜିଲାର ଚମ୍ପୁଆରେ ୨୯.୪ ମି.ମି., ଗଜପତି ଜିଲା ଆର୍.ଉଦୟଗିରିରେ ୨୮.୨ମି.ମି., ମୟୂରଭଞ୍ଜ ଜିଲାର ନୱାନାରେ ୧୮.୨ ମି.ମି., କୋରାପୁଟରପଟ୍ଟାଙ୍ଗୀରେ ୧୧.୨ମି.ମି., ମୟୂରଭଞ୍ଜର ବାଲିମୁଣ୍ଡାଳୀରେ ୯.୬ ମି.ମି., ସମ୍ବଲପୁରର ବୁର୍ଲାରେ ୭.୮ମି.ମି., ନୂଆପଡ଼ାର ସିନାପଲ୍ଲୀରେ ୯.୬ମି.ମି., ବରଗଡ଼ରେ ୫.୬ମି.ମି. ଏବଂ ମୟୂରଭଞ୍ଜର ଜି.ବି.ନଗରଠାରେ ୫ମି.ମି. ବର୍ଷା ରେକର୍ଡ ହୋଇଛି।

ଅପରପକ୍ଷେ ଆସନ୍ତା ୩ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ଡିଗ୍ରୀ କମିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବୁଧବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ଘଣ୍ଟା ମଧ୍ୟରେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୪ଡିଗ୍ରୀ ରହିଥିବାବେଳେ ସମତଳ ଅଞ୍ଚଳ ଭାବେ କୋରାପୁଟରେ ୧୫.୬ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିଠାରେ ୩୬.୬ଡିଗ୍ରୀ ରେକର୍ଡ ହୋଇଛି।

# ସ୍ୱଚ୍ଛ ନିର୍ବାଚନ ପରିଚାଳନାକୁ 'ଇସିଆଇ'ଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୪।୨(ରବିନାରାୟଣ ଜେନା)**

**ଭାରତ ମଣ୍ଡପମ୍‌ରେ ଜାତୀୟ ସମ୍ମିଳନୀ**

ଦେଶର ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼,ସ୍ୱଚ୍ଛ କରିବା ସହିତ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟରେ ସୁ-ସମନ୍ୱୟ ରକ୍ଷା ଦିଗରେ କାର୍ଯ୍ୟ କରିବା ଲାଗି ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଜ୍ଞାନେଶ କୁମାର କହିଛନ୍ତି, ୧୯୯୯ ପରେ ଅର୍ଥାତ୍ ଦୀର୍ଘ ୨୬ ବର୍ଷ ବ୍ୟବଧାନରେ ଏଭଳି ଏକ ବୃହତ୍ ସମ୍ମିଳନୀ ଆୟୋଜିତ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ, ନିର୍ବାଚନ ପରିଚାଳନା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କ୍ଷେତ୍ରରେ କେନ୍ଦ୍ରୀୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ କମିଶନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା। ସମସ୍ତ ନିର୍ବାଚନ ସଂସ୍ଥା ମଧ୍ୟରେ ସହଯୋଗ ବୃଦ୍ଧି କରି ସଂଘୀୟ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାକୁ ହେବ ବୋଲି ଜ୍ଞାନେଶ କୁମାର କହିଥିଲେ।

ସେହିପରି ନିର୍ବାଚନ ପ୍ରକ୍ରିୟାରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାରକୁ ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଥିଲା। ଡିଜିଟାଲ ପ୍ଲାଟଫର୍ମ 'ଇସିଆଇନେଟ୍' ଉପରେ ଏକ ସ୍ୱତନ୍ତ୍ର ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇ ଏହାର ବ୍ୟବହାର ଉପରେ ଆଲୋକପାତ କରାଯାଇଥିଲା। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ର ସ୍ୱଚ୍ଛତା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୈଷୟିକ ବିଶେଷଜ୍ଞମାନେ ସବିଶେଷ ତଥ୍ୟ ରଖିଥିଲେ। ଏଥି ସହିତ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଏହାକୁ ଅଧିକ ଠିକ୍ କରିବା ପାଇଁ ନୂତନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମ୍ମିଳନୀରେ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ଡ. ବିବେକ ଯୋଶୀଙ୍କ ସହିତ ଓଡ଼ିଶାରୁ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ ଏବଂ ସମସ୍ତ ରାଜ୍ୟର ଆୟୁକ୍ତ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଯୋଗଦେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଖଇର ନ ଥାଇ ପାନ,**
**ହାକିମ ନ ଥାଇ ତାନ,**
**ପର ପୁଅଠାରେ ମାନ ।**

ସାଧାରଣତଃ ଖଇର ପଡ଼ି ନ ଥିବା ପାନ ପାଟିକୁ ସେତେଟା ଭଲ ଲାଗି ନ ଥାଏ। ସେହିପରି ହାକିମ ବା ପଦାଧିକାରୀ ନ ହୋଇ ତାନ ଦେଖାଇଲେ ତାକୁ କେହି ଗୁରୁତ୍ୱ ନ ଦେବା ଭଳି ପର ପୁଅଠାରେ କୌଣସି ପ୍ରକାରର ମାନ ଅଭିମାନ ଶୋଭା ପାଇ ନ ଥାଏ। ଅବସ୍ଥା ଚକ୍ରରେ ଏସବୁ ନିରର୍ଥକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖୋଳ ପର୍ବତ ମାର ମୂଷା।**

ମୂଷା ମାରିବା ପାଇଁ ପର୍ବତ ଖୋଳିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାମାନ୍ୟ ଫଳପ୍ରାପ୍ତି ପାଇଁ ବହୁ ପରିଶ୍ରମ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଭାରତରେ ବିଶ୍ୱର...

ମୂଳୋତ୍ପାଟନରେ ଏଚ୍‌ପିଭି ଟିକାକରଣ ବୈଶ୍ୱିକ ରଣନୀତିର ମୁଖ୍ୟ ସ୍ତମ୍ଭ ବୋଲି ଡବ୍ଲ୍ୟୁଏଚ୍‌ଓ କହିଥିଲା। ଖୋଲା ବଜାରରେ କ୍ୱାଡ୍ରିଭାଲେଣ୍ଟ ଗାର୍ଡାସିଲ୍-୪ର ୨ ଡୋଜ୍ ବିଶିଷ୍ଟ ଟିକା ଉପଲବ୍ଧ ଏବଂ ପ୍ରତି ଡୋଜ୍‌ର ଦାମ୍ ୩,୯୨୭ ଟଙ୍କା ରହିଛି, ଯାହାକୁ ୧୫ ବର୍ଷରୁ କମ୍ ବୟସର ଝିଅଙ୍କୁ ଦିଆଯାଇପାରିବ। ୧୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କ ପାଇଁ ଉକ୍ତ ଟିକାର ୩ଟି ଡୋଜ୍ ଆବଶ୍ୟକ। ଏମ୍‌ଏସ୍‌ଡି ଇଣ୍ଡିଆ ଏହି ଟିକା ପ୍ରସ୍ତୁତ କରୁଛି। ଜାତୀୟ କାର୍ଯ୍ୟକ୍ରମ ଅଧୀନରେ ଏହି ଟିକାକରଣ ସ୍ୱେଚ୍ଛାକୃତ ଏବଂ ମାଗଣା ହେବ। ଠିକ୍ ବୟସରେ ପ୍ରତିକାର କରାଗଲେ ଏହା କର୍କଟ ବିରୋଧରେ ଜୀବନବ୍ୟାପୀ ସୁରକ୍ଷା ଦେବ ଏବଂ ଦେଶରେ ସର୍ଭିକାଲ କ୍ୟାନ୍ସରର ଭବିଷ୍ୟତ ବୋଝକୁ ଯଥେଷ୍ଟ ଲାଘବ କରିବ। ୨୦୦୬ରେ ଉକ୍ତ ଟିକା ପ୍ରଥମେ ଆସିବା ପରଠାରୁ ବିଶ୍ୱବ୍ୟାପୀ ଏହାର ୫୦ କୋଟିରୁ ଅଧିକ ଡୋଜ୍ ଦିଆଗଲାଣି। ତେଣୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ରେକର୍ଡ ରହିଛି। ପର୍ଯ୍ୟାପ୍ତ ଟିକାକରଣ ଯୋଗୁ ବିଭିନ୍ନ ଦେଶରେ ଏଚ୍‌ପିଭି ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଭାରତରେ ଏହି ଟିକାକରଣ ଆରମ୍ଭ ହେବା ପରେ ଏହା ବିଶ୍ୱରେ ଟିକାକରଣ କରିଥିବା ୧୬୦ ଦେଶ ମଧ୍ୟରେ ସାମିଲ ହେବ। ୯୦ରୁ ଉର୍ଦ୍ଧ୍ୱ ଦେଶ ଏକକ ଡୋଜ୍ ବିଶିଷ୍ଟ ଏଚ୍‌ପିଭି ଟିକାକରଣକୁ ଆପଣାଇଛନ୍ତି। ସର୍ଭିକାଲ କ୍ୟାନ୍ସର ରୋକିବାରେ ଏହା ୯୩ରୁ ୧୦୦ ପ୍ରତିଶତ ଫଳପ୍ରଦ ବୋଲି ପ୍ରମାଣିତ ହୋଇଛି। ଭାରତରେ ଦେଶବ୍ୟାପୀ ହେବାକୁ ଥିବା ଏହି ଟିକାକରଣ 'ସ୍ୱସ୍ଥ ନାରୀ' ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ ସଫଳତା ହେବ, ଯାହା ମହିଳା ସ୍ୱାସ୍ଥ୍ୟସେବାର ମୂଳଦୁଆ ଭାବେ ସୁରକ୍ଷା, ପ୍ରତିକାର ଏବଂ ସମାନତାକୁ ସୁନିଶ୍ଚିତ କରିବ।

## ୧୪୦ କୋଟି ଭାରତୀୟଙ୍କ...

ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଆହୁରି ସଂକଳ୍ପ ନିଆଯାଇଛି ଯେ, ସେବାତୀର୍ଥରୁ ପରିଚାଳିତ ଶାସନର ପ୍ରତ୍ୟେକ ପ୍ରୟାସ ଦେଶର ଶେଷ ବ୍ୟକ୍ତିଙ୍କ ଜୀବନକୁ ସରଳ କରିବା ଭାବନା ସହିତ ଜଡ଼ିତ ରହିବ। ନୂତନ ସୌଧରେ ନିଆଯିବାକୁ ଥିବା ପ୍ରତ୍ୟେକ ନିଷ୍ପତ୍ତି ୧୪୦ କୋଟି ନାଗରିକଙ୍କ ପ୍ରତି ସେବା ଭାବନା ସହ ଅନୁପ୍ରାଣିତ ହେବ ଏବଂ ରାଷ୍ଟ୍ର ନିର୍ମାଣ ବୃହତ୍ ଲକ୍ଷ୍ୟ ସହ ଯୋଡ଼ି ହୋଇରହିବ। ଆମ ଦୃଷ୍ଟିକୋଣ ଅନୁଯାୟୀ, ଆମେ ଏପରି ଏକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବୁ, ଯାହା ସ୍ୱଚ୍ଛ, ସଚେତନ ଏବଂ ନାଗରିକମାନଙ୍କ ଭାବନା ପ୍ରତି ସମ୍ବେଦନଶୀଳ ରହିବ ବୋଲି ଉକ୍ତ ସଂକଳ୍ପରେ ଉଲ୍ଲେଖ ରହିଛି। ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସେବାତୀର୍ଥର କାର୍ଯ୍ୟ ସଂସ୍କୃତି ସମ୍ବିଧାନର ମୌଳିକ ତଥା ନୈତିକ ଆଦର୍ଶ ଦ୍ୱାରା ପରିଚାଳିତ ହେବ ଏବଂ ପ୍ରତ୍ୟେକ ନିଷ୍ପତ୍ତି ଜନସାଧାରଣଙ୍କ ଆକାଂକ୍ଷା ପ୍ରତି ଉତ୍ତରଦାୟୀ ରହିବ। ଏହି ବୈଠକ ଏବଂ ନୂତନ ସୌଧ ନୂତନ ଭାରତ ପୁନଃ ନିର୍ମାଣର ପ୍ରତ୍ୟକ୍ଷ ଅଭିବ୍ୟକ୍ତି ବୋଲି ସଂକଳ୍ପନାମାରେ କୁହାଯାଇଛି।

ଉପନିବେଶୀୟ ଶାସନ ପୂର୍ବରୁ ଭାରତ ଉଭୟ ଏହାର ବସ୍ତୁଗତ ସଭ୍ୟତା ଏବଂ ମାନବୀୟ ମୂଲ୍ୟବୋଧ ଦ୍ୱାରା ସ୍ୱୀକୃତ ରାଷ୍ଟ୍ର ଥିଲା। ଉଭୟ ଚିନ୍ତାଧାରାର ସଙ୍ଗମରୁ ସେବାତୀର୍ଥ ଧାରଣା ସୃଷ୍ଟି ହୋଇଥିବା ଅଶ୍ୱିନୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ କିପରି ସଂସ୍କାରରେ ପରିଣତ କରାଯିବ, ଯାହା ପ୍ରତ୍ୟେକ ନାଗରିକଙ୍କ ଜୀବନଧାରଣ ମାନ ଉନ୍ନତ କରିବାରେ ସହାୟକ ହେବା ସହ ନୂଆ ସୁଯୋଗ ସୃଷ୍ଟି କରିବ, ତାହା ଉପରେ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରଥମ ବୈଠକ ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଅଶ୍ୱିନୀ କହିଛନ୍ତି।

## ଏସ୍‌ଓପିକୁ ଅନୁମୋଦନ...

ଅନୁମୋଦିତ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଏସ୍‌ଓପି ୧୪ ପୃଷ୍ଠା ବିଶିଷ୍ଟ ରହିଛି। ଏନେଇ ସୋମବାର ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯାଇ କେଉଁ ଦାୟିତ୍ୱରେ କିଏ ରହିବ ସେହି ଦାୟିତ୍ୱ ବଣ୍ଟନ କରାଯାଇଛି। ୧୯୭୮ ମସିହାର ୭୨ ଦିନ ଧରି ଗଣତି ମଣତି ତାଲିକା ଅନୁସାରେ ମେଳକ କରାଯିବ ଓ ନାମ ତାଲିକା କରାଯିବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କରାଯିବ। ତା' ପରେ ଦ୍ୱିତୀୟ ରତ୍ନଭଣ୍ଡାରର ଗଣତି କରାଯିବ। ସରିବା ପରେ ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି କରାଯିବ। ଗଣତି ବେଳେ ସିସିଟିଭି କ୍ୟାମେରା ଲଗାଯିବ।

ଏସ୍‌ଓପି ଅନୁଯାୟୀ, ଗଣତି ମଣତି ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଶୁଭବେଳା ନିର୍ଦ୍ଧାରଣ କରିବ। ନୀତି ବହୁଳତା ତଥା ଭକ୍ତଙ୍କ ଭିଡ଼ ଥିବା ଦିନ ଯେପରି ଦର୍ଶନ ଓ ନୀତିକାନ୍ତିରେ ସମସ୍ୟା ନ ହେବ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ରଥଯାତ୍ରା ପ୍ରକ୍ରିୟା ଆରମ୍ଭ ହେବା ପରେ ଗଣତି ମଣତି ହୋଇପାରିବ ନାହିଁ। ଶନିବାର, ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାରୁ ସେଦିନ ମଧ୍ୟ ଗଣତି ହୋଇପାରିବ ନାହିଁ। ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟନିର୍ବାହୀ ଦଳ ବା ହ୍ୟାଣ୍ଡଲିଂ ଟିମ୍ ରହିବ। ତତ୍ତ୍ୱାବଧାରକ ଟିମ୍‌ରେ ୩ ଜଣ ସଦସ୍ୟ ରହିବେ।

ସେହିପରି କାର୍ଯ୍ୟନିର୍ବାହୀ ଦଳରେ ୧୦ ଜଣ ସଦସ୍ୟ ରହିବେ। ସୁପରଭାଇଜିଂ ଟିମ୍‌ରେ ୨ଜଣ ରତ୍ନଭଣ୍ଡାର ହାଇଲେଭଲ କମିଟିର ସଦସ୍ୟଙ୍କ ସହିତ ରତ୍ନଭଣ୍ଡାର ସବ୍‌କମିଟିର ଜଣେ ସେବକ ସଦସ୍ୟ ରହିବେ। କାର୍ଯ୍ୟନିର୍ବାହୀ ଦଳରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳ, ରତ୍ନଭଣ୍ଡାର ହାଇଲେଭଲ କମିଟିର ଅଧ୍ୟକ୍ଷ, ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ସଦସ୍ୟ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଦୁଇ ଜଣ ବଣିଆ, ଜଣେ ବଣିଆ ସେବକ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ଦେଉଳକରଣ, ତଢ଼ଉକରଣ ଏହି ଦଳରେ ରହିବେ। ଉଭୟ ଦଳ ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ସମ୍ପାଦନ କରିବେ। ମହାପ୍ରଭୁଙ୍କର ଅନେକ ମୋତି ମାଣିକ୍ୟ ରହିଥିବାରୁ ତାହାର ଯାଞ୍ଚ ପାଇଁ ମଧ୍ୟ ୨ ଏକ୍ସପର୍ଟଙ୍କୁ ନିୟୋଜିତ କରାଯିବ। ଆର୍‌ବିଆଇର ଜଣେ ଅଧିକାରୀ ମଧ୍ୟ ରହିବେ। ୨ଜଣ ଏକ୍ସପର୍ଟ ଫଟୋଗ୍ରାଫର ଏବଂ ଭିଡିଓ ଗ୍ରାଫର ଉପସ୍ଥିତ ରହି ଗଣତି ମଣତି କାର୍ଯ୍ୟକୁ ଫଟୋଗ୍ରାଫି କରିବା ସହିତ ଭିଡିଓଗ୍ରାଫି କରିବେ। ସମସ୍ତ ରତ୍ନ ଅଳଙ୍କାରକୁ ନେଇ ଏକ ଡିଜିଟାଲ କ୍ୟାଟଲଗ୍ ତିଆରି କରାଯିବ, ଯାହା କି ଆଗାମୀ ଦିନରେ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟରେ ବେଶ୍ ସହାୟକ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁଙ୍କ ନକ୍ଷତ୍ରରେ ରବି ହେତୁ ବୟସ୍କବ୍ୟକ୍ତି କିମ୍ବା ସରକାରୀ କର୍ମଚାରୀଙ୍କ ସହ ଯୁକ୍ତିତର୍କ ଲାଗିପାରେ। ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ନିକଟତର ବନ୍ଧୁଙ୍କଠାରୁ ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ କାର୍ଯ୍ୟ କରିବାର ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ।

**ବୃଷ**
ରୋହିଣୀ ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ଭାଇ,ବନ୍ଧୁ ଓ କୁଟୁମ୍ବଙ୍କ ଆଦରଣୀୟ ହେବେ। କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟଚର୍ଚ୍ଚା, ଗବେଷଣା, ସାମ୍ବାଦିକତା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ମଙ୍ଗଳ ସ୍ୱନକ୍ଷତ୍ରସ୍ଥ ହେତୁ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିପାରିବେ। କିନ୍ତୁ ବୁଧଙ୍କ ଦୁର୍ବଳତା ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସଙ୍ଗକୁ କର୍ମକ୍ଷେତ୍ରକୁ ସମସ୍ୟାବହୁଳ କରିପାରନ୍ତି। ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ। ବନ୍ଧୁଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ**
ଆଜି ରାଶ୍ୟାଧିପତି ଏକାଦଶରେ ଉଚ୍ଚସ୍ଥ ଯୋଗୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। ତଥାପି ଶନିଙ୍କ ତୃତୀୟ ଦୃଷ୍ଟିଜନିତ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢ଼ିଯିବାର ସୂଚନା ରହିଛି।

**ସିଂହ**
ବୃହସ୍ପତି ନିଜ ନକ୍ଷତ୍ରରେ ଥିବାରୁ କୌଣସି ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ, ଯାହା କରୁଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। କିନ୍ତୁ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଶୁକ୍ର ଗୁରୁଙ୍କ ନକ୍ଷତ୍ରସ୍ଥ ହେତୁ ସନ୍ତାନଙ୍କ ଶିକ୍ଷା,ସ୍ୱାସ୍ଥ୍ୟ କିମ୍ବା ସମସ୍ୟା ସମାଧାନ ସକାଶେ ଅର୍ଥବ୍ୟୟ କରିପାରନ୍ତି। ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ବନ୍ଧୁଙ୍କ ନିକଟରୁ ପ୍ରଶଂସା ପ୍ରୋତ୍ସାହନ ମଧ୍ୟ ପାଇବେ। ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ରାହୁଙ୍କ ପ୍ରଭାବରୁ ପରିବାରରେ ସ୍ତ୍ରୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ।

**ତୁଳା**
ଯୋଗକାରକ ଗ୍ରହ ଶନି ସ୍ୱନକ୍ଷତ୍ରସ୍ଥ ଯୋଗୁ ଯାହା ଇଚ୍ଛା କରୁଛନ୍ତି ସେଥିରେ ଅସୁବିଧା ହେବନାହିଁ। ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅଭାବ ରହିଥିଲେ ମଧ୍ୟ କାମ ସମୟକୁ କିଏ ନା କିଏ ସାହାଯ୍ୟ କରିବେ। ସାମାଜିକ ସ୍ତରରେ ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି।

**ବିଛା**
କର୍ମସ୍ଥାନକୁ ଏକାଧିକଗ୍ରହଙ୍କ ଦୃଷ୍ଟିର ପ୍ରଭାବ ଆଶା ଓ କଳ୍ପନାକୁ ଚରିତାର୍ଥ କରିବ। କୌଣସି କ୍ଷେତ୍ରରେ ଚଟାପଟ୍ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେନାହିଁ।

**ଧନୁ**
ଅଷ୍ଟମାଧିପତି ଷଷ୍ଠସ୍ଥ ରହି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ସମାଧାନ ହୋଇଯିବ। ଶନିଙ୍କ ଦୁର୍ବଳତାରୁ ନିଜଲୋକମାନଙ୍କ ବିରୋଧର ସାମନା କରି ମାନସିକ ସ୍ତରରେ ଅସୁଖୀ ରହିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ରହିବନାହିଁ।

**ମକର**
ରାଜଯୋଗକାରକ ଶୁକ୍ର ଆପଣଙ୍କୁ ମଜାମଉଜ ଓ ମନୋରଞ୍ଜନ ଦିଗରେ ଆକର୍ଷିତ କରାଇବେ। ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁ ମନରେ ଦୁଃଖ ପ୍ରଦାନ କରିପାରେ। ସମ୍ପର୍କୀୟ ବନ୍ଧୁ କିମ୍ବା ପଡ଼ୋଶୀ ମନ ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ କ୍ଷେତ୍ର, ବାଣିଜ୍ୟ ଓ ପରିବହନ କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିବ।

**କୁମ୍ଭ**
ଷଷ୍ଠାଧିପ ଚନ୍ଦ୍ର ଚତୁର୍ଥ କେନ୍ଦ୍ରସ୍ଥ ରହି ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟି କରିବେ। ଆଜି ଆପଣ ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ମୁହଁ ଖୋଲିପାରିବେ ନାହିଁ।

**ମୀନ**
ଆପଣଙ୍କ ବିରକ୍ତି ଓ ରୁକ୍ଷ ବ୍ୟବହାର ସମସ୍ୟା ସୃଷ୍ଟିର କାରଣ ହେବ। ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସ୍ୱନକ୍ଷତ୍ରସ୍ଥ ବୃହସ୍ପତିଙ୍କ ଯୋଗୁ ସଭାସମିତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଫେବୃଆରୀ ୨୫ ତାରିଖ, ଫାଲ୍‌ଗୁନ ଶୁକ୍ଳ ନବମୀ ବୁଧବାର। ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦିବା ଘ.୦୧।୩୮ମି. ଗତେ ମୃଗଶିରା ନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୬।୧୩ମି. ଗତେ ଘ.୦୭।୪୫ମି. ମଧ୍ୟେ, ଘ.୧୦।୩୩ମି. ଗତେ ଘ.୧୧।୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୯ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁ କାଳ।

# ବିକ୍ଷୋଭ କଲେ, ନାଁ ନେଲେନି




ବିଜେଡି ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଭାପତି ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୨୪।୨(ସୁନିତ୍ ମିଶ୍ର)

ରାଜ୍ୟର ଚାଷୀ ପ୍ରସଙ୍ଗକୁ ନେଇ ବିଜେଡି ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଏକ ବିଶାଳ ସମାବେଶ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବହୁ ନେତା ଓ କର୍ମୀ ଆସି ସାମିଲ ହୋଇଥିଲେ। ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ଚାଷୀ ଅସୁବିଧା କଥା କହିଥିଲେ। ହେଲେ ନବୀନ କିମ୍ବା ତାଙ୍କ ଦଳର ଅନ୍ୟ କୌଣସି ନେତା ପଦୁଟିଏ ଭାଜପାର କେନ୍ଦ୍ର ନେତୃତ୍ୱଙ୍କ ବାବଦରେ ମୁହଁ ଖୋଲିଲେ ନାହିଁ। କିଛିଦିନ ହେବ ଦଳର ସଭାପତିଙ୍କ ବିଭିନ୍ନ ପ୍ରସଙ୍ଗରେ ଆସୁଥିବା ମନ୍ତବ୍ୟ, ବିଧାନସଭାରେ ସରକାର ବିରୋଧରେ ଉଠାଯାଉଥିବା ଚାଷୀ ପ୍ରସଙ୍ଗ ଦେଖି ଦଳର ସାଧାରଣ କର୍ମୀମାନଙ୍କର ଏକ ଧାରଣା ଥିଲା ବିଜେଡି ଆଭିମୁଖ୍ୟ ପୁଣି ଥରେ ବଦଳିବ। ଏଥର ରାଜ୍ୟରେ କୌଣସି ଭିତିରି ବୁଝାମଣା ନ ରହି ଶାସକ ଭାଜପା ସହ ବିଜେଡି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଲଢ଼େଇ କରିବ। ହେଲେ ଯାହାକୁ ନେଇ ସେଠାରେ ଉପସ୍ଥିତ କେତେଜଣ କର୍ମୀ କହୁଥାଆନ୍ତି, ଏମାନେ ଆଉ କେବେହେଲେ ଭାଜପା କେନ୍ଦ୍ର ନେତାଙ୍କ ବିରୋଧରେ ମୁହଁ ଖୋଲିପାରିବେ ନାହିଁ। ଏମାନେ ଏବେ ଭାଜପା ରାଜ୍ୟ ନେତାଙ୍କ ସହ କେବଳ ଲୋକଦେଖାଣିଆ ପ୍ରତିଯୋଗିତା କରିବେ। କର୍ମୀମାନେ ଚିନ୍ତା କରୁଛନ୍ତି ରାଜ୍ୟରେ ପୁଣି ଥରେ

### ଏ ସରକାର ନା ନିଷ୍ପତ୍ତି ନେଉଛି, ନା କାର୍ଯ୍ୟ କରୁଛି: ନବୀନ


ଦଳ ନିଜର ସ୍ଥିତି ମଜଭୁତ କରିବାକୁ ଭାବିଲେ ଭାଜପା କେନ୍ଦ୍ରୀୟ ନେତା ଯେଉଁମାନେ ନିର୍ବାଚନ ନ ସରିବା ଯାଏଁ ଓଡ଼ିଶା ଆସି ସିଧାସଳଖ ନବୀନଙ୍କୁ ଟାର୍ଗେଟ କରୁଥିଲେ ସେମାନଙ୍କ ବିଷୟରେ ଭାଷଣ ଶୁଣିବାକୁ ମିଳିବ । ହେଲେ ସେମିତି କିଛି ହେବନାହିଁ କହି ସେମାନେ ଅସନ୍ତୁଷ୍ଟ ବ୍ୟକ୍ତ କରିଥିଲେ। ଏକଥା ପରୋକ୍ଷରେ ବିଧାୟକ ଅରୁଣ କୁମାର ସାହୁ ଆଗକୁ ଆସୁଥିବା ରାଜ୍ୟ ସଭା ନିର୍ବାଚନ ପ୍ରସଙ୍ଗ ଆଳରେ ମଧ୍ୟ ସୋମବାର ଉଠାଇଛନ୍ତି।

ଏହି ଅବସରରେ ନବୀନ କହିଥିଲେ, ଖୁବ୍‌ଶୀଘ୍ର ଏ ସରକାର ୨ ବର୍ଷ ପୂରଣ କରିବ। ଏ ସରକାର ନା ନିଷ୍ପତ୍ତି ଠିକ୍ ନେଇପାରୁଛି ନା କାର୍ଯ୍ୟକାରୀ କରିପାରୁଛି। ନିର୍ବାଚନ ସମୟରେ ବହୁ ବଡ଼ ବଡ଼ କଥା କହୁଥିଲେ। ଲମ୍ବା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ମିଳିଲା ନାହିଁ। ବିଜେଡି ସରକାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିଥିଲା। କାଳିଆ ଯୋଜନା କରିଥିଲା। ଋଣ ଦେବାର ସୁବିଧା କରିଥିଲା। ଜଳସେଚନ ସୁବିଧା କରିଥିଲା। କିନ୍ତୁ ଏ ଡବଲ ଇଞ୍ଜିନ ସରକାର କିଛି କରିନାହିଁ। ଚାଷୀକୁ ସାର ମିଳୁନାହିଁ, ସରକାର ଧାନ କିଣୁନାହାନ୍ତି, କଟ୍‌ନି ଛଟ୍‌ନି ବଢ଼ିଚାଲିଛି, ଚାଷୀ ଠିକ୍ ସମୟରେ ପଇସା ପାଉନାହିଁ, ଅଭିଯୋଗ କଲେ ଚାଷୀ ମିଛ କହୁଛି ବୋଲି କୁହାଯାଉଛି। ଚାଷୀ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ହେଲେ ଚିଠି ଲେଖିବାର ୧୫ ଦିନ ବିତିଯିବା ସତ୍ତ୍ୱେ କିଛି ହେଲା ନାହିଁ। ଗତ ୮ ଦିନ ହେଲା ଚାଷୀ ସମସ୍ୟା ନେଇ ବିଧାନସଭାରେ ବିଜେଡି ଲଢୁଛି। କିନ୍ତୁ ଏ ସରକାରର ଚାଷୀଙ୍କ ପ୍ରତି ଖାତିର ନାହିଁ। ଆଇନ ଶୃଙ୍ଖଳା କଥା ନ କହିଲେ ଭଲ। ରାଜ୍ୟରେ କେହି ହେଲେ ନିରାପଦ ନୁହନ୍ତି। ସାଧାରଣ ଲୋକଙ୍କ ଦୁଃଖ ସରୁନାହିଁ। ଲୋକଙ୍କୁ ସେବା ଦରକାର, ନେତାଙ୍କ ପ୍ରବଚନ ନୁହେଁ। କାହାଣୀରେ ସରକାର ଚାଲେନି, କାମ ଦରକାର। ବିଜେଡି ତା'ର ଲଢ଼େଇ ଜାରି ରଖିବ ଏବଂ ସରକାରଙ୍କୁ କୁମ୍ଭକର୍ଣ୍ଣ ନିଦରୁ ଉଠାଇଦେବ ବୋଲି ସେ କହିଛନ୍ତି। ଏହି ଅବସରରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଚାଷୀଙ୍କ ସମସ୍ୟା ବଢ଼ିଚାଲିଛି, ହେଲେ ସରକାରଙ୍କ ସେଥିପ୍ରତି ଧ୍ୟାନ ନାହିଁ। ମଣ୍ଡି ଖୋଲୁନି, କଟ୍‌ନି ଛଟ୍‌ନି ବନ୍ଦ ହେଉନାହିଁ। ଆଗାମୀ ଦିନରେ ରାଜ୍ୟର ଚାଷୀକୁଳ ଏହା ବିରୋଧରେ ଦୃଢ଼ ଜବାବ ଦେବେ ବୋଲି ପ୍ରସନ୍ନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଦେବୀପ୍ରସାଦ ମିଶ୍ର, ପ୍ରତାପ ଜେନା, ଅରୁଣ କୁମାର ସାହୁ, ପ୍ରୀତିରଞ୍ଜନ ଘଡ଼େଇ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ନାଁରେ ରାଜନୈତିକ ରଙ୍ଗ ବୋଳୁଛନ୍ତି ବିରୋଧୀ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୪।୨ (ରବିନାରାୟଣ ଜେନା)

ବିରୋଧୀଙ୍କ ଅଭିଯୋଗରେ ତଥ୍ୟଠାରୁ ଅଧିକ ରାଜନୀତି ରହିଛି। ସ୍ୱାର୍ଥରେ ବାଧା ଯୋଗୁ ଚାଷୀଙ୍କ ନାଁରେ ରାଜନୈତିକ ରଙ୍ଗ ବୋଳାଯାଉଛି। କୃଷକମାନେ କେବଳ ଭୋଟର ନୁହନ୍ତି, ସେମାନେ ହେଲେ ଅନ୍ନଦାତା। ଭାଜପା ସରକାର ଅନ୍ନଦାତାଙ୍କ ସାଙ୍ଗରେ ଓ ପ୍ରଗତିରେ ନିରନ୍ତର ରହିଛନ୍ତି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ଚାଷୀ ପ୍ରସଙ୍ଗରେ ମୁଲତବୀ ଆଲୋଚନା ବେଳେ ଗୃହରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଗୋଟିଏ ବି ଚାଷୀଙ୍କ ଧାନ ଟୋକନ ଲାପ୍ସ ହେବାକୁ ଦିଆଯିବନାହିଁ। ମାର୍ଚ୍ଚ ୩୧ ମଧ୍ୟରେ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ ସରକାର କିଣିବେ। କୌଣସି ଚାଷୀ ହତାଶ ହେବେନାହିଁ। ମନ୍ତ୍ରୀ ପୁଣି କହିଛନ୍ତି, ଯେଉଁଠି ବ୍ୟବସ୍ଥା ସଜାଡୁଛୁ ସେଠାରେ କିଛି ମଧ୍ୟସ୍ଥ, ଅସାଧୁ ବ୍ୟବସାୟୀଙ୍କୁ ଅସୁବିଧା ହେଉଛି। ଚାଷୀକୁଳକୁ ବିଭ୍ରାନ୍ତ କରିବାର ଅସଫଳ ପ୍ରୟାସ କରାଯାଉଛି। ମାତ୍ର ଚାଷୀ ବିଶ୍ୱାସ କରୁଛନ୍ତି ଯେ, ସରକାର ତାଙ୍କ ସହ ଅଛନ୍ତି। ରାଜ୍ୟ ସରକାର ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି।




# ସରିଲା ୧ମ ପର୍ଯ୍ୟାୟ ବଜେଟ ଅଧିବେଶନ

- ମାର୍ଚ୍ଚ ୯ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣାକଲେ ବାଚସ୍ପତି
- ହୋହାଲ୍ଲା ଭିତରେ ସରିଲା ୭ ଦିନର କାର୍ଯ୍ୟଦିବସ

ଭୁବନେଶ୍ୱର, ୨୪।୨ (ସୁନିତ୍ ମିଶ୍ର)

୧୭ତମ ବିଧାନସଭାର ୬ଷ୍ଠ ଅଧିବେଶନ ଗତ ୧୭ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୩ଟି କାର୍ଯ୍ୟଦିବସ ରଖିବାକୁ ସ୍ଥିର ହୋଇଥିଲା। ତେବେ ପ୍ରଥମ ପର୍ଯ୍ୟାୟ ଗତ ୧୭ ତାରିଖରୁ ଆରମ୍ଭହୋଇ ଫେବୃଆରୀ ୨୪ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଥିଲା। ସେହି କ୍ରମରେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ମଙ୍ଗଳବାର ଶେଷ ହୋଇଛି। ବାଚସ୍ପତି ଏନେଇ ଗୃହରେ ଘୋଷଣା କରିଛନ୍ତି। ଆସନ୍ତା ମାର୍ଚ୍ଚ ୯ରେ ପୁଣି ଥରେ ଅଧିବେଶନ ଆରମ୍ଭହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ।

ସୂଚନାଯୋଗ୍ୟ, ଗୃହ ଆରମ୍ଭ ହେବା ଦିନ ରାଜ୍ୟପାଳ ତାଙ୍କର ଅଭିଭାଷଣ ରଖିଲେ। ଏହାପରେ ୨ଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା କରାଗଲା। ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କଲେ। ଏହାପରେ ସରକାରୀ କାର୍ଯ୍ୟକ୍ରମ ଗୋଟିଏ ଦିନ ରହିବା ସହିତ ୨୩ ଏବଂ ୨୪ ତାରିଖରେ ବଜେଟ ଉପରେ ସାଧାରଣ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ସେହି କ୍ରମରେ ମୁଖ୍ୟମନ୍ତ୍ରୀ ଶେଷରେ ବଜେଟ ଆଲୋଚନାରେ ଭାଗନେଇ ନିଜର ଅଭିଭାଷଣ ରଖିଲେ ଏବଂ ବାଚସ୍ପତି ଗୃହକୁ ମାର୍ଚ୍ଚ ୯ ତାରିଖ ଯାଏ ମୁଲତବୀ ଘୋଷଣାକଲେ। ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଥିଲା। ହେଲେ ବିଜେଡି ପକ୍ଷରୁ ଚାଷୀ ପ୍ରସଙ୍ଗରେ ସବୁଦିନ ଗୃହରେ ହୋହାଲ୍ଲା କରିବା ସହ ପ୍ରତିବାଦ କରିଚାଲିଲା। କେବଳ ଗୃହ ଆରମ୍ଭ ହେବା ଦିନ ରାଜ୍ୟପାଳଙ୍କ ଅଭିଭାଷଣ ସରିବାର କିଛି ସମୟ ପୂର୍ବ ପର୍ଯ୍ୟନ୍ତ ଏବଂ ବଜେଟ ଉପସ୍ଥାପନ ହେବା ସମୟରେ ବିଜେଡି ଗୃହରେ ଉପସ୍ଥିତ ରହିଥିଲା। କଂଗ୍ରେସ ମଧ୍ୟ ସବୁଦିନ ଗୃହରେ ଚାଷୀ ପ୍ରସଙ୍ଗ ଏବଂ ଏପ୍‌ଷ୍ଟିନ୍ ଫାଇଲ କଥା କହି ସରକାରଙ୍କୁ ଟାର୍ଗେଟକରି ହୋହାଲ୍ଲା କରିଥିଲା। କଂଗ୍ରେସ ସଦସ୍ୟମାନେ ମଧ୍ୟ ସମାନ ଭାବେ ଗୃହ ଆରମ୍ଭ ହେବା ଦିନ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଏବଂ ମଙ୍ଗଳବାର ବଜେଟ ଉପରେ ସାଧାରଣ ଆଲୋଚନାରେ କିଛି ସମୟ ଭାଗ ନେଇଥିଲା। ହେଲେ ବାକି ସବୁ ସମୟରେ କଂଗ୍ରେସ ସଦସ୍ୟମାନେ ଗୃହରେ ହୋହାଲ୍ଲା କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇ କକ୍ଷତ୍ୟାଗ କରିଥିଲା। ଅନ୍ୟପଟେ ବିରୋଧୀ ଦଳର ସଦସ୍ୟମାନେ ଲୋକଙ୍କ ସ୍ୱାର୍ଥ ପାଇଁ ବଜେଟ ଅଧିବେଶନରେ ଆଲୋଚନାରେ ଭାଗନେଉ ନ ଥିବା କଥା କହି ଶାସକ ଦଳର ସଦସ୍ୟମାନେ ଟାର୍ଗେଟ କରିଛନ୍ତି।

# ପ୍ରସଙ୍ଗ ଏକ, ବିଚାର ଭିନ୍ନ

- ବିଜେଡିର ତୁମ୍ବିତୋଫାନ; କଂଗ୍ରେସର ଗଣତାନ୍ତ୍ରିକ ପ୍ରତିବାଦ
- ଚାଷୀ ଖୁସିରେ ଅଛନ୍ତି: ଭାଜପା

ଭୁବନେଶ୍ୱର,୨୪।୨ (ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସର ଭିନ୍ନ ବିଚାର ଧାରା ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ପରେ ୬ଦିନ ଧରି ଉଭୟ ଦଳ ଚାଷୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ହରଡ଼ଘଣାରେ ପକାଇବାକୁ ଉଦ୍ୟମ କରିଛନ୍ତି। ଏଥିଯୋଗୁ ଗୃହ ଚାଲିପାରି ନାହିଁ। ତେବେ ମଙ୍ଗଳବାର ଗୃହରେ ଏକ ନିଆରା କଥା ଦେଖିବାକୁ ମିଳିଛି। ସରକାର ଚାଷୀଙ୍କ ସମସ୍ୟାର ସମାଧାନ କରୁ ନାହାନ୍ତି ବୋଲି କହି ବିଜେଡି ସଦସ୍ୟମାନେ ଗୃହ ଭିତରେ ତୁମ୍ବିତୋଫାନ କରିବା ସହିତ ମୁଲତବୀ ଆଲୋଚନାରେ ଭାଗ ନେଇ ନ ଥିବାବେଳେ କଂଗ୍ରେସ ନିଜ ଆସନରେ ଛିଡ଼ା ହୋଇ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ ଜଣାଇବା ସହିତ ଆଲୋଚନାରେ ଭାଗ ନେଇଛି। ବିଜେଡି ସଦସ୍ୟମାନେ ଗୃହ ମଧ୍ୟଭାଗରେ ପ୍ରବଳ ହଟ୍ଟଗୋଳ ଏବଂ ରିପୋର୍ଟର୍ସ ଟେବୁଲ ଉପରେ ଛିଡ଼ା ହୋଇ ଜୋର୍‌ଦାର ପ୍ରତିବାଦ କରିବାରୁ ପ୍ରଥମାର୍ଦ୍ଧରେ ଗୃହ ସୁରୁଖୁରୁରେ ଚାଲି ପାରି ନ ଥିଲା। ହଟ୍ଟଗୋଳ ଭିତରେ ପ୍ରଶ୍ନକାଳ ମାତ୍ର ୮ମିନିଟ୍ ଚାଲିଥିବାବେଳେ ଶୂନ୍ୟକାଳ ୧୬ମିନିଟ୍ ଚାଲିଥିଲା। ତେବେ ୧୨.୦୫ମିନିଟ୍‌ରେ ଚାଷୀ ପ୍ରସଙ୍ଗରେ କଂଗ୍ରେସ ଆଣିଥିବା ମୁଲତବୀ ପ୍ରସଙ୍ଗରେ ବିଜେଡି ଭାଗ ନ ନେଇ ବ୍ୟାନର ଓ ପୋଷ୍ଟର ଧରି ନାରାବାଜି କରିଥିଲା। କହିଥିଲା ଠଣ ଠଣ ଦେଖାଉଛ ଲଣ୍ଠନ କହି ସରକାରଙ୍କ ଉପରେ ବର୍ଷିବା ସହିତ କକ୍ଷ ତ୍ୟାଗ କରିଥିଲା।

ଅନ୍ୟପକ୍ଷରେ କଂଗ୍ରେସ ମୁଲତବୀ ଆଲୋଚନାରେ ଭାଗ ନେଇ ସରକାରଙ୍କ ଦୋଷ ଦୁର୍ବଳତା ଧରିବା ସହିତ କଟ୍‌ନି ଛଟ୍‌ନି ବନ୍ଦ କରିବା, ଧାନ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ଚାଷୀଙ୍କୁ ଦେବା, ସମସ୍ତ ଚାଷୀଙ୍କ ସବୁ ଧାନ କିଣିବା ଭଳି ଦାବି କରିଥିଲା। ତେବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ ବିରୋଧୀଙ୍କୁ କଡ଼ା ଜବାବ ଦେଇ ଉତ୍ତର ରଖୁଥିବାବେଳେ କଂଗ୍ରେସ ଅସନ୍ତୋଷ ବ୍ୟକ୍ତ କରି କକ୍ଷ ତ୍ୟାଗ କରିଥିଲା। ଆଲୋଚନା ପରେ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବକୁ ଖାରଜ କରିବା ସହିତ ଅପରାହ୍ନ ୪ଟା ଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ମାନସ ନିଜ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ଲୋଡ଼ିଥିଲେ। ସେହିପରି ସଦସ୍ୟ ସିଦ୍ଧାନ୍ତ ମହାପାତ୍ର, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସନ୍ତୋଷ ଖଟୁଆ ପ୍ରମୁଖ ଭୂତଳ ଜଳ ହ୍ରାସକୁ ରୋକିବା ଏବଂ ବର୍ଷାଜଳ ସଂରକ୍ଷଣ ଉପରେ କହିଥିଲେ। ତେବେ ବିରୋଧୀ ବିଜେଡି ତଥା ବିରୋଧୀ ଦଳ ଉପମୁଖ୍ୟସଚେତକ ପ୍ରତାପ ଦେବ ଓ ସଦସ୍ୟ ଅଧିରାଜ ପାଣିଗ୍ରାହୀ ଏବଂ କଂଗ୍ରେସ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବିରୋଧୀ ବିଜେଡି ସଦସ୍ୟଙ୍କୁ ବାରମ୍ବାର ନିଜ ଆସନକୁ ଯିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ ହେଁ ସେମାନେ କର୍ଣ୍ଣପାତ ନ କରିବାରୁ ବାଚସ୍ପତି ଗୃହକୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସେହିପରି ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିଜେଡି ହଟ୍ଟଗୋଳ କରୁଥିବାବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଏପର୍ଯ୍ୟନ୍ତ ୮ରୁ ୧୦ ଜିଲାରେ ମଣ୍ଡି ଖୋଲିଲା ନାହିଁ। ରାଜ୍ୟରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ସବୁ ଚାଷୀଙ୍କ ଧାନ ଏମ୍‌ଏସ୍‌ପି ଦର ୩୧୬୯ଟଙ୍କାରେ କିଣିବୁ। ହେଲେ ଚାଷୀମାନେ ୧୫୦୦ ଟଙ୍କାରେ ଧାନ ବିକୁଛନ୍ତି। ରାଜ୍ୟରେ ଚାଷୀକୁଳ ଅସୁରକ୍ଷିତ ଅଛନ୍ତି କହିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ, ଚାଷୀମାନେ ହେଲେ ଅନ୍ନଦାତା, ତାଙ୍କ ପଛରେ ସରକାର ସବୁବେଳେ ଛିଡ଼ା ହୋଇଛନ୍ତି। ଚଳିତଥର କୌଣସି ଟୋକନ ଲାପ୍ସ ହେଉନାହିଁ। ୨୪ଘଣ୍ଟାରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଉଛି, ଚାଷୀ ଏବେ ଖୁସିରେ ଅଛନ୍ତି ବୋଲି ସେ କହିଥିଲେ। ଏହି ସମୟରେ ବିଜେଡି ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିବାରୁ ୧୧ଟା ୪୬ମିନିଟ୍‌ରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ୦୫ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

ମଧ୍ୟାହ୍ନରେ ଚାଷୀ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଆରମ୍ଭ ହେବାମାତ୍ରେ ଚାଷୀ ସମସ୍ୟାକୁ ନେଇ ବିଜେଡି ପ୍ରବଳ ହଟ୍ଟଗୋଳ କରି କକ୍ଷ ତ୍ୟାଗ କରିଥିଲା। ପ୍ରତାପ ଦେବ ଗୃହ ବାହାରେ କହିଥିଲେ, ସରକାର ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଚାହୁଁ ନାହାନ୍ତି। ଏତିକି ବେଳେ କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ଯେନତେନ ଉପାୟରେ ଗୃହ ଚଳାଇବାକୁ ବୃଥା ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ଚାଷୀଙ୍କ ସମସ୍ୟାର ସମାଧାନ ହେବନାହିଁ ବୋଲି ସେ କହିଥିଲେ।

ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ, ମନ୍ତ୍ରୀ ଗୃହରେ କେବଳ ଗୋଲାପି ଚିତ୍ର ଦେଖାଇଛନ୍ତି। ହେଲେ ଚାଷୀଙ୍କ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଧାନ ଉଠୁନି କି ଦୁଃଖ ଘୁଞ୍ଚୁନାହିଁ। ସେହିପରି କାଡାମ ସରକାରଙ୍କୁ ବିଭିନ୍ନ ପ୍ରଶ୍ନବାଣରେ ଛନ୍ଦିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ଅଶ୍ୱିନୀ କୁମାର ଷଡ଼ଙ୍ଗୀ କହିଥିଲେ, ୨୦୧୪ରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଏମ୍‌ଏସ୍‌ପି ଦର ୧୩୧୦ରୁ ବଢ଼ି ୨୩୬୯ରେ ପହଞ୍ଚିଲାଣି। ସରକାର ସବୁଚାଷୀଙ୍କ ଧାନ କିଣିବେ। ପୂର୍ବ ସରକାର ସମୟରେ ଉଭୟ ଖରିଫ ଓ ରବି ଋତୁରେ ଯେତିକି ଧାନ କିଣାଯାଉଥିଲା ଅଦ୍ୟାବଧି ତା'ଠାରୁ ଅଧିକ ୧୫ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ହେଲାଣି। ବିରୋଧୀମାନେ କେବଳ ମିଛ ପ୍ରହସନ କରୁଛନ୍ତି ବୋଲି ସେ କହିଥିଲେ। ଆଲୋଚନାରେ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ, ନୀହାର ରଞ୍ଜନ ମହାନନ୍ଦୀ ଭାଗ ନେଇ ଚାଷୀଙ୍କ ପ୍ରତି ସରକାରଙ୍କ ଆନ୍ତରିକତାର ନିଚ୍ଛକ ଛବି ଦେଖାଇଥିଲେ।

## ପ୍ରିୟରଞ୍ଜନ ଏସ୍‌ଜେଟିଏ ପ୍ରଶାସକ(ନୀତି) ନିଯୁକ୍ତ

ଭୁବନେଶ୍ୱର,୨୪।୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ମଙ୍ଗଳବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ(ଏସ୍‌ଜେଟିଏ)ର ପ୍ରଶାସକ(ନୀତି) ଭାବେ ନିଯୁକ୍ତି ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ପୁରୀ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ପ୍ରିୟରଞ୍ଜନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ତିଗିରିଆର ପୂର୍ବତନ ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କୁ କଟକସ୍ଥିତ ନିଆଳିର ବିଡିଓ ଭାବେ ନିଯୁକ୍ତ କରାଯାଇଥିବାବେଳେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଯାଜପୁର ବିଞ୍ଝାରପୁର ବିଡିଓ ଭାବେ ବଦଳି କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

SAI TRILOCHAN ACADEMIC RESEARCH H.S.S.
(A unit of Vision India Foundation)
JAMADARPALI, SAMBALPUR-768200, ODISHA
RECRUITMENT OF FACULTY
Applications are invited for faculty positions for our residential women's +2 Science college in the subjects **Mathematics, Physics, Chemistry, English, Odia, Information Technology, Botany.**
Interested candidates having M.Sc./M.A. in concerned subject with B.Ed from a recognized University may apply to **mail.visionindia@gmail.com** by attaching their Bio Data along with scanned copies of relevant documents in support of academic qualification & relevant teaching experience (desirable) on or before **28th, February, 2026**. Candidates shortlisted on the basis of academic qualification and relevant experience will be invited to attend a interview followed by demo class at Sai Trilochan Academy, Jamadarpali, Sambalpur the date of which will be intimated telephonically or through whatsapp/mail. We offer best salary (negotiable) with yearly increment on completion of an academic calendar subject to satisfactory performance. Boarding & lodging free accommodation can be provided for deserving female faculty members in campus.
Management reserves the right to postpone or cancel the selection process without intimating any reason thereof.
Sd/- CHAIRMAN
SAI TRILOCHAN ACADEMY

STEWART SCHOOL BHUBANESWAR
UNIT-8, CRP SQUARE, BHUBANESWAR-751012
APPOINTMENT
Applications are invited from candidates with requisite qualification and training to fill up the following post of Assistant Teachers and Spoken English Facilitators in Stewart School Bhubaneswar.

| Sl. | Subject | |
|---|---|---|
| 1 | MATHEMATICS | ICSE/CBSE background candidate having qualification of M.A./M.Sc./ B.A./B.Sc. with B.Ed./ D.El.Ed. and must have cleared CTET. |
| 2 | SOCIAL STUDIES | ICSE/CBSE background candidate having qualification of M.A./B.A. with B.Ed./ D.El. Ed. and must have cleared CTET. |
| 3 | SPOKEN ENGLISH FACILITATOR | Candidate from Anglo-Indian community or ICSE/CBSE background having M.A./ B.A. qualification will be preferred. |

Interested candidates may send their applications with complete Bio-data and Photocopy of Certificates/ Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY
Stewart School Bhubaneswar

WANTED
Urgently require one experienced GENERAL MANAGER (Salary - Rs.30,000/-) & some experienced MARKETING EXECUTIVES (Salary - Rs.10,000/-) for SPPL (Reputed Real Estate Company) of N1/200, IRC Village, Nayapalli, Bhubaneswar.
Contact: 9090963951 (10 A.M. to 7 P.M.)

WANTED
Interested Candidates may send their CV to Whatsapp No- **9668135323** for the Post of Computer Asst. for a Law Firm at BBSR.

WANTED
3 Year Experience
B.TECH IN ELECTRICAL
Job at Bhubaneswar
9938060592
9938237545, 8658646126

ଆବଶ୍ୟକ
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

JOB VACANCY
MARKETING EXECUTIVE
in Bhubaneswar (10 Nos.) required for Free Online Seller Registration Camp. Interested candidates may send their resume to:
BHABANI.BEHERA@MYYAHOO.COM

See Career Appointment on every Wednesday & Saturday



"ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଇ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ।" -ଶ୍ରୀଅରବିନ୍ଦ

# ମାତାପିତାଙ୍କୁ କାଉନ୍‌ସେଲିଂ

ପ୍ରତ୍ୟେକ ପିଲା ଅଦ୍ୱିତୀୟ। ଜଣଙ୍କୁ ଅନ୍ୟ ସହ ତୁଳନା କରିବା ଉଚିତ ନୁହେଁ। ଏବେ ଦେଖାଯାଉଛି ଅନେକ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ପିଲାମାନଙ୍କୁ ମାର୍କ ମେଶିନ୍‌ରେ ପରିଣତ କରିଦେଲେଣି। ନିଜ ଜୀବନରେ ଯାହା ହୋଇପାରି ନ ଥିବେ ପିଲାଙ୍କ ଜରିଆରେ ସେହି ସ୍ୱପ୍ନ ସାକାର କରିବା ପାଇଁ ସେମାନଙ୍କ ଉପରେ ଚାପ ପକାଉଛନ୍ତି। ବାସ୍ତବ ଜୀବନରେ ସ୍ୱପ୍ନ ସାକାର କରିପାରି ନ ଥିବା ମାତାପିତା ସେହି ସ୍ୱପ୍ନକୁ ନେଇ ସ୍ୱର୍ଗକୁ ଯିବା କଥା। ପିଲାମାନଙ୍କୁ ନିଜ ସ୍ୱପ୍ନରେ ବଞ୍ଚିବାକୁ ଦେବା ହେବା କଥା ନୂଆ ଚିନ୍ତାଧାରା। କାରଣ କିଛି ପିଲା ଜୀବନସାରା ଡରି ସଫଳତା ପାଇଯାଉଥିବା ବେଳେ ଅନେକେ ଚାପ ସହି ନ ପାରି ଅବସାଦ ଭିତରକୁ ଚାଲିଯାଉଛନ୍ତି କିମ୍ବା ସ୍ଥଳବିଶେଷରେ ପ୍ରାଣ ହରାଇ ଦେଉଛନ୍ତି। ଏହାର ଅସଂଖ୍ୟ ଉଦାହରଣ ପ୍ରତ୍ୟହ ଶୁଣିବାକୁ ମିଳୁଛି। ଏବେ ଉତ୍ତର ପ୍ରଦେଶ ରାଜଧାନୀ ଲକ୍ଷ୍ନୌ ଅଞ୍ଚଳରୁ ଏକ ଅଭାବନୀୟ ଘଟଣା ଦୃଷ୍ଟିକୁ ଆସିଛି। ଡାକ୍ତରୀ ପଢ଼ିବା ଲାଗି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ପ୍ରସ୍ତୁତି ନିମନ୍ତେ ବାପା ମାଧବେନ୍ଦ୍ର ସିଂ ବାରମ୍ବାର ଚାପ ପକାଇବାରୁ ୧୯ ବର୍ଷୀୟ ପୁଅ ଅକ୍ଷତ ପ୍ରତାପ ସିଂ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏପରି କି ମୃତଦେହକୁ ଖଣ୍ଡଖଣ୍ଡ କରି ଘର ଭିତରେ ଏକ ଡ୍ରମ୍‌ରେ ଲୁଚାଇ ରଖିଥିଲେ। ପୋଲିସ ନିକଟରେ ଅକ୍ଷତ ନିଜ ଦୋଷ ସ୍ୱୀକାର କଲା ପରେ ହତ୍ୟାର କାରଣ ବିଷୟ ପଦାକୁ ଆସିଛି। ୩ ନଭେମ୍ବର ୨୦୨୫ରେ ଉତ୍ତର ପ୍ରଦେଶର ବିଜ୍‌ନୌର ଜିଲାରେ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଥିବା ଜଣେ ବିଦ୍ୟାର୍ଥୀ ଗଙ୍ଗା ନଦୀକୁ ଡେଇଁ ପଡ଼ିଥିଲେ। ୨୪ ବର୍ଷୀୟା ଲଳିତା ସିଂ ତାଙ୍କ ୧୩ ବର୍ଷୀୟା ଭଉଣୀଙ୍କ ସହ ଗଙ୍ଗା ବ୍ୟାରେଜ୍ ନିକଟକୁ ପ୍ରାତଃଭ୍ରମଣରେ ଯାଇଥିଲା ବେଳେ ଏଭଳି ଭୟଙ୍କର ନିଷ୍ପତ୍ତି ନେଇଥିଲେ। ଲଳିତାଙ୍କ ଏପରି ପଦକ୍ଷେପ ନେବା ସଂକ୍ରାନ୍ତରେ ତାଙ୍କ ପିତା କହିଥିଲେ ଯେ, ଝିଅ ସିଭିଲ୍ ସର୍ଭିସ ପରୀକ୍ଷାରେ ତୃତୀୟ ଥର ପାଇଁ ଅକୃତକାର୍ଯ୍ୟ ହୋଇଥିଲେ। କାନପୁରରୁ ଏମ୍‌ଟେକ୍ କରିଥିବା ଲଳିତାଙ୍କ ସ୍ୱପ୍ନ ହୁଏତ ଅଲଗା କିଛି ଥିଲା। ସମ୍ଭବତଃ ତାଙ୍କୁ ସିଭିଲ ସର୍ଭିସ ପାଇଁ ବାଧ୍ୟ କରାଯିବାରୁ ସେ ବାରମ୍ବାର ଅକୃତକାର୍ଯ୍ୟ ହେବାରୁ ବୀତସ୍ପୃହ ହୋଇ ଆତ୍ମହତ୍ୟା କରିଦେଇଥିଲେ। ୨୦୨୫ ଜୁନ୍‌ରେ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଘଟିଥିବା ଘଟଣା ମନେପଡ଼େ। ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧକ୍ଷ ଧୋଣ୍ଡିରାମ ଭଗବାନ ଭୋସ୍‌ଲେ ନିଟ୍ ପାଇଁ ତାଙ୍କ ୧୭ ବର୍ଷୀୟା ଝିଅ ସାଧନାଙ୍କୁ ପ୍ରସ୍ତୁତ କରାଉଥିଲେ। କିନ୍ତୁ ମକ୍ ଟେଷ୍ଟରେ ସେ କମ୍ ନମ୍ବର ଆଣିବାରୁ ପିତା କ୍ରୋଧରେ ତାଙ୍କୁ ପିଟି ମାରି ଦେଇଥିଲେ। ସୂଚନା ଦିଆଯାଇପାରେ ଯେ, ସମ୍ପୃକ୍ତା ଛାତ୍ରୀ ଦଶମ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖିଥିଲେ। ଚୂଡ଼ାନ୍ତ ପରୀକ୍ଷା ଦେବା ପୂର୍ବରୁ ଅନେକ ମକ୍ ଟେଷ୍ଟ କରାଯାଇଥାଏ। ବହୁ ସମୟରେ ମକ୍ ଟେଷ୍ଟରେ କମ୍ ନମ୍ବର ରଖିଲେ ମଧ ଜଣେ ବିଦ୍ୟାର୍ଥୀ ଚୂଡ଼ାନ୍ତ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥାଆନ୍ତି। ଆଗକୁ ଭଲ କିଛି ଶୁଣିବା ପାଇଁ ଧୈର୍ଯ୍ୟ ଧାରଣ କରି ନ ଥିବା ଧୋଣ୍ଡିରାମ ଝିଅକୁ ମାରିଦେବା ପରେ ଗିରଫ ହୋଇଥିଲେ। ଏଥିସହିତ ରାଜସ୍ଥାନର କୋଟାରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାଙ୍କ ମଧ୍ୟରୁ ପ୍ରତିବର୍ଷ ଅନେକ ଡଜନଙ୍କ ଆତ୍ମହତ୍ୟା ଖବର ବାରମ୍ବାର ଶୁଣିବାକୁ ମିଳୁଛି।

ସମ୍ଭବତଃ ଭାରତରେ ଉପରଲିଖିତ ଘଟଣା ବହୁସଂଖ୍ୟାରେ ଦେଖାଯାଉଛି। ବିଦ୍ୟାର୍ଥୀଙ୍କ ଚାପଜନିତ ଅବସାଦ ପାଶ୍ଚାତ୍ୟରେ ସାଧାରଣରେ ଦେଖାଯାଇ ନ ଥାଏ। ସେମାନେ ନିଜ ପସନ୍ଦ ଅନୁଯାୟୀ କ୍ୟାରିୟରରେ ସଫଳତା ପାଇବା ପାଇଁ ଲାଗିଥାଆନ୍ତି। ଔଦ୍ୟୋଗିକ ମାନସିକତାର ଅଭାବ ଭାରତକୁ ଏକ ଚାକିରିଆ ଚିନ୍ତାଧାରାରେ ବାନ୍ଧି ରଖିଛି। ଏଠାରେ ପିଲାଟିଏର ଗଣିତ କିମ୍ବା ବିଜ୍ଞାନରେ ଭଲ ମାର୍କ ରହିଗଲେ ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ପଢ଼ିବା ପାଇଁ ପରିବାର ଓ ବନ୍ଧୁବର୍ଗମଣ୍ଡଳୀରୁ ଚାପ ପଡ଼ିଯାଏ। ସାମାଜିକ ପାଠ କିମ୍ବା ସାହିତ୍ୟକୁ ନେଇ କ୍ୟାରିୟର କରିବା ଲାଗି ସେ ଇଚ୍ଛା ବ୍ୟକ୍ତ କରିଦେଲେ କଥା ସରିଲା। ଡାକ୍ତର କିମ୍ବା ଇଞ୍ଜିନିୟର ପଦବୀରେ ଆସୀନ ଥିବା ଦେଖିବା ପାଇଁ ମାତାପିତାଙ୍କ ବ୍ୟାକୁଳତାକୁ ପିଲା ଅଗ୍ରାହ୍ୟ କରିପାରେ ନାହିଁ। କିନ୍ତୁ ଫଳ ଯେତେବେଳେ ନକାରାତ୍ମକ ହୋଇଯାଏ, ସେତେବେଳକୁ 'ନେଡ଼ି ଗୁଡ଼ କହୁଣିକୁ ବହିଯାଇଥାଏ'। ସେ 'ଏ କୁଳରେ ନୁହେଁ କି ସେକୁଳରେ ନୁହେଁ' ଅବସ୍ଥାକୁ ଚାଲିଗଲା ଭାବି ଚରମ ପଦକ୍ଷେପ ନେଇଯାଏ। ଅନୁରୂପ ଭାବେ ସିଭିଲ ସର୍ଭିସ ମୋହରେ ପଡ଼ିଥିବା ଅଭିଭାବକ ଅପର୍ଯ୍ୟାପ୍ତ ଅର୍ଥ ଓ କ୍ଷମତାକୁ ଆଶାରେ ରଖି ପିଲାଙ୍କ ମନରେ ସ୍ୱପ୍ନ ଉଜାଗର କରାଉଛନ୍ତି। ସେହିସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହାର ଅତି କମ୍ ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ବହୁମାତ୍ରାରେ ହୋଇଥାଏ। ସ୍ୱଇଚ୍ଛାରେ କ୍ୟାରିୟର ବାଛିଥିବା ବିଦ୍ୟାର୍ଥୀ ଡାକ୍ତରୀ, ଇଞ୍ଜିନିୟରିଂ ହେଉ ବା ସିଭିଲ ସର୍ଭିସରେ ଅକୃତକାର୍ଯ୍ୟ ହେଇଗଲେ ଜୀବନରେ ଅନ୍ୟ କିଛି କରିବା ପାଇଁ ଧୈର୍ଯ୍ୟ ଧରିଥାଆନ୍ତି। କିନ୍ତୁ ଯେଉଁମାନେ ପରିବାର ବାଧ୍ୟରେ ସେହି ବୃତ୍ତି ସକାଶେ ପରୀକ୍ଷା ଦେଉଥିବେ, ସେମାନେ ଅକୃତକାର୍ଯ୍ୟକୁ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ଅନେକାଂଶରେ ନିଜେ ଆତ୍ମହତ୍ୟା କରିଦେଉଛନ୍ତି କିମ୍ବା ଅନ୍ୟକୁ ହତ୍ୟା କରିଦେଉଛନ୍ତି। ପିଲାଟିଏ ହେତୁ ପାଇବା ପୂର୍ବରୁ ତାକୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯାଇଥାଏ। କିନ୍ତୁ ଦିନକୁ ଦିନ ଦେଖାଯାଉଥିବା ଏହି ଧରଣର ଅସ୍ୱାଭାବିକ ଘଟଣା ପାଇଁ ଦାୟୀ ରହୁଥିବା ମାତାପିତା ବୟସର ବ୍ୟକ୍ତିମାନଙ୍କୁ ପ୍ରଥମେ ସାମାଜିକ ଓ ମନସ୍ତାତ୍ତ୍ୱିକ କାଉନ୍‌ସେଲିଂ ଦେବା ଆବଶ୍ୟକ ହୋଇପଡ଼ିଲାଣି।

# କୃଷି ବଜେଟର ଭିତିରି କଥା



ବିଦ୍ୟାଧର ମହାରଣା

ଆମ ଦେଶରେ କର୍ଣ୍ଣାଟକ ସରକାର ପ୍ରଥମେ ୨୦୧୧-୧୨ରେ ସାଧାରଣ ବଜେଟ ସହିତ ସ୍ୱତନ୍ତ୍ର କୃଷିବଜେଟ ପ୍ରସ୍ତୁତ କଲେ। ଓଡ଼ିଶା ୨୦୧୨-୧୩ ଆର୍ଥିକବର୍ଷଠାରୁ ସ୍ୱତନ୍ତ୍ର କୃଷି ଓ ଆନୁଷଙ୍ଗିକ ବିଭାଗ ପାଇଁ ବଜେଟ ପ୍ରସ୍ତୁତ କରୁଛି। ଏହି ବଜେଟରେ କୃଷିବିଭାଗ, ଜଳସମ୍ପଦ ବିଭାଗ, ସମବାୟ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଗୁଡ଼ିକ ସାମିଲ ହୋଇଥାଏ। କାରଣ ଏହିସବୁ ବିଭାଗର ସାମୂହିକ ଉଦ୍ୟମରେ କୃଷି ବିକାଶ ହୋଇଥାଏ।

ଚଳିତବର୍ଷ ରାଜ୍ୟ ସରକାର ମୋଟ ୩,୧୦,୦୦୦ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି; ଯେଉଁଥିରେ କାର୍ଯ୍ୟକ୍ରମ ବାବଦରେ ୧,୮୦,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମୋଟ ବଜେଟ ମଧ୍ୟରୁ ୪୨,୪୯୨ କୋଟି ଟଙ୍କାର ସ୍ୱତନ୍ତ୍ର କୃଷିବଜେଟ ଉପସ୍ଥାପନ କରାଯାଇଛି; ଯାହା ଗତବର୍ଷ ଅପେକ୍ଷା ୧୨.୩ ପ୍ରତିଶତ ଅଧିକ। ଏହି ବଜେଟରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ୧୪,୭୦୧ କୋଟି, ଜଳ ସମ୍ପଦ ବିକାଶ ବିଭାଗ ପାଇଁ ୧୬,୪୮୯ କୋଟି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉନ୍ନୟନ ବିଭାଗ ପାଇଁ ୨୦୧୯ କୋଟି, ସମବାୟ ବିଭାଗ ପାଇଁ ୨୩୩୪ କୋଟି ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୧୯୦୭ କୋଟି ଟଙ୍କା ଅନ୍ତର୍ଭୁକ୍ତ। କୃଷି ବଜେଟ ପରିମାଣ ମୋଟ ବଜେଟର ୧୩.୭ ପ୍ରତିଶତ ଯଦିଓ ରାଜ୍ୟ ଜିଡିପିକୁ କୃଷିର ଅବଦାନ ୧୯.୫ ପ୍ରତିଶତ। ସୁତରାଂ କୃଷି ବଜେଟ ଆଉଟିକେ ଅଧିକ ହେବାର ଥିଲା। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ପରୋକ୍ଷ ଭାବରେ କୃଷିପାଇଁ କିଛି ବ୍ୟବସ୍ଥା ରହିଛି। ଯେପରି କି ମନରେଗା/ ବି ଭି ଜୀ ରାମ ଜୀ କାର୍ଯ୍ୟକ୍ରମ ମଧ୍ୟରେ ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଗ୍ରାମୀଣ ଜୀବିକାର୍ଜନ, ଜଳବାୟୁ ବିପର୍ଯ୍ୟୟ ପ୍ରଶମନ ପାଇଁ କେତେକ ବ୍ୟବସ୍ଥା ରହିଛି; ଯେଉଁଥିରେ ୫୫୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହାୟତା ମଧ୍ୟ ରହିଛି। ସମୃଦ୍ଧ କୃଷକ ଯୋଜନାରେ ଧାନ ସଂଗ୍ରହ ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଅତିରିକ୍ତ ସହାୟତା ଇନପୁଟ ସବ୍‌ସିଡି କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଦେଉଛନ୍ତି, ଯେପରି ଚାଷୀ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ପାଇବେ। ଏ ବାବଦରେ ୬୯୮୮ କୋଟି ଟଙ୍କା ବ୍ୟୟ କରାଯିବ। ଅଧିକନ୍ତୁ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗକୁ ଧାନ ଖରିଦ ପାଇଁ ୫୦୦୦ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଦିଆଯାଇଛି। କୃଷକ ଆୟବୃଦ୍ଧି ପାଇଁ ସରକାର ଧାନ ସଂଗ୍ରହ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହା ପରିବେଶ ଦୃଷ୍ଟିକୋଣରୁ ସମୀଚୀନ ନୁହେଁ। କାରଣ ଏଥିରେ ପ୍ରୋତ୍ସାହିତ ହୋଇ ଚାଷୀ ଅଧିକ



ଧାନଚାଷ କରିବେ ଓ ଅନ୍ୟ ଫସଲକୁ ଅଣଦେଖା କରିବେ। ଫଳରେ ଜଳସମ୍ପଦ ଉପରେ ଅଧିକ ଚାପ ପଡ଼ିବ ଓ ବାୟୁମଣ୍ଡଳକୁ ଧାନ ଜମିରୁ ମିଥେନ ବାଷ୍ପ ବାହାରି ଜଳବାୟୁ ପରିବର୍ତ୍ତନର ଏକ କାରଣ ହେବ। ସରକାର ବର୍ଷକୁ ପ୍ରାୟ ୬୦ ଲକ୍ଷ ଟନ ଧାନ ଆବଶ୍ୟକ କରୁଥିବା ସ୍ଥଳେ ୯୦ ଲକ୍ଷ ଟନ କିଣିବାକୁ ଯିବାରୁ ଭଣ୍ଡାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାଥମିକ ସେବା ସମବାୟ ସମିତି, ମିଲ ଗୋଦାମ ଓ ଭାରତୀୟ ଖାଦ୍ୟନିଗମ ପାଖରେ ଅଧିକ ଚାଉଳ ସାଇତି ରଖିବା ସମ୍ଭବ ନୁହେଁ। ଓଡ଼ିଶା ବେଶି ପରିମାଣରେ ଉଷୁନା ଚାଉଳ କରୁଥିବାରୁ ଏହାକୁ ଅନ୍ୟ ରାଜ୍ୟ ନେବାକୁ ପସନ୍ଦ କରୁ ନାହାନ୍ତି। ଓଡ଼ିଶାରେ ଅଧିକ ଧାନ କ୍ରୟ ନ କରି ଇନପୁଟ ସହାୟତା ଦେଇ ଡାଲି, ତୈଳବୀଜ, କପା ଇତ୍ୟାଦି କୃଷି ଉତ୍ପାଦ କ୍ରୟ କରାଗଲେ ଚାଷୀମାନେ ଫସଲ ବିବିଧିକରଣ ପାଇଁ ଅଧିକ ଉତ୍ସାହିତ ହୁଅନ୍ତେ। ଏହା ମଧ୍ୟ ଜଳବାୟୁ ସହନଶୀଳ କୃଷି ପାଇଁ ଏକ ମାର୍ଗ। ସେହିପରି ସି.ଏମ. କିଷାନ ପାଇଁ ୨୦୩୦ କୋଟି ଟଙ୍କା ରଖାଯାଇଛି। ଏହା ଏକ ମାଗଣା ଯୋଜନା ପରି ଚାଷୀ ପରିବାରକୁ ୪୦୦୦ ଟଙ୍କା ଦୁଇଟି କିସ୍ତିରେ ଦିଆଯାଉଛି। ଚାଷୀ ଏହାକୁ କିଭଳି ବିନିଯୋଗ କରୁଛନ୍ତି କିଏ କହିବ? ନିକଟରେ ସୁପ୍ରିମ୍‌କୋର୍ଟ ମାଗଣା ସଂସ୍କୃତିକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଅର୍ଥକୁ ଗୁରୁତ୍ୱପୂର୍ଣ୍ଣ କୃଷି ସାମଗ୍ରୀ ଆକାରରେ ଚାଷୀଙ୍କୁ ଯୋଗାଇ ଦେଲେ ହୁଏତ ଉତ୍ପାଦନ ବୃଦ୍ଧି ପାଆନ୍ତା।

ସରକାର ଶ୍ରୀ ଅନ୍ନ ଅଭିଯାନ ପାଇଁ ୪୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି, ଯାହା ପୁଷ୍ଟିଶସ୍ୟ ଫସଲଗୁଡ଼ିକର ଉନ୍ନତି ପାଇଁ ସହାୟକ ହୋଇପାରିବ। ଏହି ଅର୍ଥରେ ମାଣ୍ଡିଆ ଜାତୀୟ ଫସଲ ସଘନ ଚାଷ ପାଇଁ ହେକ୍ଟର ପ୍ରତି ୫୦୦୦ ଟଙ୍କା ପର୍ଯ୍ୟନ୍ତ ଓ ଧାଡ଼ି ବୁଣା କିମ୍ବା ରୁଆ ପାଇଁ ୨୫୦୦ ଟଙ୍କାର ସହାୟତା ରହିଛି। ମାଣ୍ଡିଆକୁ ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁବିକାଶ ଯୋଜନା ଓ ମଧ୍ୟାହ୍ନଭୋଜନରେ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଉନାହିଁ।

ଜୈବିକ ଚାଷ ପାଇଁ ୨୮ କୋଟି ଟଙ୍କାର ବ୍ୟୟବରାଦ ବହୁତ କମ। ସରକାର ୨ ଲକ୍ଷ ହେକ୍ଟର ଜମିରେ ଜୈବିକ ଚାଷ କରିବା ପାଇଁ ସ୍ଥିର କରି ତିନି ବର୍ଷରେ ହେକ୍ଟର ପାଇଁ ୩୨୫୦୦ ଟଙ୍କାର ସହାୟତା ଘୋଷଣା କରିବା ସତ୍ତ୍ୱେ ବ୍ୟୟବରାଦ ଅର୍ଥ ଆହୁରି ବୃଦ୍ଧି କରିବା ଉଚିତ ହୋଇଥାଆନ୍ତା। ଫସଲ ବିବିଧତା ପାଇଁ ୪୭୯ କୋଟି, ସାତଟି ଜିଲାରେ କଫିଚାଷ ପାଇଁ ୧୫୦ କୋଟି ଏବଂ ଆଖୁଚାଷ ପାଇଁ ୨୭ କୋଟି ଟଙ୍କା ପ୍ରାବଧାନ କରାଯାଇଛି। ତେବେ ଏହାକୁ ଆହୁରି ଅଧିକ କରାଯାଇଥିଲେ ଚାଷୀ ଅଧିକ ଉତ୍ସାହିତ ହୋଇଥାଆନ୍ତେ। ରାଜ୍ୟର ତିନିଟି ମୁଖ୍ୟ ବ୍ୟବସାୟିକ ଫସଲ ହେଉଛି ଆଖୁ, କପା ଓ ଝୋଟ। ଏହି ତିନି ଫସଲର ପୁନରୁଦ୍ଧାର ସହିତ ଅଚଳାବସ୍ଥାରେ ଥିବା ମିଲ୍‌ଗୁଡ଼ିକ ସଚଳ କରିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ସରକାର ରାଜ୍ୟରେ ୫୮ ଗୋଟି ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି ନେଇଛନ୍ତି, କିନ୍ତୁ ଗୋଟିଏ ହେଲେ ବି ସମ୍ପୂର୍ଣ୍ଣ ହୋଇ ନାହିଁ। ଏବାବଦରେ ବଜେଟ ଆଶାନୁରୂପ ହେବା ଉଚିତ। କୃଷି ଶିକ୍ଷା ବିକାଶ ପାଇଁ ପ୍ରାୟ ୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏଥିରେ ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାରେ କୃଷି କଲେଜ, ସୋନପୁରରେ ମତ୍ସ୍ୟ କଲେଜ ଓ ଚିପିଲିମାରେ ପ୍ରାଣୀ ଚିକିତ୍ସା କଲେଜ ଆରମ୍ଭ କରିବାର ଯୋଜନା ଅଛି। ଭଲ କଥା। କିନ୍ତୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଭାବ ଓ ଗବେଷଣା ପାଇଁ ଅର୍ଥାଭାବ ରହିଛି। ଏଥିପାଇଁ ଅଧିକ ବ୍ୟୟ ବରାଦର ଆବଶ୍ୟକତା ରହିଛି। ଓଡ଼ିଶାରେ କୃଷି ସମ୍ପ୍ରସାରଣ ପାଇଁ ପଞ୍ଚାୟତ ସ୍ତରରେ ଗ୍ରାମ କୃଷିକର୍ମୀ ନାହାନ୍ତି। ଅନ୍ତତଃ ପ୍ରତି ଗ୍ରାମପଞ୍ଚାୟତର ଜଣେ ଲେଖାଏ ଗ୍ରାମ୍ୟ କୃଷି କର୍ମୀ ଅବସ୍ଥାପିତ ହେବା କଥା। ଏଥିପାଇଁ ସ୍ୱତନ୍ତ୍ର ବଜେଟର ଆବଶ୍ୟକତା ରହିଛି। ଗ୍ରାମ୍ୟ ସ୍ତରରେ କୃଷି କର୍ମୀ ନ ଥିଲେ ଚାଷୀଙ୍କୁ ଶିକ୍ଷା ଦେବ କିଏ?

ରାଜ୍ୟର ନୀଳ ଅର୍ଥନୀତି ସୁଦୃଢ଼ କରିବା ପାଇଁ ପ୍ରୟାସ କରାଗଲେ ମଧ୍ୟ ଆଖିଦୃଶିଆ ବ୍ୟୟ ବରାଦ ଆବଶ୍ୟକ। ରାଜ୍ୟରେ ୩୩ ଲକ୍ଷ ଟନ ମାଛ, ବର୍ଷକୁ ୧୦୦୦ କୋଟି ଅଣ୍ଡା ଓ ଦୈନିକ ୧୬୫ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ପାଇଁ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ସହାୟକ ହୋଇପାରେ। ସମବାୟ ବିଭାଗ ପାଇଁ ଯେଉଁ ବ୍ୟୟବରାଦ କରାଯାଇଛି ସେଥିରୁ କୃଷି ଋଣ ଉପରେ ରିହାତି ପାଇଁ ୧୦୭୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ୫୦୦ କୋଟି ଟଙ୍କା ଓ ମଡେଲ ମଣ୍ଡି ପାଇଁ ୧୦୦ କୋଟି ଟଙ୍କା ରଖାଯାଇଛି। ଶୀତଳ ଭଣ୍ଡାର କିମ୍ବା ଗ୍ରାମୀଣ ଭଣ୍ଡାର ଓ ପ୍ରାଥମିକ ସେବା ସମବାୟ ସମିତି ଗୋଦାମ ପାଇଁ ବ୍ୟୟବରାଦ ଆବଶ୍ୟକ ଥିଲା। ମୋଟ ଉପରେ କହିବାକୁ ଗଲେ ରାଜ୍ୟର କୃଷି ବଜେଟ ଯେତିକି ରଖାଯାଇଛି ତାକୁ ସମ୍ପୃକ୍ତ ବିଭାଗ କ୍ୱାର୍ଟର୍ଲି ବଜେଟାରି ନର୍ମରେ ସମ୍ପୂର୍ଣ୍ଣ ବିନିଯୋଗ କରିବା ସହିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ସଜାଗ ହେବା ଆବଶ୍ୟକ। ଏଥିପାଇଁ ସରକାର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଓ ମୂଲ୍ୟାୟକ ନିଯୁକ୍ତ କରିବାରେ ଅବହେଳା କରିବା ଉଚିତ ନୁହେଁ।

**କଳିଙ୍ଗନଗର, ଭୁବନେଶ୍ୱର**
**ମୋ: ୯୪୩୭୦୭୧୧୯୦**

# ଅସ୍ମିତାର ପ୍ରଥମ ପରିଚୟ



ଭଗବାନ ଦାଶ

ପିଲାଟି ଯେତେବେଳେ ମାତୃଭାଷା ଛାଡି ଅନ୍ୟଭାଷାରେ ବିଶେଷ କରି ଇଂରାଜୀରେ ଦୁଇପଦ କହିଥାଏ ସେତେବେଳେ ତା'ମା'ବାପା ଖୁସିରେ ଫାଟି ପଡନ୍ତି। ଭାବନ୍ତି ପିଲାଟି କେତେ ଆଗେଇଲାଣି। ଆମ ଦେଶରେ ସବୁଠୁ ବଡ଼ ଆଶା ଚାକିରି। ସେ ପୁଣି ପ୍ରଶାସନିକ ସେବା ହେଲେ ଖୁବ୍ ଭଲ। ଇଂରାଜୀରେ ଭଲଥିଲେ ସିନା ପିଲାଟି କାଲି ସହଜରେ ପ୍ରଶାସନିକ ସେବା କିମ୍ବା ଅନ୍ୟ ପଦ-ପଦବୀଯୁକ୍ତ ସେବା ହାତେଇପାରିବ। ଏହି ଧାରଣା ବସା ବାନ୍ଧିଥାଏ ମା'ବାପାଙ୍କର। ତେଣୁ ପିଲାଟି ଦିନରୁ ନିଜ ଭାଷାରୁ ଦୂରେଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ନାମ ଲେଖାନ୍ତି। ପିଲାଟି ଆସ୍ତେ ଆସ୍ତେ ମାତୃଭାଷା ପ୍ରତି ବିମୁଖ ରହି ପଡ଼େ, ବଢେ ଏବଂ ନିଜକୁ ଗଢେ।

ଟିକେ ଭାବିଲେ ଟିକିନିଖି ଅନ୍ତରର ଭାବନା ପ୍ରକାଶ କେଉଁ ଭାଷାରେ ସହଜରେ ଏବଂ ଭଲ ଭାବରେ ସମ୍ଭବ ! ନିଜ ଭାଷାରେ ଖାଲି ଲେଖାଯାଏନି, ଭାବ ଆପେ ଆପେ ଅନ୍ତରରୁ ବାହାରି ବାଟ କଢାଇ ନିଏ। ପ୍ରକୃତ ଭାବଧାରା ପ୍ରକାଶକୁ ଖୋଜିବାକୁ ପଡ଼େନି ଶବ୍ଦକୋଷ। କାରଣ ଏହା ସ୍ୱତଃ ନିଃସୃତ। ଫଳରେ ଲେଖାଟି ଜୀବନ୍ତ ମନେହୁଏ। ଲେଖାରେ ଘଟଣା ଯାହା ଥାଉନା କାହିଁକି ଏହା ପାଠକଙ୍କୁ ଅନୁଭବୀ ବନାଇଦିଏ। ଅନ୍ୟ ଭାଷାରେ ଶବ୍ଦକାଠିନ୍ୟ ସଂଗୃହୀତ-ସଂଯୋଜନ କୃତ୍ରିମ ଭାବ ଥିବାର ଜଣାଇ ଦିଏ। ବେଳେ ବେଳେ ଖାପଛଡା ଲାଗେ। ହଜାଇଦିଏ ସ୍ୱତଃ ପ୍ରବୃତ୍ତ ଭାବନାକୁ ଆଉ ସାଉଁଟି ଆଣେ କେତେ କେତେ ଅମୂଲ୍ୟ ମହାର୍ଘ୍ୟ ଅନ୍ତଃସାରହୀନ ଶବ୍ଦକୋଷକୁ। ଏଇତ ପାର୍ଥକ୍ୟ। ମାତୃଭାଷା ପାଇଁ ଚିନ୍ତନର ଆବଶ୍ୟକତା କମ୍ କିନ୍ତୁ ଅନ୍ୟଭାଷା ପାଇଁ ବହୁବିଧ। ଆପେ ଆପେ ବାହାରି ଆସୁଥିବା ଭାଷା ଆଉ ଯୋଡ଼ିଯାଡି ସୁନ୍ଦର କରାଯାଉଥିବା ଭାଷାରେ ପ୍ରଭେଦ ପରି। ନିଜ ଅନୁଭବରେ ଆଣି ପହଞ୍ଚାଇଦିଏ ମାତୃଭାଷାରେ ବର୍ଣ୍ଣନା, ପକ୍ଷାନ୍ତରେ ଅନ୍ୟଭାଷା ମନେହୁଏ ବହୁ ଜ୍ଞାନ ବା ଶବ୍ଦ ସମ୍ଭାରରେ ସୃଷ୍ଟି ପରି। ସତେ ଯେପରି କେବଳ ଆଲଙ୍କାରିକ ସଂଯୋଜନା। ପ୍ରାକୃତିକ କୃତିମତ୍ତାରେ ପ୍ରଭେଦ ଭଳି।

ମାତୃଭାଷାରେ ଯିଏ ସମୃଦ୍ଧ ସିଏ ଯେ କୌଣସି ଭାଷାରେ ମଧ୍ୟ ପ୍ରବୀଣ ହୋଇପାରେ। କିନ୍ତୁ ଅନ୍ୟ ଭାଷାରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିଟି ଯେ ନିଜ ଭାଷାରେ ଦକ୍ଷ ଏହା ସଦା ସତ୍ୟ ହୋଇ ନ ପାରେ। ତେଣୁ ପ୍ରଥମେ ମାତୃଭାଷାରେ ଦକ୍ଷତା ହାସଲ ସହ ଇଂରାଜୀରେ ଜ୍ଞାନ ଅର୍ଜନ କଲେ ତାହା ଜୀବନ ପ୍ରଗତିରେ ସହାୟକ ହୋଇପାରିବ। ସମଗ୍ର ପୃଥିବୀର ଅଧିକାଂଶ ଦେଶରେ ନିଜକୁ ଆବଶ୍ୟକ ବେଳେ ଚଳିବାରେ ଯଥେଷ୍ଟ ସହାୟକ ହେବ। ଅଧିକ ଭାଷା ଜାଣିବାରେ ବାଧକ ଭାବନା ନ ରହୁ। ପ୍ରାୟ ସାଧାରଣ ବିଦେଶୀଙ୍କୁ ଦେଖିଲେ ଜାଣିହେବ ଯେ ସେମାନେ କିପରି ଅନର୍ଗଳ କଥା କହିପାରନ୍ତି ନିଜ ଭାଷାରେ। କହିଲା ବେଳେ ତାଙ୍କର ଭାବନା ଦୈହିକ ଭାବଭଙ୍ଗୀରେ ସ୍ୱତଃ ପରିସ୍ଫୁଟିତ ହେଉଥାଏ। ତୁଣ୍ଡରୁ ବାହାରି ଚାଲିଥାଏ ଅବିରଳ ତାଙ୍କ କଥିତ ମାତୃଭାଷା। ସେ ଜ୍ଞାନୀ ହେଉ । ଅଜ୍ଞାନ।



କାଳିଦାସଙ୍କର 'କାତରେ କବିତା କୃତ' ମନକୁ ଆସେ। ପ୍ରତ୍ୟେକ ମନୁଷ୍ୟ ଯେତେବେଳେ ଦୁଃଖରେ ଭାଙ୍ଗିପଡେ ଆପେ ଆପେ ବାହାରିପଡେ ତା'ର ମାତୃଭାଷା। କବି ନ ହୋଇ କବିତା ସୃଷ୍ଟି କରେ। ଭୁଲିଯାଏ ସାହିତ୍ୟକୁ। ସୁସଜ୍ଜିତ ଭାଷା। ତୁଣ୍ଡ ଆପେ ଖୋଲି ହୋଇଯାଏ ନିଜର ମାତୃଭାଷାର ନିଚ୍ଛକ ଏକାନ୍ତ ଭାବନା ନେଇ। ମାତୃଭୂମି ପରି ମାତୃଭାଷାର ଆକର୍ଷଣ ଅଲଂଘ୍ୟ। ଅନ୍ୟ ଭାଷାଭାଷୀ ରାଜ୍ୟରେ ଥିବାବେଳେ ନିଜ ଭାଷାଭାଷୀ ଲୋକଙ୍କୁ ଦେଖିଲେ, ମିଳିବାକୁ କେବଳ ଇଚ୍ଛା ହୁଏନି ବରଂ ଇଚ୍ଛା ହୁଏ ଦୁଇପଦ ନିଜଭାଷାରେ କଥା ହେବାକୁ। ଆତ୍ମୀୟତା ବଢେ। ଗର୍ବ ଆସେ। ଭାଷା ମମତା ସୃଷ୍ଟିକରେ।

ଆମେ ଭାରତୀୟ ହିସାବରେ ଆଜିକା ଦୁନିଆରେ ଟିକେ ଭାଷା ଉପରେ ଆଲୋକପାତ କରିବା। ଆମ ଦେଶ ବିବିଧ ଭାଷାରେ ସମୃଦ୍ଧ। ସମୟ ବଦଳୁଛି। ଆଗପରି ଆଉ କେବଳ ଇଂରାଜୀ ଭାଷା ଆମର ସର୍ବୋଚ୍ଚ ସରକାରୀ ଚାକିରି ପାଇଁ ସୀମିତ ନାହିଁ। ବଦଳିଗଲାଣି ପରୀକ୍ଷା ପଦ୍ଧତି। ବହୁ ଭାରତୀୟ ଭାଷାରେ ପରୀକ୍ଷା ଦେବାର ସୁଯୋଗ ସୃଷ୍ଟି ହେଲାଣି। ଇଂରାଜୀରେ ଅନର୍ଗଳ କହିପାରୁଥିବା ଲୋକ ଯେ ଏକମାତ୍ର ଯୋଗ୍ୟ ଏ ବିଚାର ଆଉ ଆମ ସରକାରଙ୍କର ନାହିଁ। ପ୍ରଶାସନ ପାଇଁ ସ୍ଥାନୀୟ ଭାଷା ଜାଣିଥିବା ଲୋକ ଅଧିକ ଉପଯୁକ୍ତ ମନେହେଲେଣି। ଏପରି କି ନିଜ ମାତୃଭାଷାରେ ପରୀକ୍ଷା ଦେଇ ପିଲେ ଏବେ ଅଧିକ ଆକର୍ଷଣୀୟ ହୋଇ ପାରୁଛନ୍ତି। ହିନ୍ଦୀ, ତାମିଲ, ଓଡ଼ିଆ ଇତ୍ୟାଦି ବିଭିନ୍ନ ଭାରତୀୟ ଭାଷା ବ୍ୟବହାର କରି ବହୁ ପରୀକ୍ଷାର୍ଥୀ ସର୍ବୋଚ୍ଚ ପଦବୀକୁ ଆଗରୁ ଅକ୍ତିଆର କରୁଥିବା କେବଳ ଇଂରାଜୀ ପଢୁଆ ବାବୁଙ୍କ ଆୟତ୍ତରୁ କିଛିଟା ଛଡ଼ାଇ ନେଲେଣି। ତାଙ୍କୁ ପ୍ରାଧାନ୍ୟ ଦେବାର ଯଥାର୍ଥତା ବି ଅଛି। କାରଣ ସେମାନେ ହେବେ ବିଭିନ୍ନ ଭାରତୀୟ ଭାଷା ବ୍ୟବହାର ହେଉଥିବା ରାଜ୍ୟର ପ୍ରଶାସକ। ନିଜ ଭାଷାରେ ନିଜ ରାଜ୍ୟରେ ପ୍ରଶାସକ ଯେତେ ଗ୍ରହଣୀୟ ହୋଇପାରିବେ, ଅନ୍ୟଭାଷୀ ସେତେ ହୋଇ ପାରିବେ କି? ସେମାନେ ନିର୍ଭର କରିବେ ଅନ୍ୟ ଉପରେ ଯେ ତାଙ୍କୁ ସେଠାକାର ଭାଷାରେ ବୁଝେଇ ପାରିବେ, ଯାହାକି ବେଳେବେଳେ ପ୍ରକୃତ ସମସ୍ୟାକୁ ଟିକିନିଖି ଜଣାଇବାରେ ସକ୍ଷମ ହୋଇ ନ ପାରେ।

ଇଚ୍ଛାକୃତ ବିଷୟରେ ଓଡ଼ିଆ ନେଇ ମଧ୍ୟ ଭାରତୀୟ ପ୍ରଶାସନ ସେବା ପାଇବା ଏବେ ଦେଖାଗଲାଣି। ତାମିଲ ଭାଷାରେ କହୁଥିବା ଜଣେ ମହିଳା ଏବଂ ହିନ୍ଦୀ ଭାଷୀ ବହୁ ପୁରୁଷ ବିନା ଇଂରାଜୀରେ ପ୍ରଶାସନ ସେବାରେ ତାଙ୍କ ଦକ୍ଷତା ବଳରେ ବଛାଯାଇ ପାରୁଛନ୍ତି। ମାତୃଭାଷା ଯେ କେବଳ ଏକ ସାଧାରଣ ଭାଷା ତାହା ନୁହେଁ, ତାହା ଆପଣେଇନେବା ଏବଂ ବୌଦ୍ଧିକ ବିକାଶକୁ ବୁଝାମଣାଭିତ୍ତିରେ ଆଗେଇ ନେବାର ଏକ ପ୍ରକୃଷ୍ଟ ମାଧ୍ୟମ। ମାତୃଭାଷା ନିଜର ଅନ୍ତର୍ନିହିତ ଭାବନା ପ୍ରକାଶରେ ନିର୍ମଳତା ରଖେ। ମାତୃଭାଷା ଶିକ୍ଷାଭିତ୍ତିକ ସନ୍ତୋଷଜନକ କୃତିତ୍ୱ ପାଇଁ ଗୋଟିଏ ଉପାଦେୟ ତଥ୍ୟ ଏବଂ ପଥ୍ୟ। ଏହା ଦୈହିକ ଭାବଭଙ୍ଗୀର ସୁପ୍ରକାଶ୍ୟ, ବାର୍ତ୍ତାଳାପରେ ସୁସ୍ପଷ୍ଟ। ବୁଦ୍ଧିପ୍ରଦ ବିଷୟବସ୍ତୁର ପ୍ରସ୍ତୁତି ତଥା ସ୍ପଷ୍ଟ ତଥ୍ୟ ଉପସ୍ଥାପନା ସହ ଧ୍ୱନି ବିଜ୍ଞାନ (ଫୋନେଟିକ୍ସ)ର ଅସଲି ପରିପ୍ରକାଶ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉପାଦାନ। ମାତୃଭାଷା ପ୍ରତ୍ୟେକ ବ୍ୟକ୍ତିର ଅସ୍ମିତାର ପ୍ରଥମ ପରିଚୟ।

**ଗୁଣ୍ଡିଚାବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଭାରତରେ ପ୍ରତିବର୍ଷ ୭୮ ମିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଅନେକ ସ୍ଥାନରେ କେତେକ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ବିଭିନ୍ନ ଉତ୍ସବ ବା ଭୋଜିରୁ ନଷ୍ଟ ହେଉଥିବା ଖାଦ୍ୟ ସଂଗ୍ରହ କରି ଅସହାୟ ବ୍ୟକ୍ତିଙ୍କୁ ଖାଇବାକୁ ଦେଉଛନ୍ତି। ଅନେକେ ମଧ୍ୟ ବୁଲାପ୍ରାଣୀଙ୍କୁ ଖାଇବାକୁ ଦେଉଥିବା ଦେଖିବାକୁ ମିଳେ ଏବଂ ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ବୁଲନ୍ଦସହରର ଆଶୁତୋଷ ଅନ୍ୟତମ। ସେ ଦିଲ୍ଲୀ ମୁଖାର୍ଜୀ ନଗରରେ ରହି ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ମୁଖାର୍ଜୀ ନଗରର ବିଭିନ୍ନ ଉତ୍ସବରେ ଲୋକେ ଖାଇବା ପରେ ବଳକା ଖାଦ୍ୟ ଫିଙ୍ଗି ଦେଇଥାନ୍ତି। ଭୋଜିରେ ପତ୍ର ଭିତରେ ଗଦା ହୋଇ ରହୁଥିବା ଖାଦ୍ୟ ବିନା ଦ୍ୱିଧାରେ ସଂଗ୍ରହ କରି ତାହାକୁ ଠୁଳ କରି ଗୋରୁ, କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ବଡ଼ କଥା ହେଉଛି ସେ ତାଙ୍କ ପଢ଼ା ସମୟ ଭିତରେ ନିୟମିତ ଭାବେ ଏହି କାମ ଜାରି ରଖିଛନ୍ତି। ବିଶେଷକରି ପାର୍କରେ ରହୁଥିବା ପକ୍ଷୀଙ୍କୁ ସେ ଖାଇବାକୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ଫେବୃଆରୀ ୧୯୭୭

- କେନ୍ଦ୍ର ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୫ଟି କ୍ରୀଡ଼ା ପୁସ୍ତକ ଜାତୀୟ ପୁରସ୍କାର ପାଇବା ଲାଗି ବିବେଚିତ ହୋଇଛି।
- ଲୋକସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧରେ ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରିବା ଅଭିଯୋଗରେ ପଶ୍ଚିମବଙ୍ଗ କଂଗ୍ରେସ କମିଟି ୧୦ ଜଣ ନେତାଙ୍କୁ ୭ ବର୍ଷ ପାଇଁ ଦଳରୁ ବହିଷ୍କାର କରିଛନ୍ତି।
- ମହମ୍ମଦ ଅସିଫ ଅନସାରୀଙ୍କୁ ରାଷ୍ଟ୍ରପତି ଦୁଇ ବର୍ଷ ଲାଗି ଆଲାହାବାଦ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

ମନ-ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିମ୍ପାଁ ଲାଗିଲା ମୁଗ୍‌ଧ କାଉଁରୀ
ମନେ ନାହିଁ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 7 | | 6 | | 4 | | 8 | 1 |
| | | | | | | 4 | | |
| 2 | | 3 | | | 5 | 6 | | 9 |
| | | | 1 | 8 | | | 2 | 7 |
| | 2 | 6 | 4 | 5 | | 8 | | |
| | | | 7 | 3 | | | 4 | |
| 4 | | 2 | | | | | | |
| | | 7 | 2 | | | 1 | 3 | |
| 8 | | | 5 | | | | 9 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏରିଆ ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 7 | 4 | 5 | 3 | 8 | 6 | 2 |
| 8 | 5 | 4 | 9 | 2 | 6 | 3 | 7 | 1 |
| 3 | 2 | 6 | 7 | 8 | 1 | 9 | 5 | 4 |
| 5 | 7 | 3 | 8 | 1 | 2 | 6 | 4 | 9 |
| 6 | 4 | 1 | 5 | 3 | 9 | 2 | 8 | 7 |
| 2 | 9 | 8 | 6 | 4 | 7 | 5 | 1 | 3 |
| 4 | 8 | 2 | 3 | 7 | 5 | 1 | 9 | 6 |
| 1 | 6 | 5 | 2 | 9 | 4 | 7 | 3 | 8 |
| 7 | 3 | 9 | 1 | 6 | 8 | 4 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନଶୁଣାଣି କାହା ପାଇଁ

ମହାଶୟ,

ମୁଁ ମାହାଙ୍ଗା ତହସିଲଦାର, ରାଜସ୍ୱ ନିରୀକ୍ଷକ (କୋଠପଦା)ଙ୍କ ମନମାନୀ ଓ ଦୁର୍ନୀତି ତଥା ଅପାରଗତା ସମ୍ପର୍କରେ ବର୍ଷେ ହେବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଆସୁଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସେମାନେ ଖାତିର କରୁନାହାନ୍ତି। ଦଲାଲଙ୍କ କେନ୍ଦ୍ର ପାଲଟିଛି ମାହାଙ୍ଗା ତହସିଲ କାର୍ଯ୍ୟାଳୟ। ବିନା ଲାଞ୍ଚରେ ଫର୍ମ ଖଣ୍ଡେ ବି ମିଳୁ ନାହିଁ। ମୁହେଁ ମୁହେଁ ଶୁଣାଇ ଦେଉଛନ୍ତି ଆମେ ତୁମ କାମ ବିନା ଲାଞ୍ଚ ଓ ଦଲାଲ ବିନା କରିଦେବୁ। ଆଉ ଗୋଟେ ହେଲା ମାହାଙ୍ଗା ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ମୁଁ ପ୍ରଥମଥର ୬୭ ବର୍ଷ ବୟସରେ ସକାଳୁ ଗଲି ଅଭିଯୋଗ ନେଇ। ଖରାରେ ଛିଡା ହେଲି ଏବଂ ୧୧ଟାରେ ଡାକରା ଆସିଲା। ମୋ ଅଭିଯୋଗ ଶୁଣି ନ ଶୁଣି ଅଧିକାରୀ ମାନେ କାଜୁ କିସ୍‌ମିସ୍ ଖାଇବାରେ ମଜିଗଲେ। ହସ ଖୁସିରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ମସ୍‌ଗୁଲ ଥିଲେ। ଧନ୍ୟରେ ତମ ଜନଶୁଣାଣି।

**-ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟନୀଳୟମ, କୁଣ୍ତି, କୁମୁଡା, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପାରାଦୀପ ବେଳାଭୂମିରେ ବିଶାଳ ମୃତ ତିମି



ପାରାଦୀପ ଷଣ୍ଢକୁଦ ବସ୍ତି ପାଖ ସମୁଦ୍ର କୂଳରେ ପଡ଼ିଥିବା ତିମିର ଗଳିତ ମୃତଦେହ।

ପାରାଦୀପ,୨୪।୨(ଶରତ ରାଉତ)

ପାରାଦୀପ ଷଣ୍ଢକୁଦ ବସ୍ତି ପାଖ ସମୁଦ୍ର କୂଳରେ ମଙ୍ଗଳବାର ଏକ ବିଶାଳକାୟ ତିମି ପଡ଼ିଥିବା ଦେଖିବାକୁ ମିଳିଛି। ୨୫ ଫୁଟ ଲମ୍ବ ବିଶିଷ୍ଟ ଉକ୍ତ ମାଛର ଅର୍ଦ୍ଧାଧିକ ଶରୀର ଶଢ଼ିଯାଇଛି। ତାକୁ ଦେଖିବା ପାଇଁ ସେଠାରେ ଲୋକମାନଙ୍କ ଭିଡ଼ ଜମିଛି। ଘଟଣାସ୍ଥଳରେ କୁଜଙ୍ଗ ବନାଞ୍ଚଳ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ପ୍ରାଣୀଧନ ବିଭାଗର ଡାକ୍ତର ନିରଞ୍ଜନ ବେହେରା ପହଞ୍ଚି ମୃତ ମାଛର ନମୁନା ସଂଗ୍ରହ କରିଥିଲେ। ମୃତ ମାଛର ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର ବେହେରା କହିଛନ୍ତି। ମାଛଟି ଅନୁମାନ ୧୫ ଦିନ ପୂର୍ବରୁ ମରି ଭାସି ଆସି ମଙ୍ଗଳବାର ଲାଗିଥିବା ସ୍ଥାନୀୟ ମତ୍ସ୍ୟଜୀବୀ ସୁବା ରାଓ କୁହନ୍ତି। ମୃତ ମାଛ ପଡ଼ିଥିବା ଯୋଗୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧ ହେଉଛି। ବନବିଭାଗ ପକ୍ଷରୁ ତାକୁ ପୋତି ଦିଆଯିବ ବୋଲି ସ୍ଥାନୀୟ ଫରେଷ୍ଟଗାର୍ଡ ମନୋଜ ହାଁସଦା କହିଛନ୍ତି।

# ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସ୍‌ରେ ବୁଲିଲା ବୁଲ୍‌ଡୋଜର

ଯାଜପୁର/ଧର୍ମଶାଳା/କାଏମା/ଚଣ୍ଡେଇଧରା,୨୪।୨(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି/ ଦିଲୀପ ପରିଡା)



ଫାର୍ମ ହାଉସରୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଛି।

**ଜବରଦଖଲରେ ଥିବା ୧ ଏକର ୧୦ ଡିସିମିଲ ଜମିରୁ ଉଚ୍ଛେଦ**

**ଭଙ୍ଗାଗଲା ପାଚେରି, ଘର**

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମଧୁପୁରଗଡ଼ର ପଟୁଆଠାରେ ଥିବା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବିବାଦୀୟ ଫାର୍ମ ହାଉସରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବୁଲଡୋଜର ବୁଲିଛି। ଫାର୍ମ ହାଉସରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିରୁ ଜବରଦଖଲରେ ଥିବା ପାଚେରି ଓ ଏକ ଛୋଟ ଘରକୁ ଜେସିବି ମେସିନ ସହାୟତାରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ୨ ରାଜସ୍ୱ ନିରୀକ୍ଷକ, ଜଣେ ଏଆର୍‌ଆଇଙ୍କ ସମେତ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଏବଂ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତହସିଲ ପକ୍ଷରୁ ୨ ଦିନ ଧରି ଉକ୍ତ ଜାଗା ମାପ ଚୁପ ହେବା ପରେ ତାଙ୍କ ଦଖଲରେ ଥିବା ୧ ଏକର ୧୦ ଡିସିମିଲ ସରକାରୀ ଜମି ଉଚ୍ଛେଦ ପାଇଁ ଆଇନଗତ ବ୍ୟବସ୍ଥା କରାଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦକୁ ଦେଖିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅଞ୍ଚଳରେ ଶତାଧିକ ଗରିବ ଭୂମିହୀନ ଲୋକ ରହିଥିବା ବେଳେ ପୂର୍ବତନ ବିଧାୟକ ବଳବନ୍ତରାୟଙ୍କ ସରକାରୀ ଜମିକୁ ଜବରଦଖଲ କରିଥିବା ଘଟଣାକୁ ନିନ୍ଦା କରିଥିଲେ। ଏହି ଘଟଣା ସେତେବେଳେ ନଜରକୁ ଆସିଥିଲା ଯେତେବେଳେ ପୂର୍ବତନ ବିଧାୟକଙ୍କ ଲେବରେଟ କର୍ମୀ ଫାର୍ମ ହାଉସରେ ଭୋଜି କରୁଥିବା ସମୟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଣବ ତାଙ୍କର ଫାର୍ମ ହାଉସ ବୋଲି କହିବା ପରେ ବିବାଦ ଘେରକୁ ଏହା ଆସିଯାଇଥିଲା। ଫାର୍ମ ହାଉସର ଖାତା ନଂ. ୩୩୬, ପ୍ଲଟ ନଂ.୧୧୧୮ ପର୍ବତ କିସମରେ ରହିଛି। କିନ୍ତୁ ଆବଶ୍ୟକତାଠାରୁ ଅଧିକ ସରକାରୀ ଜମିକୁ ଜବରଦଖଲ କରି ସେଠାରେ ପାଚେରି କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପରେ ଧର୍ମଶାଳା ତହସିଲ ପକ୍ଷରୁ ପୂର୍ବତନ ବିଧାୟକ ପ୍ରଣବଙ୍କୁ ହାଜର ହୋଇ କାଗଜିଆ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେଥିପାଇଁ ନିଜ ପକ୍ଷ ରଖିବାକୁ ତହସିଲଦାର ନୋଟିସ ଜାରି କରିଥିଲେ। ପରେ ତହସିଲ ପକ୍ଷରୁ ମାପଚୁପ୍ କରାଯାଇଥିଲା। ଏହାକୁ ନେଇ ପୂର୍ବତନ ବିଧାୟକ ପ୍ରଣବ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଡିମାର୍କେସନ ଆବେଦନ କରିଥିଲେ। ଧର୍ମଶାଳା ତହସିଲ ପକ୍ଷରୁ ୨ ଦିନ ଧରି ଉକ୍ତ ଜାଗା ମାପ ଚୁପ ହେବା ପରେ ତାଙ୍କ ଦଖଲରେ ଥିବା ୧ ଏକର ୨୭ ଡିସିମିଲ ଜାଗା ନିଜସ୍ୱ ବୋଲି ଚିହ୍ନଟ ହୋଇଥିଲା। ତାଙ୍କ ଦଖଲରେ ଥିବା ସରକାରୀ ୧ ଏକର ୧୦ ଡିସିମିଲ ଜମିକୁ ଉଚ୍ଛେଦ ପାଇଁ ଆଇନଗତ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଦାସଙ୍କୁ ପଚାରିବାରେ ପୂର୍ବତନ ବିଧାୟକ ପ୍ରଣବଙ୍କ ଫାର୍ମ ହାଉସରେ ଥିବା ଜବରଦଖଲରେ ଥିବା ଜମିର ଉଚ୍ଛେଦ ପ୍ରକ୍ରିୟା ଚାଲିଛି ବୋଲି ସେ କହିଛନ୍ତି।

## ଚତୁର୍ଥୀ ରାତିରେ ନବବଧୂଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୪।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଜୁପାଟ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ଚତୁର୍ଥୀ ରାତିରେ ଜଣେ ନବବଧୂଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେଜୁପାଟ ଗ୍ରାମର ଶଙ୍କର ବେହେରାଙ୍କ ଝିଅ ପୂଜା ବେହେରା। ପୂଜାଙ୍କ ବିବାହ ଦେହି ଗ୍ରାମର ବିଦ୍ୟାଧର ଜେନାଙ୍କ ପୁଅ ବିପିନ ଜେନାଙ୍କ ସହିତ ଗତ ୨୦ ତାରିଖରେ ବୈଦିକ ରୀତିନୀତି ଅନୁଯାୟୀ ହୋଇଥିଲା। ସୋମବାର ଚତୁର୍ଥୀ କର୍ମ ସରିବା ପରେ ରାତିରେ ବରକନ୍ୟା ଶଯ୍ୟାକୁ ଯାଇଥିଲେ। କିନ୍ତୁ ମଧ୍ୟରାତିରେ ହଠାତ ନବବଧୂ ପୂଜା ଗୁରୁତର ହୋଇପଡ଼ିଥିଲେ। ଘର ଲୋକେ ତାଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ପୂଜାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଛି।

## ଅବଧି ପୂର୍ବରୁ ହେବନାହିଁ ପଞ୍ଚାୟତ ନିର୍ବାଚନ: ମନ୍ତ୍ରୀ

ଭୁବନେଶ୍ୱର,୨୪।୨
(ରବିନାରାୟଣ ଜେନା)

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅବଧି ପୂର୍ବରୁ ହେବନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ବିଧାନସଭାରେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, ୨୦୨୭ ଫେବୃଆରୀ ପୂର୍ବରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବା ନେଇ ସରକାରଙ୍କ ପକ୍ଷରୁ ଅଦ୍ୟାବଧି ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ।

ଏଥିସହ ମନ୍ତ୍ରୀ ନାୟକ କହିଛନ୍ତି, ବ୍ଲକ ଓ ପଞ୍ଚାୟତ ପୁନର୍ଗଠନ ପାଇଁ ପ୍ରଶାସନିକସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରାଯାଇନାହିଁ। ସରକାର ବ୍ଲକ ଓ ପଞ୍ଚାୟତ ପୁନର୍ଗଠନ ପାଇଁ ଯେତେବେଳେ ବିଧିବଦ୍ଧ ନିଷ୍ପତ୍ତି ନେବେ, ସେହି ସମୟରେ ପ୍ରଚଳିତ ନୀତି ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ଲକ ଏବଂ ପଞ୍ଚାୟତ ପୁନର୍ଗଠନ ସମ୍ପର୍କିତ ପ୍ରତ୍ୟେକ ପ୍ରସ୍ତାବକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରି ନିଷ୍ପତ୍ତି ନିଆଯିବ। ତେବେ ସାମ୍ବିଧାନିକ କଟକଣା ଏବଂ ସଦ୍ୟତମ ଜନସଂଖ୍ୟା ତଥ୍ୟର ଅଭାବ କାରଣରୁ ବର୍ତ୍ତମାନ ସରକାର ପଞ୍ଚାୟତ ପୁନର୍ଗଠନ କି ସୀମା ନିର୍ଦ୍ଧାରଣ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତ ନିର୍ବାଚନ ନେଇ ବିଜେଡି ସଦସ୍ୟ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାଏକ ମଧ୍ୟ ଅନୁରୂପ ତଥ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଆଗୁଆ ହେବ ବୋଲି ସୂଚନା ଦେଇଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ମନ୍ତ୍ରୀଙ୍କ ଉତ୍ତର ପରେ ଏହି କଳ୍ପନାଜଳ୍ପନାର ଅବସାନ ଘଟିଛି।

## ମାନସିକ ବିକୃତ ମହିଳାଙ୍କ କୋଳରୁ ୨ ବର୍ଷର ଶିଶୁକନ୍ୟା ଉଦ୍ଧାର



ମହିଳାଙ୍କ କୋଳରେ ଦୁଇବର୍ଷର ଶିଶୁକନ୍ୟା।

ବାଲେଶ୍ୱର,୨୪।୨
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରର ଫାଣ୍ଡି ଛକଠାରେ ରବିବାର ସନ୍ଧ୍ୟାରେ ଜଣେ ମାନସିକ ବିକୃତ ମହିଳା ଏକ ଶିଶୁ କନ୍ୟାକୁ କୋଳରେ ବସାଇ ଗେହ୍ଲା କରୁଥିଲା ବେଳେ ପୋଲିସ ସେଠାର ପହଞ୍ଚି ଉଦ୍ଧାର କରିଛି। ପରେ ଶିଶୁକୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି।

ସମ୍ପୃକ୍ତ ମହିଳାଙ୍କ ପାଖରେ ଶିଶୁକନ୍ୟାକୁ ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଅଟକାଇ ସହଦେବଖୁଣ୍ଟା ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ମହିଳାଙ୍କ କୋଳରେ ଶିଶୁ କନ୍ୟା ଶୋଇଯାଇଥିବା ଦେଖିଥିଲେ। ପିଲାକୁ କେଉଁଠାରୁ ଆଣିଲୁ ବୋଲି ପଚାରିବାରୁ ସେ କିଛି ଉତ୍ତର ଦେଇ ନ ଥିଲେ। ପରେ ଶିଶୁକନ୍ୟାକୁ ପୋଲିସ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲା। ଜିଲା ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଶିଶୁକନ୍ୟାକୁ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ସଂସ୍ଥାରେ ରଖାଯାଇଛି। ଉକ୍ତ ମହିଳା ତାଙ୍କ ଭଉଣୀର ପିଲାକୁ ଧରି ବସିଥିବା ମଙ୍ଗଳବାର ସହଦେବଖୁଣ୍ଟା ଥାନା ପୋଲିସ ଜାଣିବାକୁ ପାଇଥିଲା। ପରେ ଶିଶୁକନ୍ୟାଙ୍କ ମା' ଆସି ପିଲାଟିକୁ ନେବା ପାଇଁ ଚାହିଁବାରୁ ପୋଲିସ ତାଙ୍କୁ ପୋଷ୍ୟସନ୍ତାନ ସଂସ୍ଥାରୁ ଆଣିବାକୁ କହିଥିବା ଥାନା ଅଧିକାରୀ ବିରଞ୍ଚି ସାହୁ କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର ନିମ୍ନଦର୍ଶିତ ଟେଣ୍ଡର ନମ୍ବର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ତା୧୭।୦୩।୨୦୨୬ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ଏସ୍‌ଟି-ସିକେପି-ଓଟି-୨୫-୨୬-୧୨୦** । ଚକ୍ରଧରପୁର ମଣ୍ଡଳରେ ଏସ୍‌ଏସ୍‌ଡିଏସି ଏବଂ ୟୁଏଫ୍‌ଏସ୍‌ବିଆଇ ନିମନ୍ତେ ଅଟୋ ମିଡିଆ ଚେଞ୍ଜ ଓଭର ସିଷ୍ଟମ୍‌ର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ: ₹୧,୯୪,୯୯,୧୩୬.୪୦; ଅମାନତ ରାଶି: ₹୨,୪୭,୫୦୦/-** । **୨. ଏସ୍‌ଟି-ସିକେପି-ଓଟି-୨୫-୨୬-୧୨୧** । ଚକ୍ରଧରପୁର ମଣ୍ଡଳରେ ଲେଫ୍‌ଟଓଭର ଆନାଲଗ୍ ଏକ୍ସଲ କାଉଣ୍ଟରକୁ ଡିଜିଟାଲ ଏକ୍ସଲ କାଉଣ୍ଟର ଦ୍ୱାରା ପ୍ରତିବଦଳ କରିବା। **ଟେଣ୍ଡର ମୂଲ୍ୟ: ₹୧୬,୬୭,୮୩,୬୮୨.୭୧; ଅମାନତ ରାଶି: ₹୯,୮୩,୯୦୦/-** । **ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୦୬ ମାସ ଏବଂ କ୍ର.ସଂ. ୨ ପାଇଁ ୧୫ ମାସ** । ଟେଣ୍ଡର ନଂ.-୧୨୧ରେ ଥିବା ଟେଣ୍ଡର "ଦୁଇ ପ୍ୟାକେଟ୍ ପ୍ରଣାଳୀ"ରେ ଏବଂ ଟେଣ୍ଡର ନଂ. ୧୨୦ରେ ଥିବା ଟେଣ୍ଡର "ଏକକ ପ୍ୟାକେଟ୍ ପ୍ରଣାଳୀ"ରେ ହେବ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ତଥା ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-1231)



**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୬-୦୩** **ତାରିଖ: ୨୪।୦୨।୨୦୨୬**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୬-୦୩ | ୧୩।୦୩।୨୦୨୬ | ୧୧.୦୦ ଘ. | ୧୭.୧୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1233) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ, ଢେଙ୍କାନାଳ**

**ନୋଟିସ**

ସଂଖ୍ୟା: ୨୭୭ ତାରିଖ: ୨୪।୦୨।୨୦୨୬

No. 24001/50/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଷ୍ଟାମ୍ପ ସଂଶୋଧନ ନିୟମ, ୨୦୨୫ ଅନୁଯାୟୀ ଜିଲ୍ଲା ମୂଲ୍ୟାୟନ କମିଟି, ଢେଙ୍କାନାଳର ଅନୁମୋଦନକ୍ରମେ ଢେଙ୍କାନାଳ ଜିଲ୍ଲା ଅଧୀନସ୍ଥ ସମସ୍ତ ରାଜସ୍ୱ ଗ୍ରାମମାନଙ୍କ ଜମି ଅଧୀନସ୍ଥ ପ୍ଲଟଗୁଡ଼ିକର ସରକାରୀ ମୂଲ୍ୟ ପୁନଃ ନିର୍ଦ୍ଧାରଣ କରାଯାଇଅଛି।

ଉକ୍ତ ମୂଲ୍ୟାୟନର ନକଲ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ, ଢେଙ୍କାନାଳ, ସମ୍ପୃକ୍ତ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟମାନଙ୍କରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଉପଲବ୍ଧ କରାଯାଇଅଛି।

ଉକ୍ତ ମୂଲ୍ୟାୟନ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର ଅଭିଯୋଗ ଥାଏ, ପ୍ରାମାଣିକ ତଥ୍ୟ ସହ ସେ ସମ୍ପୃକ୍ତ ନିବନ୍ଧନ ଅଧିକାରୀଙ୍କ ପାଖରେ ଏହି ନୋଟିସ ପ୍ରକାଶନର ୩୦ (ତିରିଶ) ଦିନ ମଧ୍ୟରେ ଅଫିସ୍ କାର୍ଯ୍ୟଦିବସରେ ଅଭିଯୋଗ କରିପାରିବେ। ନିର୍ଦ୍ଧାରିତ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

ଜିଲ୍ଲାପାଙ୍କ ଆଦେଶକ୍ରମେ

OIPR-24001/24396/1/25-26/0001 ସ୍ୱା./- ଜିଲ୍ଲା ଉପନିବନ୍ଧକ, ଢେଙ୍କାନାଳ



**WATER AND LAND MANAGEMENT INSTITUTE**
(An Autonomous Training Institute under DoWR, Govt. of Odisha)
Pratapnagari, Telengapentha, Cuttack, Odisha, PIN - 754001
mail: walmi@odisha.gov.in, Web: https://walmi.odisha.gov.in/home

No. 32001/134/2526 **TENDER ENQUIRY No. 04/2025-26**

- WALMI, Odisha intends to hire an experienced registered catering firm/company/ Co-operative at Pratapnagari to cater food to the officers as well as farmers trainees at Pratapnagari, Cuttack.
- Interested bidder may obtain more information, detailed tender enquiry requirement stipulating the eligibility & information to be provided by them from website of WALMI **https://walmi.odisha.gov.in/home** from Dt.25.02.2026 to Dt.11.03.2026.
- Proposals must be submitted in a sealed envelope containing the tender document at the address by 11.03.2026 upto 5.00 P.M. through Speed Post/ Registered Post/Drop Box at WALMI.
- The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above.
- The cost of tender document is to be remitted in the form of Bank Draft/Demand Draft payable to the Deputy Director, WALMI at Bhubaneswar or Cuttack. The firms/agencies are to send their bids to Deputy Director, WALMI with EMD and tender fee on or before 11.03.2026 by 5.00 P.M. which is the last date of receipt of application.
- Late submission will not be considered. The proposals so received shall be opened on 12.03.2026 at 12.30 P.M. in the office chamber of the undersinged in presence of the firm/authorized representatives if any who wishes to attend.
- The undersigned reserves the right to accept any or all proposals or cancel the invitation without assigning any reason thereof. The authority reserves the right to modify/cancel the quotation without assigning any reason thereof. Contact No. 8658644865.

OIPR-32001/32541/1/25-26/0001 Sd./- Deputy Director WALMI, Odisha


See Career Appointment on every Wednesday & Saturday


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail: eerw_anandapur@yahoo.co.in

No. 1169 Date:

**TENDER CANCELLATION NOTICE**

No. 25001/232/2526: The tender for the works invited vide e-Procurement Notice No. 952 Dtd.16.02.2026 (Bid Identification No. NCB-Online 17/EE/RW/AND/2025-26) of Executive Engineer, O/o. the Superintending Engineer, Rural Works Division, Anandapur is hereby cancelled due to unavoidable circumstances.

Sd./- Executive Engineer
R.W. Division, Anandapur

OIPR-25001/25055/1/25-26/0016



**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232641(R), Fax: 06861-232541
E-Mail: unit.head_balimela@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com
CIN: U40101OR1995SGC003963, GSTIN: 21AAACO2575P1Z9

**TENDER CALL NOTICE No.: BHEP/TECH/66/2025-26, Dtd.: 20.02.2026**

No. 4001/40/2526: The sealed tenders are invited in Single part bid basis from the Manufacturer/Reputed Suppliers/Authorised Dealers for supply of materials as detailed below.

| Sl. No. | Description of Items | Cost of Tender Paper (In Rs.) |
|---|---|---|
| 1 | Supply of Hydraulic Jacks with Manual Hand Pumps for BHEP, Balimela. | Rs.7080/- inclusive of GST @ 18% |

The sale of tender paper will be from : 26.02.2026 to 13.03.2026 (upto 11.00 hrs.)
The last date & time of receipt of tenders : Upto 12.00 Hrs. of 13.03.2026
Date and time of opening of the Bid : 13.03.2026 at 12.30 hrs.
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

OIPR-4001/4088/1/25-26/0004 Sd./- C&P Head, BHEP, Balimela



**ODISHA STATE SEEDS CORPORATION LTD.**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel.- MD: 0674-2340573, E Mail: mdossctd456@gmail.com

**Short e-Tender Call Notice for Procurement of Certified Turmeric Rhizomes for Kharif - 2026**
NIT No. OSSC/Mktg (Hort) - 01/2026

No. 1001/30/2526: Interested bidders may visit the e-tender portal i.e. **www.tendersodisha.gov.in** for downloading the document for Procurement of Certified Turmeric Rhizomes for Kharif - 2026.
Last date of receipt of tender in portal - **06.03.2026 upto 05.00 P.M.**

Sd./- Managing Director
OSSC Ltd.

OIPR-1001/1045/1/25-26/0010



**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK
No. 1190/PSC, Dt.23.02.2026
1M-20-2024-25 (Store)

**QUOTATION CALL NOTICE**

No. 12001/28/2526: Sealed quotations are hereby invited from the intending authorized Agencies/Dealers having valid GST Registration. They should submit their applications along with copies of PAN Card and GST Registration Certificate for supply of two Customized Godrej Interio Kreation X2 4 Doors & 3 Doors Modular Steel Almirah (Light Cream Color having 8-9 shelves of at-least 1.25ft height and 1.72ft depth) for use in the Office of the Odisha Public Service Commission, Cuttack. However, the interested bidders must visit the Office of the Commission on any Govt. of Odisha working day prior to bidding to get the exact dimension of Kreation to be installed.
The sealed quotation should reach the undersigned at 11 A.M. on or before 27.02.2026 and shall be opened on the same day at 3.30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.

OIPR-12001/12002/1/25-26/0012 Sd./- Secretary



**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, JEYPORE**
E-mail ID: mijeypore@yahoo.co.in

**NOTICE INVITING TENDER**
**'E'-Procurement Notice**
Bid Identification No. MIDJEY-22/2025-26

Letter No. 263 Dt.23.2.26

No. 32001/133/2526: The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single/ Double Cover system through Online Mode. The bid documents consisting of work, estimated cost, cost of tender paper, time of completion, class of contractors, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**.

1. Name of the work : Construction of Check Dam under MATY 3.0 Scheme and MIPSP for the year 2025-26.
2. Total Number of work : 06 (Six) Nos.
3. Estimated Cost : Approximately Rs.40.96 to 59.81 lakhs
4. Period of Completion : 04 (Four) Calendar Months
5. Class of Contractor : "B" Class Contractor
6. Date and time of availability of bid documents in the portal : From 10.00 A.M. of 27.02.2026 to 5.30 P.M. of 09.03.2026
7. Last date/time for receipt of bids in the portal : 5.30 P.M. on 09.03.2026
8. Date of opening of bid : At 11.00 A.M. on 10.03.2026 in website **(www.tendersorissa.gov.in)**
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website: **www.tendersorissa.gov.in**.

Sd./- Superintending Engineer
M.I. Division, Jeypore

OIPR-32001/32374/1/25-26/0002



**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

No.31001/21/2526

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ଆଇ.ଟି.ଆଇ. ପଡ଼ିଆ, ବାଲେଶ୍ୱର
**ସୁଭଦ୍ରା ଶକ୍ତି ମେଳା, ବାଲେଶ୍ୱର-୨୦୨୬**
ତା.୨୨.୦୨.୨୦୨୬ରିଖ ଠାରୁ ୨୮.୦୨.୨୦୨୬ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

"ଆପଣଙ୍କ ପ୍ରିୟ ବାଲେଶ୍ୱର ସହରରେ ସୀମିତ ସମୟ ପାଇଁ"
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ସୁଲଭ ମୂଲ୍ୟରେ ବସ୍ତ୍ର କ୍ରୟ କରିବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

OIPR-31001/31011/1/25-26/0003 ସ୍ୱା./-ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱର



**ODISHA PUBLIC SERVICE COMMISSION, CUTTACK**
**NOTICE**
No.1204/PSC Dt.24.02.26
(1R-04-2024/25) (DR-V)

No. 12001/31/2526: It is for information of all concerned that, pursuant to the Advertisement No. 27 of 2023-2024, **87 (Eighty Seven)** candidats, bearing following PPSAN have been shortlisted for interview for the post of **Assistant Professor (Stage-I) in "Computer Science"**. The interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 from **09.03.2026 to 11.03.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 09.03.26 | 10.30 A.M. | P220005007, P220010492, P220016680, P220019555, P220060069, P220064181, P220088448, P230110403, P230113572, P230150407, P230172811, P230173748, P230173869, P230173963, P230174435 & P230176247 **= 16 Candidates** |
| | 2.30 P.M. | P230176882, P230176961, P230177543, P230178157, P230178656, P230180916, P230181518, P230182514, P230186145, P230188075, P230191556 & P230192733 **= 12 Candidates** |
| 10.03.26 | 10.30 A.M. | P240235156, P240294300, P240296935, P240297552, P240298127, P240298145, P240298206, P240298728, P240298849, P240299780, P240299784, P240300426, P240300718, P240300790, P240300791, P240301069, P240302141 & P240302249 **= 18 Candidates** |
| | 2.30 P.M. | P240302401, P240302529, P240302647, P240302650, P240302988, P240303094, P240303234, P240303302, P240303535, P240303758, P240303799 & P240304177 **= 12 Candidates** |
| 11.03.26 | 10.30 A.M. | P240304416, P240304439, P240304543, P240304623, P240304709, P240304953, P240305016, P240305211, P240305624, P240305690, P240305903, P240306996, P240306997, P240307181, P240308057, P240308095 & P240308580 **= 17 Candidates** |
| | 2.30 P.M. | P240308840, P240309698, P240309744, P240310230, P240310895, P240311224, P240311454, P240311494, P240311672, P240311773, P240312067 & P240313054 **= 12 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commisison **one and a half hours before the commencement of interview** on the scheduled date & time as mentioned above.
**FURTHER, THE CANDIDATES ARE ADVISED TO BRING THE FOLLOWING FOR THE INTERVIEW.**
(a) List of articles/publications with original copies (format enclosed at Annexure-I).
(b) List of books authored and co-authored with original copies (format enclosed at Annexure-II).
(c) 04 sets of 4 (four) publications/articles of which the candidate is the first or second authors.
(d) 04 sets of 2 (two) books authored/co-authored by the candidates.
(e) A brief synopsis of doctoral research paper in two pages - 4 sets.
**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THERE CHOHICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR- 12001/12002/1/25-26/0013 Sd./- Secretary



**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, हजारीबाग**

**ई– अल्पकालीन निविदा आमंत्रण सूचना**

ई–निविदा सं0 :– **RDSPL/SD/HZB/40/2025-26**
1. कार्य की विस्तृत विवरणी :

| ग्रुप सं0 | आईडेन्टी फिकेशन संख्या /पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/40/2025-26 | बड़कागांव | बड़कागांव प्रखण्ड अंतर्गत पंचायत सांढ के ग्राम–शिवाडीह के कुषवाहा खेल मैदान शिवाडीह के किनारे हहारो नदी में गार्डवाल का निर्माण। | 30486800.00 | 609800.00 | 10000.00 | 12 माह |

2. वेबसाइट में निविदा प्रकाशन की तिथि – 02.03.2026
3. ई–निविदा प्राप्ति की तिथि एवं समय – दिनांक 02.03.2026 से दिनांक 10.03.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –11.03.2026 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 373521 Rural Development(25-26)#D

# ଆନ୍ଦୋଳନ ଜାରି ରଖିବ ଛେଳିଗଡ଼ ବୁଡି ଅଞ୍ଚଳ ସଂଗ୍ରାମ ସମିତି

ଆର.ଉଦୟଗିରି,୨୪।୨ (ମନୋଜ କୁମାର ପାଢ଼ୀ): ଗଜପତି ଜିଲ୍ଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ଡିଙ୍ଗାଁ ପୁଞ୍ଜଣା ହାଟପଦାଠାରେ ମଙ୍ଗଳବାର ଛେଳିଗଡ଼ ବୁଡି ଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ଆଲୋଚନା ସଭା ଏବଂ ୧୫ ଦଫା ଦାବି ନେଇ ଆନ୍ଦୋଳନ ଜାରି ନିମନ୍ତେ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଦୀର୍ଘ ୩୦ ବର୍ଷ ହେବ ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟ ସରୁ ନଥିବା ବେଳେ ଜେଜେଙ୍ଗ ବିସ୍ଥାପିତଙ୍କୁ ଏ ଯାଏ ଥଇଥାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ନୂତନ ଜିଲାପାଳ ବିସ୍ଥାପିତଙ୍କ ଅଭିଯୋଗର ତ୍ରିତୀୟ ଦିନରେ ବିସ୍ଥାପିତଙ୍କ ଗ୍ରାମରେ ପହଞ୍ଚି ସମସ୍ତ ବିଷୟ ତଦାରଖ କରିଥିଲେ। ଏହାପରେ ବିସ୍ଥାପିତଙ୍କ ଘର ଡିହ ସମସ୍ୟାର ସମାଧାନ ହୋଇ ନ ଥିଲେ ମଧ୍ୟ ଜଙ୍ଗଲ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅନ୍ୟପଟେ ଉକ୍ତ ବିସ୍ଥାପିତ ଗ୍ରାମବାସୀମାନେ ୧୫ ଦଫା ଦାବିକୁ ନେଇ ଆଲୋଚନା କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ବୈଠକରେ ଛେଳିଗଡ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ସଭାପତି ଚୈତନ୍ୟ ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, ଉପସଭାପତି ସୁରେନ୍ଦ୍ର ନାୟକ, ସହ ସମ୍ପାଦକ କୁରେଶ ବଡ଼ଋଷଭ, କୋଷାଧ୍ୟକ୍ଷ ନରହରି ରଇତ,ଉପଦେଷ୍ଟା ରବିନ୍ଦ୍ର ନାୟକ, ସରୋଜ ବଡ଼ ରଇତଙ୍କ ସହ ଅନ୍ୟ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା ଚାଲିଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ବର୍ଷା ବାଧା


ଦାରିଙ୍ଗବାଡିରେ ହୋଇଥିବା ବର୍ଷା।

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୨୪।୨ (ଅରୁଣ ସାହୁ/ମନୋରଞ୍ଜନ ରଣା): ଦରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁରେ ମୁକ୍ତେଶ୍ୱର ଓ ହନୁମାନଙ୍କ ମନ୍ଦିର ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନୀ ଦିବସରେ ସୋମବାର ରାତିରେ ବର୍ଷା ହୋଇଛି। ଫଳରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅଧାରେ ବନ୍ଦ ହୋଇଛି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମାୟଣ କଥାବସ୍ତୁଭିତ୍ତିକ ନାଟକ 'ଅଶୋକ ବନରେ କାନ୍ଦନ୍ତି ସୀତା' ମଞ୍ଚସ୍ଥ ହେଉଥିଲା। ଏହି ସମୟରେ ବର୍ଷା ହେବାରୁ ନାଟକ ଅଧାରୁ ରହିଥିଲା। ସୀତା ଚୋରି ପରେ ବାଳି ବଧ ଦୃଶ୍ୟ ଅଧାରୁ ଅଟକିଛି। ଏହା ମଙ୍ଗଳବାର ସଂଧ୍ୟାରେ ହେବାକୁ ନିଷ୍ପତ୍ତି ହୋଇଛି। ଶୀତ ଦିନ ପରେ ଦିନରେ ଖରା ଅନୁଭୂତ ହେଉଥିଲା। ପାଗ ଶୁଖିଲା ଥିଲା। ସୋମବାର ପ୍ରଥମ କାଳବୈଶାଖୀ ପ୍ରଭାବରେ ମଧ୍ୟରାତ୍ରରେ ହଠାତ ପାଣିପାଗରେ ପରିବର୍ତ୍ତନ ଘଟି ପାଗ ମେଘୁଆ ସହ ପବନ ବୋହିଥିଲା। ପରେ ପରେ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଚାଷୀ ଖୁସି ହୋଇଛନ୍ତି।

## ସଂକ୍ଷେପରେ

### ଦକ୍ଷିଣକାଳୀ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ

କବିସୂର୍ଯ୍ୟନଗର,୨୪।୨(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗରର ମେଘୁବନ୍ଦସାହିରେ ଥିବା ପରତା ପାଡିର ଶ୍ରୀଦକ୍ଷିଣକାଳୀ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଛି। ସୋମବାର ମଧ୍ୟ ରାତ୍ରିରେ ଏହି ଚୋରି ହୋଇଥିବା ଖବର ମିଳିଥିବା ବେଳେ ମଙ୍ଗଳବାର ସକାଳେ ପୂଜକ ଏ ନେଇ କମିଟିକୁ ଖବର ଦେଇଥିଲେ। ମନ୍ଦିରର ୨ଟି ହୁଣ୍ଡିକୁ ଭଙ୍ଗା ଯାଇ ଲକ୍ଷାଧିକ ଟଙ୍କା ଚୋରି କରାଯାଇଥିବା ଅଭିଯୋଗ ପରେ କବିସୂର୍ଯ୍ୟନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି । ଥାନା ଆଇଆଇସି ନିରଞ୍ଜନ ଦାସ ଓ ଟିମ ବିଭିନ୍ନ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛନ୍ତି। ତେବେ ଅଞ୍ଚଳରେ ପାଟ୍ରୋଲିଂ କଡାକଡି ହେଉ ନ ଥିବା କାରଣରୁ ଚୋରି ହେଉଥିବା କୁହାଯାଉଛି ।

### ଆର.ଉଦୟଗିରି ଥାନାରେ ନୂତନ ଆଇଆଇସି

ଆର. ଉଦୟଗିରି,(୨୪।୨(ମନୋଜ କୁମାର ପାଢ଼ୀ) ଗଜପତି ଜିଲା ଆର. ଉଦୟଗିରି ଥାନାରେ ନୂତନ ଥାନା ଅଧିକାରୀ ଭାବେ ପ୍ରମୋଦ ଖାଣ୍ଡୁଆଲ ଯୋଗ ଦେଇଛନ୍ତି । ସେ ପୂର୍ବରୁ ସେରଙ୍ଗ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଆର.ଉଦୟଗିରି ଥାନା ଅଧିକାରୀ ଅଶ୍ୱିନ ଭିରିଆିଙ୍କୁ ରାୟଗଡ ଥାନାକୁ ବଦଳି ହୋଇଛି । ଉକ୍ତ ଥାନା ଅଧୀନରେ ଥିବା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ କଳାପ ଦମନ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ନୂତନ ଥାନା ଅଧିକାରୀ ଖାଣ୍ଡୁଆଲ କହିଛନ୍ତି ।

### ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ନାମଯଜ୍ଞ



ବେଲଗୁଣ୍ଠା,୨୪।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ତନରଡା ଗ୍ରାମରେ ମା ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ୪୮ ପ୍ରହର ନାମଯଜ୍ଞ, ଅଗ୍ନିଯଜ୍ଞ, ଗୋଯଜ୍ଞ, ଧୃତଯଜ୍ଞ, ପଞ୍ଚ କୁଣ୍ଡିୟ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ଗ୍ରାମରେ ମୀନା ବଜାର, ରାମ ଦୋଳି ଆଦିକୁ ସୋମବାର ସନ୍ଧ୍ୟାରେ ସୋରଡା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଅଧିକାରୀ ପ୍ରତାପ କୁମାର ବିଷୋୟୀ, ଜଳ ସମ୍ପଦ ସହକାରୀ ନିର୍ବାହି ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ମୀନାବଜାର ଉଦ୍‌ଘାଟନ ହେବା ପରେ ବିଭିନ୍ନ ଖାଦ୍ୟ ଷ୍ଟଲ ଏବଂ ଦୋଳି ନିକଟରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ନିମପଦରରୁ ଆସିଥିବା ରୋଶନ କଳାକୁଞ୍ଜ ସମ୍ପ୍ରଦାୟଙ୍କ ମନ୍ତ୍ର ମୁଗ୍ଧ କରୁଛି। ବିଶେଷକରି ହେଲିକେପ୍ଟର, ୱାଟର କିଙ୍ଗଡମ୍, ଡ୍ରାଗନ୍ ନିକଟରେ ଛୋଟ ଛୁଆଙ୍କ ମନ କିଣି ନେଉଛି। ସେହିପରି ମନ୍ଦିରର ସାଜସଜ୍ଜା, ଆକର୍ଷଣୀୟ ଶବ୍ଦ, ଆଲୋକ ମାଳାରେ ଗ୍ରାମ ଝଲସି ଉଠୁଛି। ଏହି ମନ୍ଦିର ଓଡ଼ିଶାର ସବୁଠାରୁ ବଡ଼ କାଳୀ ମନ୍ଦିର ବୋଲି ଗ୍ରାମବାସୀ ଦାବୀ କରିଛନ୍ତି। ଗତ କୋଡିଏ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟକ୍ରମରେ ଗ୍ରାମବାସୀ, ଗ୍ରାମର ଯୁବ ଗୋଷ୍ଠୀ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଯଜ୍ଞ ଦେଖିବା ସହିତ ପ୍ରସାଦ ସେବନ ଏବଂ ମୀନା ବଜାରର ମଜା ନେବା ପାଇଁ ଭଞ୍ଜନଗର, ସୋରଡା, ବୁଗୁଡ଼ା, ଜଗନ୍ନାଥପ୍ରସାଦ ସମେତ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗୁଛି। ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବରଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ପୃଥକ୍ ଦୁର୍ଘଟଣାରେ ୩ ଆହତ

କବିସୂର୍ଯ୍ୟନଗର,୨୪।୨(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗରରୁ ଯାଉଥିବା ତାରାତାରିଣୀ ନାମକ (୪୦୭) ଏକ ବାଇକକୁ ବଡଆଗୁଳ–ଆଠଗଡ଼ ରାସ୍ତାରେ ଧକ୍କା ଦେଇଛି। ଫଳରେ ବାଇକ୍ ଚାଳକ କବିସୂର୍ଯ୍ୟନଗର ସାନତଡ଼ିଆପଡା ଗାଁର ବବୁବାହନ ଜେନା (୪୦) ଗୁରୁତର ହୋଇଛନ୍ତି। କ୍ୟାଣ୍ଟରଟି ଆଠଗଡରୁ କବିସୂର୍ଯ୍ୟନଗର ଯାଉଥିବା ବେଳେ ବବୁବାହନ ବାଇକ୍‌ରେ କବିସୂର୍ଯ୍ୟନଗରରୁ ଆଠଗଡ଼ ଯାଉଥିଲେ। କ୍ୟାଣ୍ଟର ଚାଳକ ଦୁର୍ଘଟଣା ପରେ ଗାଡିଛାଡି ଫେରାର ହୋଇଯାଇଛନ୍ତି। କ୍ୟାଣ୍ଟର ଚାଳକ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିଲେ। ସେଥିରେ ଚାଳକଙ୍କ ବ୍ୟତୀତ ଅନ୍ୟ କେହି ନ ଥିବା ବେଳେ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକେ କ୍ୟାଣ୍ଟରକୁ ପଛକୁ ପେଲି ବାଇକ, ବାଇକ ଚାଳକଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ କବିସୂର୍ଯ୍ୟନଗର ମେଡିକାଲକୁ ଆଣିଥିଲେ । ଅଧିକ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ମେଡିକାଲରେ ପହଞ୍ଚି ବବୁବାହନଙ୍କଠାରୁ ତଥ୍ୟ ସଂଗ୍ରହ କରିଛି । ସେହିପରି ସୋମବାର ଅପରାହ୍ନରେ ମେଡିକାଲ କର୍ମଚାରୀ ଡ୍ରେସର ରମେଶ ଚନ୍ଦ୍ର ସେଠୀ (୫୭) ପାଣ୍ଡିଆରୁ କବିସୂର୍ଯ୍ୟନଗର ସ୍କୁଟରେ ଫେରୁଥିବା ବେଳେ ଜେସିବି ଧକ୍କାରେ ପଡିଯାଇ ଗୁରୁତର ହୋଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତିହୋଇ ଚିକିତ୍ସିତ ହେଉଛନ୍ତି। ସେହିପରି ନୂଆପାଲୀର ଚିରଞ୍ଜନ ଜେନା (୪୦) ବାଇକରେ ଫେରୁଥିବା ବେଳେ ଆଠଗଡଠାରେ ଅସାବଧାନତା ହେତୁ ପଡିଯାଇ ଆହତ ହୋଇଛନ୍ତି। ସ୍ଥାନୀୟ ମେଡିକାଲରେ ସେ ଚିକିତ୍ସିତ ହେଉଛନ୍ତି।

### ଗୋଲା ଦାମୋଦରପଲ୍ଲୀରେ ଖାମୀ ଯାତ୍ରା

ଧରାକୋଟ,୨୪।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଅନ୍ତର୍ଗତ ଗୋଲା ଦାମୋଦରପଲ୍ଲୀ ଗ୍ରାମରେ ଖାମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶିବରାତ୍ରି ପରଦିନ ଖାମୀ ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ହୋଇଥିଲା । ଯାତ୍ରା ପୂର୍ବ ଦିନ ୨ ଜଣ ଯାତୀ ମା'ଙ୍କ ଘଟ ଧରି ବାଦ୍ୟ ବାଜଣା ସହ ଆସିକା ସହର ଏବଂ ଦାମୋଦରପଲ୍ଲୀ ଗ୍ରାମପଞ୍ଚାୟତ ଭ୍ରମଣ କରିବା ପରେ ମନ୍ଦିରରେ ବିଜେ ହୋଇଥିଲେ। ମଙ୍ଗଳବାର ଗାଁ ମନ୍ଦିରଠାରେ ଏଲମା ଓ ପୋଚ ରାଜୁ, ଶିବ ପାର୍ବତୀ, ନାଗ ନାଗୁଣୀଙ୍କୁ ଫୁଲ, ଚନ୍ଦନ, ସିନ୍ଦୁର, ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ମାନସିକଧାରୀମାନେ ଏହି ଦିନ ମନ୍ଦିର ନିକଟରେ ନିଜ ମନସ୍କାମନା ପୂର୍ଣ୍ଣ ହେଲା ପରେ ସନ୍ତାନଙ୍କୁ ମୁଣ୍ଡନ କରି ଭୋଜି କରିଥିଲେ । ଗ୍ରାମବାସୀ ପକ୍ଷରୁ ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି।

# ହନୁମାନ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ


ମହାଯଜ୍ଞର ଚାଲିଥିବା ପୂର୍ଣ୍ଣାହୁତି।

ଦିଗପହଣ୍ଡି,୨୪।୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ସିଝିଖଣ୍ଡି ଗ୍ରାମସ୍ଥିତ ଶ୍ରୀହନୁମାନ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଅବସରରେ ଗତ ଶନିବାରଠାରୁ ଚାଲିଥିବା ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ବାର୍ଷିକୋତ୍ସବ ଅବସରରେ ୪ ଦିନ ହେଲା ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହାଯଜ୍ଞ ପୂର୍ଣ୍ଣାହୁତିରେ ପଣ୍ଡିତ ଅଶ୍ୱିନୀ କୁମାର ରଥ ଶର୍ମା ସମସ୍ତ ପୂଜାର୍ଚ୍ଚନା ନୀତିକାନ୍ତି ପରିଚାଳନା କରିଥିଲେ। ଆଇନଜୀବୀ ରସାନନ୍ଦ ରାଉତ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ହୋଇଥିଲେ। ଦିଗପହଣ୍ଡି ସ୍ଥିତ ମା' ହରିପ୍ରିୟା ଆଶ୍ରମର ମୁଖ୍ୟ ଯୋଗୀ ଦେବବ୍ରତ ମହାରାଜ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ଗ୍ରାମବାସୀଙ୍କ ମଙ୍ଗଳ କାମନା କରିଥିଲେ। ଉତ୍ସବ ପରିଚାଳନା କମିଟି କର୍ମକର୍ତ୍ତା ଗୋପାଳ କୃଷ୍ଣ ସ୍ୱାଇଁ, ଶତେ ବସନ୍ତ ବିଷୋୟୀ, ସଞ୍ଜୟ ରାଉତ, ଜୟ ରାଉତ, କୃଷ୍ଣ ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୨୪।୨(ଅରୁଣ ସାହୁ): ଦାରିଙ୍ଗବାଡି ଥାନା ସାରିଙ୍ଗିଉଁ ଠାରେ ରହିଥିବା ପାଳକ ସଂଘ ସଭାଗୃହଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦାରିଙ୍ଗବାଡି ତହସିଲଦାର ଧୀରଜ ପାତ୍ର, ଆଇଆଇସି ସଂଗ୍ରାମ କେଶରୀ ଜେନା, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ସରକାରୀ ଓକିଲ ଉମେଶ କର, ବରିଷ୍ଠ ଓକିଲ ପ୍ରବୀର ସାହୁ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ମଞ୍ଚାସିନ ଥିଲେ । ଅଞ୍ଚଳରେ ଦିନକୁ ଦିନ ମହିଳା ହିଂସା ବୃଦ୍ଧି ପାଉଛି। ଏଥିପାଇଁ




### ମହିଳା ସୁରକ୍ଷା, ବାଲ୍ୟବିବାହ ଓ ଶିଶୁ ଶ୍ରମିକ ଆଇନକୁ ଗୁରୁତ୍ୱ

ରହିଥିବା ଆଇନ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ବାଲ୍ୟ ବିବାହ, ଶିଶୁ ଶ୍ରମିକ ପାଇଁ ରହିଥିବା ଆଇନ ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଅଙ୍ଗନୱାଡି, ଆଶା କର୍ମୀ, ସୁପରଭାଇଜର, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ଅପରେଶନ କବଚ : ୪ ଗିରଫ

ହିଞ୍ଜିଳିକାଟୁ ୨୪।୨( ପ୍ରିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବ୍ଲକ ଅଧୀନ ବେଲଗାଁ ପୋଲିସ ପକ୍ଷରୁ ଅପରେଶନ କବଚରେ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଲଗାଁ ଥାନା ଦୁର୍ଗାଦର ବୈରାଗୀ ସାହୁ, ଛତ୍ରପୁର ଥାନା ପାଲିଆବନ୍ଧର ସନ୍ତୋଷ ବେହେରା, ପୁରୁଷୋତ୍ତମପୁର ଥାନା ହାଣ୍ଡି ଗ୍ରାମର ଭଜମନ ପାଣିଗ୍ରାହୀ ଓ ପୋଲସରା ଥାନା ବର୍ତ୍ତିନି ଗ୍ରାମର ଆଦିତ୍ୟ ପାତ୍ର। ଘଟଣାର ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଥିବା ପୋଲିସ କହିଛି। ଏ ନେଇ ବେଲଗାଁ ଥାନାରେ ନଂ ୩୩/୨୬ରେ ମାମଲା ରୁଜୁ ହୋଇଛି।

# ଧାର ଟଙ୍କାକୁ ନେଇ ପାରିବାରିକ ହିଂସା

ଦିଗପହଣ୍ଡି,୨୪।୨(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋଳର୍ଣ୍ଣପୁର ପଞ୍ଚାୟତ ଅନ୍ତର୍ଗତ ପାଡାମହପୁର ଗ୍ରାମର ୨ ପରିବାର ମଧ୍ୟରେ ଟଙ୍କା ଦେଣନେଣକୁ କେନ୍ଦ୍ର କରି ଆକ୍ରମଣ ପ୍ରତି ଆକ୍ରମଣ ଘଟିଛି। ଗ୍ରାମର କାହ୍ନୁଚରଣ ଶତପଥୀଙ୍କ ପୁଅ ନୀଳକଣ୍ଠ ସେହି ଗ୍ରାମର ବିଳାପ ପଣ୍ଡିଙ୍କ ଝିଅ ଯଶୋସ୍ମିନୀଙ୍କୁ ଗତ ୨୦୧୯ ଡ଼ିସେମ୍ବରରେ ବିବାହ କରିଥିଲେ। ବାହାଘର ପୂର୍ବରୁ ବିଳାପ କାହ୍ନୁଙ୍କଠାରୁ ୫୫ ହଜାର ଟଙ୍କା ଧାର ନେଇଥିଲେ। ଧାର ଟଙ୍କା ଫେରସ୍ତକୁ ନେଇ ୨ ପରିବାର ଲୋକଙ୍କ ମଧ୍ୟରେ ବହୁବାର ଗଣ୍ଡଗୋଳ ପରିସ୍ଥିତି ହୋଇଥିଲା। ଗତ ୧୩ ତାରିଖ ରାତି ପ୍ରାୟ ୯ଟାରେ ଘଟଣାର ସମାଧାନ ପାଇଁ ଗ୍ରାମର ଶ୍ରୀଗୋପୀନାଥ ମନ୍ଦିରରେ ଗ୍ରାମସଭା ବସିଥିଲା। ସଭାରେ ଉଭୟ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଭଦ୍ରଲୋକମାନେ

### ଅଭିଯୋଗ ପରେ ମାମଲା ରୁଜୁ

ଆଲୋଚନା କରୁଥିବା ବେଳେ ଉଭୟ ପରିବାର ଲୋକେ ପରସ୍ପରକୁ ଆକ୍ଷେପ ପ୍ରତି ଆକ୍ଷେପ କରିବାରୁ ବିବାଦ ତୀବ୍ର ରୂପ ନେଇଥିଲା। ସେଠାରେ ବିଳାପ ଏବଂ ତାଙ୍କ ସମ୍ପର୍କୀୟ ପ୍ରଶାନ୍ତ ଦାସ, ସନା ଦାସ, ବୁଲୁ ଦାସ ସଂଘବଦ୍ଧ ଭାବେ କାହ୍ନୁ ଏବଂ ତାଙ୍କ ପୁଅ ନୀଳକଣ୍ଠଙ୍କୁ ଆକ୍ରମଣ କରି ଯୁଙ୍ଗା ମୁଦି, ଚେନ ଓ ୩୦ ହଜାର ଟଙ୍କା ଛଡାଇ ନେଇଥିଲେ। ଘଟଣା ପରଦିନ କାହ୍ନୁ ଗ୍ରାମର ଗୋପୀନାଥ ମନ୍ଦିରରୁ ପ୍ରସାଦ ଆଣିବାକୁ ଯାଇଥିବା ବେଳେ ଗ୍ରାମର ତୁଷା ମିଶ୍ର ନୀଳକଣ୍ଠଙ୍କୁ ଫୋନ କରି ତୁମକୁ ଗାଁରୁ ବାସନ୍ଦ କରାଯାଇଥିବା କହିଥିଲେ। ଏନେଇ ଥାନାରେ ଏତଲା ପରେ ପୋଲିସ ନଂ ୬୩/୨୬ ରେ ଏକ ମାମଲା ରୁଜୁ କରିଥିଲେ। ଅପରପକ୍ଷରେ ଘଟଣା ଦିନ କାହ୍ନୁ ଓ ତାଙ୍କ ପୁଅ ନୀଳକଣ୍ଠ ଘରେ ପଶି ତାଙ୍କୁ ଆକ୍ରମଣ କରି ସୁନା ଚେନ ଛଡାଇ ନେଇଥିବା ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ ୬୪/୨୬ରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଉଛି। ସୂଚନାଯୋଗ୍ୟ, ଗତ ୨୦୨୫ ଅକ୍ଟୋବର ୬ ରାତିରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ବିଳାପ ଓ ତାଙ୍କ ସ୍ତ୍ରୀ ନଳିନୀ କାହ୍ନୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ଦମ୍ପତିଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନରେ ମୁକୁଳିବା ପରେ ବିଳାପ ତାଙ୍କ ବିରୋଧରେ କରାଯାଇଥିବା ମାମଲା ପ୍ରତ୍ୟାହାର ପାଇଁ କାହ୍ନୁଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ଆସୁଥିବା ସେ ପୋଲିସକୁ କହିଛନ୍ତି। ମଙ୍ଗଳବାର କାହ୍ନୁ ଓ ନୀଳକଣ୍ଠ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ସମସ୍ତ କଥା ଅବଗତ କରିଥିବା ଜଣାପଡ଼ିଛି।

# ନୂଆପଡ଼ା କ୍ଲଷ୍ଟରସ୍ତରୀୟ କର୍ମଶାଳା ଉଦ୍‌ଯାପିତ



ଚିକିଟି,୨୪।୨(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ବ୍ଲକ ନୂଆପଡ଼ା କ୍ଲଷ୍ଟର ଅନ୍ତର୍ଗତ ବି. ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ଦିନ ଧରି ଚାଲିଥିବା ଶିକ୍ଷାଦାନ ଶିକ୍ଷଣ ଉପକରଣ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏବିଓ ନାୟକ ସେଠୀ ଯୋଗଦେଇ କର୍ମଶାଳା ହେଉଛିପ୍ରଶିକ୍ଷଣାତ୍ମକ କାର୍ଯ୍ୟକ୍ରମ, ଯାହାର ଉଦ୍ଦେଶ୍ୟ ଶିକ୍ଷକମାନଙ୍କୁ ଶ୍ରେଣୀ କକ୍ଷରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ବିଭିନ୍ନ ସାମଗ୍ରୀ ତିଆରି କରିବା ପାଇଁ ଓ ବ୍ୟବହାର କରିବାରେ କୁଶଳ କରାଇବା ବୋଲି କହିଥିଲେ। କର୍ମଶାଳାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ବିଷୟଭିତ୍ତିକ, ସମସ୍ତ ଶ୍ରେଣୀ ଓ ସମସ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାଦାନ ଶୈଳୀକୁ ସରଳ, ସୁଦୃଢ଼ ଓ ଦୀର୍ଘସ୍ଥାୟୀ କରିବା ପାଇଁ ମୋଟ ୬୦ରୁ ଊର୍ଦ୍ଧ୍ୱଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା । ଭେଙ୍କଟ ରାବଣା, ପ୍ରେମାଞ୍ଜଳୀ ଖାଡଙ୍ଗା, କୁନୁମିନି ବେବା, ରଶ୍ମିତା କୁମାରୀ ଡାକୁଆ, ଉର୍ମିଳା ପ୍ରଧାନ ପ୍ରମୁଖ ଶିକ୍ଷୟତ୍ରୀ ଶିକ୍ଷକମାନେ ୨ ଦିନ ଧରି ବିଷୟ ଭିତ୍ତିକ ଶିକ୍ଷଣ ଫଳାଫଳ ଉପରେ ଆଧାରିତ ଶିକ୍ଷାଦାନ ଶିକ୍ଷଣ ଉପକରଣମାନ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମକୁ ନୂଆପଡ଼ା କ୍ଲଷ୍ଟର ସିଆରସିସି କୁଜେନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

# ବିଧାୟକ ଉଠାଇଲେ ଆଇସିୟୁ ପ୍ରସଙ୍ଗ

ପାରଳାଖେମୁଣ୍ଡି,୨୪।୨ (ଗିରିଧାରୀ ପରିଚ୍ଛା) ଭୁବନେଶ୍ୱର ବିଧାନସଭା ସ୍ୱତନ୍ତ୍ର ସଭାଗୃହରେ ମଙ୍ଗଳବାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଉମାଚରଣ ମଲ୍ଲିକ, ବିଧାୟକ ସବ୍ୟସାଚି ଗମାଙ୍ଗ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ରବିବାର ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ

### ଷ୍ଟାଣ୍ଡିଂ କମିଟି ବୈଠକ

ଅଭାବରୁ ରୋଗୀ ହଇରାଣ ହେଉଛନ୍ତି। ଡାକ୍ତର ଚିକିତ୍ସାରେ ଅବହେଳା କରୁଛନ୍ତି। ଅବହେଳାରୁ ଗଜପତି ଜିଲା ଗୁମ୍ମା ବ୍ଲକ ଗାଇବା ଖ୍ରୀଷ୍ଟିଆନ ସାହିର ଦୀପ୍ତିରାଣୀ ବେବର୍ତ୍ତାଙ୍କ ମୃତ୍ୟୁ ହୋଇଥିବା ଖବର ବିଧାୟକ ପାଣିଗ୍ରାହୀ ଜାଣିବା ପରେ ତୁରନ୍ତ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଏକ ଆଇସିୟୁ ନିର୍ମାଣ ପାଇଁ ବୈଠକରେ ଦାବି ରଖିଛନ୍ତି । ବିଧାୟକ ଏନେଇ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷଙ୍କୁ ଗଜପତି ଜିଲାରେ ଆଇସିୟୁ ପ୍ରଦାନ କରାଯାଇଛି କି ନାହିଁ ପଚାରିଥିଲେ। ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କମିଟି ଅଧ୍ୟକ୍ଷ ପ୍ରକାଶ କରିଥିଲେ।

# ଜାତୀୟ ଭୂତଳ ଜଳସ୍ତର ମାନ ଚିତ୍ରଣ ଏବଂ ପରିଚାଳନା କର୍ମଶାଳା

ପାରଳାଖେମୁଣ୍ଡି,୨୪।୨(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ପାରଳାଖେମୁଣ୍ଡି ସଦରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୂତଳ ଜଳସ୍ତର ମାନ ଚିତ୍ରଣ ଏବଂ ପରିଚାଳନା ଶୀର୍ଷକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ଼ର ବରିଷ୍ଠ ଗବେଷକ ରାଜ କିଶୋର ମହାନ୍ତି ଓ ଚିରାଶ୍ରୀ ମହାନ୍ତି, କନିଷ୍ଠ ଗବେଷକ ସୁଶ୍ରୀ ଆଦିତି ଭଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଅଧୀକ୍ଷଣ ଯନ୍ତ୍ରୀ ସୀମାଞ୍ଚଳ ଶତପଥୀ ଅତିଥି ରୂପେ ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲାରେ ବିଭିନ୍ନ ଜଳଭଣ୍ଡାରର ମ୍ୟାପିଂ ତଥା ଭୂତଳ ଜଳଭଣ୍ଡାର ବିଭିନ୍ନ ବିଷୟ ତଥା ପଥର, ବାଲି କିମ୍ବା କାଦୁଅର ଏକ ଭୂତଳ, ଜଳବାହକ ଭୂଗର୍ଭ ଗଠନ ଭୂତଳ ଜଳକୁ ଧରି ରଖେ ଏବଂ ପରିବହନ କରେ। ପ୍ରାକୃତିକ ସଂରକ୍ଷଣ ଜଳଭଣ୍ଡାର ଭାବରେ କାର୍ଯ୍ୟ କରି ଏଗୁଡ଼ିକ ପାନୀୟ ଜଳ ଏବଂ କୃଷି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପ୍ରାୟତଃ ବର୍ଷା ଦ୍ୱାରା ଏହା ନିୟନ୍ତ୍ରିତ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଜଳଭଣ୍ଡାର ମ୍ୟାପିଂ ଆମର ମୂଲ୍ୟବାନ ଭୂତଳ ଜଳ ସମ୍ପଦର ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଲକ୍ଷ୍ୟ ରଖାଯାଇଛି। ଜଳଭଣ୍ଡାରରେ ଭୂତଳ ଜଳର ପରିମାଣ, ଗୁଣବତ୍ତା ଏବଂ ସ୍ଥାୟିତ୍ୱକୁ ବର୍ଦ୍ଧିତ କରିବା ପାଇଁ ଭୂ-ଭୌତିକ, ଜଳ ବିଜ୍ଞାନ ଏବଂ ରାସାୟନିକ କ୍ଷେତ୍ର ଏବଂ ପରୀକ୍ଷଣର ବିଶ୍ଳେଷଣର ମିଶ୍ରଣ ପ୍ରୟୋଗ କରାଯାଇ ଜଳକୁ ରଖାଯାଇଥାଏ। ଜଳଭଣ୍ଡାର ମ୍ୟାପିଂ ଜଳଭଣ୍ଡାରର ଭୂତାତ୍ତ୍ୱିକ ଢାଞ୍ଚା, ଜଳ ବିଜ୍ଞାନ ଗୁଣବତ୍ତା, ଜଳଭଣ୍ଡାରରେ ଜଳସ୍ତର ଏବଂ ସମୟ ସହ ସେଗୁଡ଼ିକ କିପରି ପରିବର୍ତ୍ତନ ହୁଏ ସେ ସମ୍ପର୍କରେ ଅତିଥିମାନେ ବିସ୍ତୃତ ମତ ରଖିଥିଲେ।



# ବାରପୁଲିଆରେ ପୁଣି ହେବ ସାପ୍ତାହିକ ହାଟ

ଖଜୁରିପଡ଼ା, ୨୪।୨ ( ବିଦ୍ୟୁତ ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବାରପୁଲିଆଠାରେ ୨୫ ବର୍ଷ ତଳେ ମଙ୍ଗଳବାର ସାପ୍ତାହିକ ହାଟ ହେଉଥିଲା। ଏହି ହାଟ ଉପରେ ଦୁଟିପଡା, ଦୁମେରିଣ୍ଡି ପଞ୍ଚାୟତରେ ଅଧିବାସୀ ନିର୍ଭର କରୁଥିଲେ। ନିଜ ବାଡ଼ି ବଗିଚାରେ କରିଥିବା ଫଳ ମୂଳ, ପନିପରିବା ହାଟକୁ ନେଇ ବିକ୍ରି କରୁଥିଲେ। ହାଟରୁ ଅବଶ୍ୟକ ଜିନିଷପତ୍ର କିଣି ଫେରୁଥିଲେ। କୌଣସି ସମସ୍ୟା ଯୋଗୁ ଏହି ହାଟ ବନ୍ଦ ହୋଇଯିବାରୁ ଲୋକେ ହଇରାଣ ହୋଉଥିଲେ। ସେତେବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେହି ଜାଗାରେ ପୁଣି ଥରେ ହାଟ କରିବାକୁ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମବାସୀ ଓ କେତେଜଣ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ହାଟ ଘର ହାଟ ପିଣ୍ଡି ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କଲେ । ସେହି ଟଙ୍କାରେ ଏବେ ବାରପୁଲିଆଠାରେ ହାଟ ପିଣ୍ଡି ଘର ନିର୍ମାଣ କାର୍ଯ୍ୟ ଚାଲିଛି।

# ୨ ବ୍ଲକର ୩୦ ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାଏ ପଢ଼ିବେ ନିଜ ଭାଷାରେ



ପାରଳାଖେମୁଣ୍ଡି,୨୪।୨ (ଗିରିଧାରୀ ପରିଚ୍ଛା)

'ଆମେ ପଢ଼ିବୁ ଆମ ଭାଷାରେ' କାର୍ଯ୍ୟକ୍ରମକୁ ମଙ୍ଗଳବାର ଜିଲ୍ଲା ସ୍ତରରେ ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ମାତୃଭାଷା ଆଧାରିତ ଶିକ୍ଷାକୁ ଶକ୍ତିଶାଳୀ କରିବା ଓ ଜନଜାତୀୟ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷାରେ ସମାନ ସୁଯୋଗ ନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ଗଜପତି ଜିଲ୍ଲାର ରାୟଗଡ଼ ଓ ଗୁମ୍ମା ବ୍ଲକର ୩୦ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସୌରା ଭାଷାରେ ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ମାତୃଭାଷା ଆଧାରିତ ପ୍ରାକ ଶିକ୍ଷା ପ୍ରଦାନ କରାଯିବାକୁ ଆୟୋଜିତ କର୍ମଶାଳାରେ ନିଷ୍ପତ୍ତି ହୋଇଛି। ଶିଶୁଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ, ସୌରା ଭାଷାର ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମ ଅନୁଯାୟୀ ପ୍ରଦାନ କରାଯିବ। ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃ ରୂପାୟନ ଲାଗି ଅଙ୍ଗନୱାଡ଼ି କର୍ମୀଙ୍କୁ ଏହି ଶିକ୍ଷାଦାନ ଉପରେ ତାଲିମ ପ୍ରଦାନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆମେ ପଢ଼ିବୁ ଆମ ଭାଷାରେ ଶୀର୍ଷକ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି,ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ଅନୁପ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା, ପିରାମଲ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଦେବବ୍ରତ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। କର୍ମଶାଳାରେ ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅଙ୍ଗନୱାଡ଼ି କର୍ମୀ ଓ ପଞ୍ଚାୟତିରାଜ ବିଭାଗର ସହଯୋଗୀମାନେ ଅଂଶଗ୍ରହଣ କରିଥିଲେ।

# ପାଚେରି ଭୁଷୁଡ଼ି ୨ ଶ୍ରମିକ ମୃତ, ୩ ଆହତ

**ବିଏମ୍‌ସିର ଡ୍ରେନ କାମ ଚାଲିଥିବା ବେଳେ ଭୁଷୁଡ଼ିଲା ପାଚେରି**

ଭୁବନେଶ୍ୱର,୨୪।୨(ତ୍ରିନାଥ ମହାନ୍ତି): ବଡ଼ଗଡ଼ ଥାନା ୪୪ ନମ୍ବର ୱାର୍ଡ ଭୋଇସାହିରେ ଡ୍ରେନ କାମ ଚାଲିଥିବାବେଳେ ପାଚେରି ଭୁଷୁଡ଼ି ୨ ଶ୍ରମିକଙ୍କ ଜୀବନ ଯାଇଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ କାମ ଚାଲିଥିବାବେଳେ ପାଚେରି ଭୁଷୁଡ଼ି ପଡ଼ିଥିଲା। ପାଚେରି କାନ୍ଥ ତଳେ ଚାପି ହୋଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ୟାସୀ ମହାରଣା ଏବଂ ଦୁର୍ଯ୍ୟୋଧନ ଗୌଡ଼। ଉଭୟଙ୍କ ଘର ଗଞ୍ଜାମରେ ହୋଇଥିବାବେଳେ ସେମାନେ ତାରିଣୀ ବସ୍ତିରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁସାରେ, ଗତ ୧୦ ଦିନ ହେବ ଭୁବନେଶ୍ୱର ୪୪ ନମ୍ବର ୱାର୍ଡ ଭୋଇସାହିରେ ବିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ କାମ ଜାରି ରହିଛି। ଏହି କାମରେ ତାରିଣୀ ବସ୍ତିର ସନ୍ୟାସୀ, ଦୁର୍ଯ୍ୟୋଧନଙ୍କ ସମେତ ଅନ୍ୟ ୩ଜଣ ଶ୍ରମିକ କାମ କରୁଥିଲେ। ଡ୍ରେନ୍ ଖୋଳାଯାଉଥିବା ପାର୍ଶ୍ୱରେ ଜଣଙ୍କ ପ୍ରାଇଭେଟ୍ ଜାଗାରେ ପାଚେରି ରହିଛି। ତେବେ ବିଏମ୍‌ସିର ଏହି କାମକୁ ନେଇଥିବା ଠିକାଦାର ଆବଶ୍ୟକ ସୁରକ୍ଷା ସରଞ୍ଜାମ ବିନା ଶ୍ରମିକଙ୍କୁ କାମରେ ଲଗାଇଥିଲେ। ପ୍ରାଇଭେଟ୍ ଜାଗାରେ ହୋଇଥିବା ପାଚେରିକୁ କେବଳ ବାଉଁଶ ଢେରା ଦିଆଯାଇ ପାର୍ଶ୍ୱରେ ମାଟି ଖୋଳା ଯାଉଥିଲା। ଅପରାହ୍ନ ୩ଟାରେ ଶ୍ରମିକମାନେ ମାଟି ଖୋଳୁଥିବାବେଳେ ପାଚେରି କଡ଼ରୁ ମାଟି ଅତଡ଼ା ଖସିବାରୁ ପାଚେରି ଭୁଷୁଡ଼ି ପଡ଼ିଥିଲା। ସନ୍ୟାସୀଙ୍କ ମୁଣ୍ଡ ଉପରେ ପାଚେରୀ କାନ୍ଥ ପଡ଼ିଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ବିନା ସେଫ୍ଟିରେ କିଭଳି ଭାବେ ଡ୍ରେନ୍ କାମ କରାଯାଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକେ ତାତିଥିଲେ। ବିଏମ୍‌ସି ଠିକା କାମ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଟେଣ୍ଡର ବାତିଲ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଖବରପାଇ ବଡ଼ଗଡ଼ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ବନ ଜ୍ୟୋସ୍ନା ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଉଦ୍‌ଘାଟିତ

ଫୁଲବାଣୀ, ୨୪।୨( ରାକେଶ କୁମାର ରାଉତ)

ଫୁଲବାଣୀ ବିଟିମ ପଡିଆରେ ବନଜ୍ୟୋସ୍ନା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବେଦ ଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ସହ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ସାହିତ୍ୟ ଅନୁଷ୍ଠାନ ପ୍ରୟାସ ଜାରି ରଖିଥିବାରୁ ଆମ ଭାଷା ସାହିତ୍ୟ ପ୍ରତି ଏହା ଏକ ଶୁଭ ସଙ୍କେତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଜିଲା ନାଗରିକ ମଞ୍ଚ ସଭାପତି ଡ ଅରୂପ ଜେନ,। ସମ୍ମାନିତ ଅତିଥି ଭାବେ ଜିଲା ସାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ ପାଢ଼ୀ, ପ୍ରେସ୍ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଯୋଗ ଦେଇ ଅଧିକ ପାଠକ ସୃଷ୍ଟି କରିବା ପାଇଁ ପୁସ୍ତକ ମେଳାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସାହିତ୍ୟ ସଂସଦ ସମ୍ପାଦକ କାହ୍ନୁ ଚରଣ ଶତପଥୀ ସ୍ୱାଗତ ସୂଚନା, ସଭାପତି ପ୍ରଶାନ୍ତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁସ୍କାନ ସୁଆର, ରୁପମ୍ଭିକା ତ୍ରିପାଠୀ, ପ୍ରଣତ ତ୍ରିପାଠୀ, ଶୁଭ୍ରା ପଟ୍ଟନାୟକ, ବିରକ୍ଷଜିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସଷ୍ଟାଣ୍ଡ ଜମି ହସ୍ତାନ୍ତର କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ



ଜି.ଉଦୟଗିରି,୨୪।୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠି)–କନ୍ଧମାଳ ଜିଲାପାଳ ବେଦଭୂଷଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଥିବା ବେଳେ ଜି.ଉଦୟଗିରି ନବନିର୍ମିତ ନୂତନ ବସଷ୍ଟାଣ୍ଡ ଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଦେଖିଥିଲେ। ବସଷ୍ଟାଣ୍ଡ ଜମି ସମସ୍ୟା ଉପରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁଙ୍କ ସହ ଆଲୋଚନା କରିବା ପରେ ଜମି ଦଖଲରେ ରଖିଥିବା କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଜମି ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ କହିଛନ୍ତି ତାଙ୍କ ବିଭାଗକୁ ଜମି ଆବଶ୍ୟକ ଅଛି । ତେଣୁ ବସଷ୍ଟାଣ୍ଡର ଆବଶ୍ୟକ ଦେଢ଼ ଏକର ଜମି ଅନ୍ୟ ସ୍ଥାନରେ ଦିଆଯାଉ। ଯେହେତୁ ଏହି ଜମିରେ ଫସଲ ଉତ୍ପାଦନ ହେଉଛି। କିନ୍ତୁ ବସଷ୍ଟାଣ୍ଡ ନିକଟ ଜମି ଛଡ଼ା ଅନ୍ୟ କେଉଁଠି ଜମି ଦେଲେ ବସଷ୍ଟାଣ୍ଡର କାର୍ଯ୍ୟରେ ଲାଗିବ ନାହିଁ ଆଲୋଚନା ପରେ ଜିଲାପାଳ ଉକ୍ତ ଜମିକୁ ବସଷ୍ଟାଣ୍ଡକୁ ହିଁ ହସ୍ତାନ୍ତର କରାଯିବ ବୋଲି ଉପଜିଲାପାଳ ବାଲିଗୁଡ଼ା, ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ତହସିଲଦାର ଓ କୃଷି ବିଭାଗ ଅଧିକାରୀଙ୍କୁ ଜଣାଇ ଦେଇଥିଲେ।

# ଯାତ୍ରା ପୂର୍ବରୁ ବଜାରରେ ଲାଗିପାରିବନି ଷ୍ଟ୍ରିଟ ଲାଇଟ

ଗଞ୍ଜାମ,୨୪।୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ବଡ଼ ବଜାରଠାରୁ ସାନ ବଜାର ଦାମୋଦରପୁର ଛକ ଓ ଜୟଶ୍ରୀ ଛକଠାରୁ ଥାନା ରୋଡ଼ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଗିବ ବୋଲି ବିଦ୍ୟୁତ୍ ଖୁଣ୍ଟ ଆସିଥିଲା। ଏଥିପାଇଁ ଡିଭାଇଡରଠାରେ ଗାତ ଖୋଳା ମଧ୍ୟ ସରିଥିଲା। କିନ୍ତୁ କୌଣସି କାରଣରୁ ଉକ୍ତ ପ୍ରକଳ୍ପ ବନ୍ଦ ହୋଇଯାଇଛି। ମଙ୍ଗଳବାର ଷ୍ଟ୍ରିଟ ଲାଇଟ ଖୁଣ୍ଟଗୁଡିକ ଟ୍ରକରେ ଫେରାଇ ନିଆଯାଇଛି। ଫଳରେ ସହରର ବଜାର ଏରିଆରେ ଯେଉଁ ଷ୍ଟ୍ରିଟ ଲାଗିବା ଏବଂ ସହର ଆଲୋକିତ ହେବା ନେଇ ସହରବାସୀଙ୍କ ଆଶା ମଉଳିଯାଇଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆ କହିଛନ୍ତି, ଗଞ୍ଜାମ ଲୁଣାକ୍ତ ପ୍ରଭାବିତ ଅଞ୍ଚଳ ହେବାରୁ ସାଧାରଣ ଜିଆଇ ପୋଲ୍ ଦୀର୍ଘସ୍ଥାୟୀ ହେବ ନାହିଁ। ଏହି ବିଷୟରେ ଓଡିଶା ଅର୍ବାନ ଡିଭେଲପମେଣ୍ଟ ବିଭାଗକୁ ଅବଗତ କରାଯାଇ ଉପଯୁକ୍ତ ବିଦ୍ୟୁତ୍ ଖୁଣ୍ଟ ଦେବାପାଇଁ ଅନୁରୋଧ କରାଯାଇଛି। ସେଥିସହିତ ବିଦ୍ୟୁତ୍ ସଂଯୋଗକୁ ମାଟିତଳେ କରାଯିବାକୁ ଥିବାରୁ ପୁନଃବିଚାର ଆବଶ୍ୟକ ବୋଲି ସେ କହିଛନ୍ତି।

# ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ଛତ୍ରପୁର,୨୪।୨(ଦିଲୀପ ସାମଲ): ଚଳିତବର୍ଷ ଛତ୍ରପୁର ଠାକୁରାଣୀ ଯାତ୍ରା ହେବ। ଏଥିପାଇଁ ଛତ୍ରପୁରର ମା' ରାମାୟଣୀ ମା' ମନ୍ଦିର ପରିଚାଳନା କମିଟିର ସଭାପତି ଏସ ରାମ ମୋହନ ରାଓଙ୍କ ସଭାପତିତ୍ୱରେ ମନ୍ଦିର ପରିଚାଳନା କମିଟି, ଯାତ୍ରା କମିଟି ଓ ଛତ୍ରପୁର ଅଞ୍ଚଳବାସୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ରେ ଯାତ୍ରା ମ୍ୟାନେଜର ଭାବେ ସି.ଏଚ. ଦୟାନନ୍ଦ ରେଡ୍ଡୀ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ସମରେନ୍ଦ୍ର ସେନାପତି ଓ ତାଙ୍କ ଟିମ ଥିଲେ । ଚଳିତବର୍ଷ ଯାତ୍ରା ପାଇଁ ସେମାନଙ୍କୁ ଅପରିବର୍ତ୍ତିତ ରଖାଯାଇଛି। ସେମାନଙ୍କୁ ମନ୍ଦିର କମିଟି ଓ ଉପସ୍ଥିତ ସଦସ୍ୟ ମାନଙ୍କ ସହମତିରେ ନିର୍ଦ୍ୱନ୍ଦରେ ଚୟନ କରାଯାଇଛି। ମା' ରାମଚଣ୍ଡୀ ପୂଜା କମିଟି ତରଫରୁ ନୂତନ କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସୋମବାର ସନ୍ଧ୍ୟାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଧାୟକ ଯାତ୍ରା କମିଟି ମ୍ୟାନେଜରୀ ଓ ଅନ୍ୟ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ସପ୍ତାହରେ ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ ଓ ଅନ୍ୟ ସମସ୍ତ ଅଧିକାରୀମାନଙ୍କ ଉପସ୍ଥିତରେ ଠାକୁରାଣୀ ଯାତ୍ରାକୁ ଯୋଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ତାହା ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ଟାକରଡାରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବୁଗୁଡ଼ା,୨୪।୨ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଟାକରଡା ପଞ୍ଚାୟତ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟାକରଡା ସରପଞ୍ଚ ଦିଲ୍ଲୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ସହକାରୀ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ସାର୍ଥକ ସିଦ୍ଧାର୍ଥ ପ୍ରଧାନ, ବିଟିଏମ୍ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। କର୍ମଶାଳାରେ ବିଭାଗୀୟ ଅଧିକାରୀ ମାନେ ଉଦ୍ୟାନ ଓ କୃଷି ବିଭାଗ ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ତାଲିମ ପ୍ରଦାନ କରି ସେଗୁଡିକର ଫାଇଦା ହାସଲ କରିବାକୁ ଚାଷୀ ମାନଙ୍କୁ ସଚେତନ କରାଇଥିଲେ। ଶେଷରେ ଉଦ୍ୟାନ ସଂପ୍ରସାରଣ କର୍ମଚାରୀ ରାଜେଶ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।


**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**OFFICE OF THE DISTRICT FISHERIES OFFICER, ANGUL**
Email Id: dfoangul123@gmail.com
Letter No.457, Date 21.02.2026
**SHORT TENDER NOTICE**
No.6001/19/2526: The last date of tender called vide this office letter no.331, dt.09.02.2026 is extend to 5th March 2026. The tender shall be opened on 06.03.2026 (12 Noon). All other conditions remain same.
Sd./-
OIPR-6001/6064/1/25-26/0002 District Fisheries Officer, Angul

**OFFICE OF THE SUPERINTENDENT OF POLICE, GANJAM, CHATRAPUR**
Contact No. 06811-263366, E-Mail ID: spgjm.orpol@odishapolice.gov.in
**TENDER CALL NOTICE**
Bid Reference No. 572/E Dated: 24.02.2026
No. 12001/30/2526: Sealed tender invited from outsourcing agencies for hiring of Non-Consulting services (Cleaning & Sweeping) across 14 (Fourteen) Police Stations under Ganjam Police district. Last date of submission of Bid is 07.03.2026 by 02.00 P.M. EMD & Bid processing fee applied. For details, kindly visit website: **https://ganjam.odisha.gov.in**.
Sd./- Superintendent of Police
OIPR-12001/12141/1/25-26/0001 Ganjam, Chatrapur

**Odisha State AYUSH Society**
**National AYUSH Mission**
**Directorate of AYUSH**
**Department of Health & Family Welfare, Govt. of Odisha**
Heads of Department Building, 3rd Floor, (Annex), Unit-5, Bhubaneswar-751001
Tel:0674-2394577, Email:spmu.namodisha@gmail.com, Web: www.ayush.odisha.gov.in
File No. NAM-HR-O-11-2021/1820 / OSAS, Date:-21.02.2026
**TENDER CALL NOTICE FOR SELECTION OF OUTSOURCING AGENCY (MANPOWER)**
**No.10001/79/2526** : Sealed quotations/tenders are invited from interested reputed Outsourced Agencies (Within Bhubaneswar jurisdiction) having valid GST registration number, Income Tax/GST clearance Certificate, Pan Card, for providing 05 (five) nos. of manpower on outsourced basis, which shall confirm to the terms and conditions for engagement of 4 manpower in the OSAS, National AYUSH Mission, Bhubaneswar & one manpower (driver) in the Directorate of AYUSH for official purpose. The tender documents with all information relating to bidding process including cost of bid document, EMD, qualification criteria, and terms & conditions are available in the website of Directorate of AYUSH i.e. www.ayush.odisha.gov.in the prospective bidders are requested to visit the website of Directorate of AYUSH for downloading the aforesaid tender document as well as for any published notice, corrigendum, etc. from time to time.
Sd./- Anjana Panda, IAS
OIPR-10001/10056/1/25-26/0002 Director, AYUSH

**BHUBANESWAR MUNICIPAL CORPORATION**
Notice/RFP No. 10495 Dt.: 20.02.2026
**Short Tender Call Notice for the work "Dismantling and removal of illegal advertisement hoardings installed on Pvt./Govt. Land, rooftops of high-rise buildings etc. within jurisdiction of BMC**
No. 13001/367/2526: Bhubaneswar Municipal Corporation (BMC) invites proposals from agencies for the work "Dismantling and removal of illegal advertisement hoardings installed on Pvt./Govt. lands, rooftops of high-rise buildings etc. within jurisdiction of BMC". Interested agencies may participate in the tender and submit their proposals as per the terms and conditions of the RFP. The document shall be made available on the website of **Bhubaneswar Municipal Corporation (www.bmc.gov.in)** from 11.00 A.M. on 23.02.2026 to 04.00 P.M. on 06.03.2026. The last date of receipt of bids is 06.03.2026 till 4.00 P.M. and the same would be opened on 06.03.2026 at 5.00 P.M. Bids shall be submitted through Registered/Speed Post or Courier service at the address mentioned in the RFP.
BMC reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
Sd./- Deputy Commissioner (Revenue)
OIPR-13001/13002/1/25-26/0033 Bhubaneswar Municipal Corporation

**Government of Odisha**
**Health and Family Welfare Department, Odisha**
**OFFICE OF THE DEAN-PRINCIPAL GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**
**CORRIGENDUM**
Cor-Advt.No.02/2026 Dated 24.02.2026
**No.10001/80/2526:** In continuation to this Department Tender Call Notice No. 01, Dt.06.02.2026, the due date for the receipt of tender documents for providing 01 (One) number of Petrol/Diesel Hiring vehicle for use in the O/o Dean & Principal, GMCH, Phulbani is hereby extended upto dt:09.03.2026 (Monday) till 5 PM and shall be opened on Dt.11.03.2026 (Wednesday) at 11.00 AM in presence of bidder or authorised representatives. Revised Financial terms and condition for Hiring Vehicles etc. will be available in website (https://kandhamal.odisha.gov.in). The undersigned reserves the right to reject any or all the tender(s) without assigning any reason thereof.
Sd./- N. Behera
Dean & Principal, Govt. Medical College
OIPR-10001/10270/1/25-26/0002 & Hospital, Phulbani, Kandhamal

**GOVERNMENT OF ODISHA** No.25001/231/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 12/RWD-I, MKG/2025-26 dt.21.01.2026**
**01.** Name of the work : Repair & Maintenance works (Detailed in Annexure), **02.** Total Number of works : 04 nos (Four), **03.** Estimated cost : Rs.5.33 lakhs to Rs.8.77 Lakhs, **04.** Class of contractor : "D" & "C" Class, **05.** Period of Completion : (As per Detailed in Annexure), **06.** Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 12/RWD-I, MKG/2025-26 | Total 4 nos. (Single Cover) | 25.02.2026 from 11.00 A.M. | 05.03.2026 up to 5.00 P.M. | 02.03.2026 up to 5.00 P.M. | Tech Bid opening 06.03.2026 at 11.00 A.M. |

Further details can be seen from the website: www.tendersorissa.gov.in.
Sd./- Sujata Dishari
OIPR-25001/25058/1/25-26/0017 Executive Engineer, R.W. Division-I, Malkangiri

**Government of Odisha**
**Higher Education Department**
**ADVERTISEMENT FOR THE POST OF VICE-CHAIRPERSON OF ODISHA STATE HIGHER EDUCATION COUNCIL (OSHEC)**
**No.11001/37/2526:** The Higher Education Department, Government of Odisha invites applications for the post of Vice-Chairperson, Odisha State Higher Education Council (OSHEC).
The detailed eligibility criteria, application format and procedure for the said post are available in the official website of the Higher Education Department: dhe.odisha.gov.in as well as in HIMS portal (http://hims.odisha.gov.in)
The application must be submitted online in the HIMS portal (https://hims.odisha.gov.in/public/vchp-reg-form) within 21 days from the date of the publication of this advertisement, i.e. from 25.02.2026. The last date of submission of online application form is 17.03.2026 (23.59 hours).
Sd./-
Additional Secretary
OIPR-11001/11001/1/25-26/0014 to the Government

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NIMAPARA IRRIGATION DIVISION, NIMAPARA**
32001/138/2526 Notice Invitation of Tenders
**e-Procurement Notice No.09/2025-26 on dated 23.02.2026**
**E-mail Id: eenidnimapara@gmail.com**
1. Type of Work: **Canal, Road & Embankment Works.**
2. Total No. of Work: **11 (Eleven) Nos.**
3. Bid Security (EMD) in Rupees: **Refer to DTCN**
4. Cost of Bids in Rupees: **Rs.10,000/-**
5. Class of Contractors: **"B" Class**
6. Period of Completion : **Refer to DTCN.**

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-225/2025-26 to NID-235/2025-26 | Rs.81.13 to Rs.83.90 | From 27.02.2026 11.00 AM to 13.03.2026 5.30 P.M. |

Date of Opening of the Bid: **16.03.2026 at 11.00 A.M.**
Further details can be seen from the Govt. Website www.tendersodisha.gov.in
Sd./-Superintending Engineer
OIPR-32001/32097/1/25-26/0001 Nimapara Irrigation Division, Nimapara

**ODISHA MINING CORPORATION LTD**
**(A Gold Category State PSU)**
**Registered Office: OMC House, Bhubaneswar-751 001**
**CIN:U13100OR1956SGC000313**
OMC ODISHA MINING CORPORATION LTD. Mining Happiness
**No.30001/15/2526** **NIT No.08/OMC/CIVIL/2026**
Tender for the following work is invited on-line through e-procurement portal of Govt. of Odisha.

| Sl. No. | Name of the Work | Estimated cost (in lakh) | Time period of the work (in month) | Class of Contractor | EMD online (In Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Repair of 1580 meter at NH Service Road near Guali Mines in the district of Keonjhar. (Under CSR Scheme.) | 717.06 | 09 (Nine) | 'A' & 'Special' | 7,17,100/- | 10,000/- + 18% GST |

1. Availability of Bid document in Govt. portal from dt.24.02.2026 to 11.03.2026 upto 5.00 PM.
2. Last date of on-line submission of tender in the portal is dt.11.03.2026 upto 5.00 PM.
3. Date of Opening of Technical Bid is dt.12.03.2026 at 11.00 AM.
All other details can be seen from the bid documents available at Govt. website www.tendersodisha.gov.in.
Odisha Mining Corporation Ltd. reserves the right to reject any or all tenders without assigning any reason thereof.
OIPR-30001/30005/1/25-26/0011 **Sd./- GM (Civil)**

**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**
ସଂଖ୍ୟା ୩୮୮, ତା.୧୭.୦୨.୨୦୨୬
**ବିଜ୍ଞାପନ**
**No.6001/16/2526:** ଏତଦ୍ୱାରା ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ସମସ୍ତ କ୍ଷାରିଜଳ ଚିଙ୍ଗୁଡ଼ି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ ୨୦୨୪ ଅନୁଯାୟୀ, କ୍ଷାରିଜଳ ଚିଙ୍ଗୁଡ଼ି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ ସମୟ ମଧ୍ୟରେ କରାଯିବା ଆବଶ୍ୟକ । ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲ୍ଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଅନ୍‌ଲାଇନ NSWS ପୋର୍ଟାଲରେ ଆବେଦନ କରିବେ । ପୁନଶ୍ଚ ଯଦି ଚିଙ୍ଗୁଡ଼ି ଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି ଅଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ତୁରନ୍ତ ଅନଲାଇନ NSWS ପୋର୍ଟାଲରେ ଏହାର ନବୀକରଣ ପାଇଁ ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରନ୍ତୁ । ଏହା ଅନୁସରଣ ନକଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡ଼ି ଫାର୍ମକୁ ଉଚ୍ଛେଦ କରାଯିବ ।
ସ୍ୱା./–ଜିଲ୍ଲାପାଳ ତଥା ଅଧକ୍ଷ
OIPR-6001/6102/1/25-26/0001 ଜିଲ୍ଲାସ୍ତରୀୟ ପ୍ରାଧିକରଣ କମିଟି, ଜଗତ୍‌ସିଂହପୁର

**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**
E-mail: eerw_ptng@yahoo.in, Phone No-06658-222121
**e-Procurement Notice**
25001/229/2526
**IFB IDENTIFICATION NO. EEPTNG-Online-22/2025-26**

| | | | |
|---|---|---|---|
| 1. | Name of Work | : | Construction of Building Works |
| 2. | Total No. of Work | : | 01 (One) No Works |
| 3. | Time for Completion | : | 06 (Six) Calendar Months |
| 4. | Approximate estimated cost | : | 45.61 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | **Other details are as follow** | | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Divn., Patnagarh | EEPTNG-Online-22/2025-26 | 24.02.2026 at 11.00 AM | 10.03.2026 upto 5.00 P.M. | 09.03.2026 upto 5.00 PM | 11.03.2026 at 11.00 AM |

- Further details can be seen from the website **www.tendersorissa.gov.in**
- Any Corrigendum/ Addendum will be displayed in the above e tender website only

OIPR-25001/25154/1/25-26/0003 Sd./- Executive Engineer, R.W.Division, Patnagarh

**OFFICE OF THE SUPERINTENDING ENGINEER RWS&S DIVISION, BARGARH**
Email:eerwss_bgh@nic.in, Ph(O):-06646 233220, FAX:06646 234626
No.390/ Dt.17.02.2026
**GOVERNMENT OF ODISHA "e" PROCUREMENT NOTICE**
**Bid Identification No.10, Dt of 2025-26**
**No.25001/240/2526:** The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class "B" or "A" registered with any Department of State Government or equivalent class of Central Govt. etc to be eventually drawn up in G2 Contract Form for the below work as per terms and condition noted below.
1. Name of the Work: Water Supply to District Head Quarter Hospital Bargarh at Khedapali under Bargarh District.
2. Approx. Estimated Cost: Rs.57.75 Lakh
3. Date and Time of availability of document in the portal: Dt.24.02.2026 to Dt.12.03.2026 upto 5.00 P.M.
4. Last date/time for receipt of bids in the portal: Dt.12.03.2026 upto 5.00 P.M.
5. Date & Time of Opening of Tender: Dt.13.03.2026 at 11.00 A.M.
6. Name and Address of the Officer Inviting Bid: Superintending Engineer, RWS&S Division, Bargarh District:- Bargarh
Further details can be seen from the e-Procurement portal **"http//tendersorissa.gov.in."**
The authority reserves the right to reject any or all the tenders without assigning any reason thereof.
**Sd./- Superintending Engineer**
OIPR-25001/25018/1/25-26/0001 **RWS&S Division, Bargarh**

## ଅଟୋରୁ ବ୍ୟାଟେରି ଚୋରି କରି ୨ ଗିରଫ

ବ୍ରହ୍ମପୁର, ୨୪।୨(ସୁବାସ ଚନ୍ଦ୍ର ପାଢ଼ୀ) ନିମଖଣ୍ଡି ପୋଲିସ ଦୁଇଜଣ ଚୋରଙ୍କୁ ବାନ୍ଧିଛି। ଗିରଫ ଦୁଇ ଅଭିଯୁକ୍ତମାନେ ହେଲେ ଭାବିନିପୁର ଗ୍ରାମର ରବି ଗୌଡ଼ (୨୨) ଏବଂ ସୁମନ ସେଠୀ (୧୮) । ଚୋରି ହୋଇଥିବା ବ୍ୟାଟେରୀ ପୋଲିସ ସେମାନଙ୍କ ନିକଟରୁ ଜବତ କରିଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ସିସିଟିଭି ଫୁଟେଜ ଯାଞ୍ଚବେଳେ ଦୁଇଜଣ ଯୁବକ ବ୍ୟାଟେରି ଲକ ଭାଙ୍ଗି ଚୋରି କରିଥିବା ଜଣାପଡ଼ିଥିଲା। ଅପରାଧୀ ରେକର୍ଡ ଯାଞ୍ଚ କରି ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ଅଭିଯୁକ୍ତମାନେ ଅପରାଧରେ ସାମିଲ ହେବାର ସ୍ୱୀକାର କରିଥିଲେ। ମାମଲା ନଂ୪୬/୨୬ ରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଚନ୍ଦନ କୁମାର ସାହୁ ଗତ ୧୮ ତାରିଖ ରାତ୍ର ନିଜ ଘର ସମ୍ମୁଖରେ ତାଙ୍କର ଅଟୋ (ରେଜିଷ୍ଟ୍ରେସନ ନମ୍ବର ଓ ୦୭ ଏଏସ ୪୮୫୧) ପାର୍କିଂ କରି ଥିଲେ। ପରଦିନ ସକାଳେ ଉଠି ଦେଖିଲେ ଅଟୋର ବ୍ୟାଟେରୀ ଚୋରି ହୋଇଯାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି।

# ଭାଗଚାଷୀଙ୍କ ଅଜାଣତରେ ମନ୍ଦିର ଜମି ହଡ଼ପ ଯୋଜନା

### ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କୃଷକସଭାର ଗଣ ଧାରଣା

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ମୌଜାରେ ରାଧା ଦାମୋଦର ମହାପ୍ରଭୁଙ୍କ ଜମି ହଡପ କରାଯାଇଥିବା ଅଭିଯୋଗରେ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। ଏଥିରେ ଭାଗଚାଷୀ ଓ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଉକ୍ତ ଜମିକୁ ୨୦ ଭାଗ ଚାଷୀ ପରିବାର ପିତୃପୁରୁଷ ଅମଳରୁ ଚାଷ କରି ଆସୁଛନ୍ତି। ମନ୍ଦିର ପରିଚାଳନା ନିମନ୍ତେ ରାଜଭାଗ ଧାନ ଦେଇ ଆସୁଛନ୍ତି। ତେବେ ୧୯୯୮ରେ ଦଗପହଣ୍ଡିର ତତ୍କାଳୀନ ତହସିଲଦାର ଭାଗଚାଷୀମାନଙ୍କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆଜିଯାଏଁ ଏହି ଜମି ୨୦ ଭାଗଚାଷୀ ପରିବାର ହାତରେ ଭୋଗ ଦଖଲରେ ରହିଛି। ଭାଗଚାଷୀଙ୍କ ଅଜାଣତରେ ନିଜକୁ ଟ୍ରଷ୍ଟ ବୋଲାଉଥିବା ଜଣେ ବ୍ୟକ୍ତି ବେଆଇନ ଭାବେ ୫ ଏକର ୯୩୩ ଡେସିମିଲି ଜମି ବିକି ଦେଇଛନ୍ତି। ସେଥିରୁ ୦-୦୧୨୭ ଡେସିମିଲି ଜମି ସରକାରଙ୍କ ପକ୍ଷରୁ ଅଧିଗ୍ରହଣ ହୋଇଛି। କିନ୍ତୁ ଅଧିଗ୍ରହଣ ସମ୍ପତ୍ତି ସହ ମୋଟ ୫ ଏକର ୯୩୩ ଡେସିମିଲି ଜମିରୁ ରେଜିଷ୍ଟ୍ରେସନ ହୋଇଛି ଯାହାର ଡକୁମେଣ୍ଟ ନମ୍ବର ୧୩୭୬/୨୦୨୦। ୨୦୨୦ରେ ତତ୍କାଳୀନ ତହସିଲଦାର ତଦନ୍ତ ପୂର୍ବକ ପଟ୍ଟା ପରିବର୍ତ୍ତନକୁ ଖାରଜ କରିଥିଲେ। ସେହିପରି ୨୦୨୪ରେ ବି ତତ୍କାଳୀନ ତହସିଲଦାର ପଟ୍ଟା ପରିବର୍ତ୍ତନକୁ ଖାରଜ କରିଥିଲେ। ଗତବର୍ଷ ବି ପଟ୍ଟା ପରିବର୍ତ୍ତନ ଖାରଜ ହୋଇଥିଲା। ଏବେ ପଟ୍ଟା ପରିବର୍ତ୍ତନ ହୋଇଛି। ଭାଗଚାଷୀଙ୍କ ଅଧିକାରକୁ ଉଲ୍ଲଂଘନ କରି ସେମାନଙ୍କୁ ନଜଣାଇ ଅନ୍ୟମାନଙ୍କୁ କିଭଳି ବିକି ଦିଆଗଲା ଓ ପଟ୍ଟା ପରିବର୍ତ୍ତନ କିଭଳି କରାଗଲା ତାକୁ ନେଇ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଭାଗଚାଷୀ ଓ କମିଟି ପକ୍ଷରୁ ମଙ୍ଗଳବାର ଏହାର ତଦନ୍ତ କରିବା ପାଇଁ ଡେପୁଟି କଲେକ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ଏଭଳି ବେଆଇନ ଭାବେ ବିକ୍ରି କରିବାର ଅର୍ଥ ମନ୍ଦିର ଜମି ହଡପ କରିବା ଯୋଜନା କରାଯାଇଛି। ତେଣୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଦିଆଯାଇଥିବା ପଟ୍ଟା ରଦ୍ଦ କରାଯାଇ ଭାଗଚାଷୀଙ୍କୁ ନ୍ୟାୟ ଦିଆଯାଉ। ଓଡିଶା କୃଷକ ସଭା ଜିଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ଜିଲାର ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ, ଜିଲା ସମ୍ପାଦକ ପି. ଶିବ ଶଙ୍କର, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ସାହୁ, ବିଦ୍ୟାଧର ଜେନା, ଜିଲା କମିଟି ସଭ୍ୟ କୁରେଷୁ ପଣ୍ଡା, ସୁଶାନ୍ତ ଷଡ଼ଙ୍ଗୀ, ଶଶୀ ରଥ, ବିଜୟ ବିଶୋଇ, ମଙ୍ଗଳା ଡାକୁଆ, ବାବୁଲା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏ ସଂକ୍ରାନ୍ତରେ ଉପଜିଲାପାଳ ଅବିନାଶ କୁମାରଙ୍କୁ ପଚାରିବାରୁ ସେ କହିଲେ ଯେ, ସେଠିକାର ତହସିଲଦାରଙ୍କୁ ଏନେଇ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି।


ଗଣଧାରଣାରେ ବସିଥିବା ଓଡ଼ିଶା କୃଷକ ସଭାର ନେତୃବୃନ୍ଦ।

## ଏମ୍‌କେସିଜିରେ ବିଜେଡି ନେତା ମଦନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ

### ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୨୪।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗତ ଅକ୍ଟୋବର ୬ ତାରିଖରେ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗିରଫ ହୋଇ ଜେଲରେ ଅଭିଯୁକ୍ତ ଥିବା ବିଜେଡି ନେତା ମଦନ ଦଳେଇ ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଛନ୍ତି ଏମକେସିଜି ମେଡିକାଲର ୪ ଜଣିଆ ବିଶେଷଜ୍ଞ ଦଳ। ଏମକେସିଜିର ସୁପରସ୍ପେସିଆଲିଟି କୋଠାର ଦ୍ୱିତୀୟ ମହଲାରେ ଥିବା ନ୍ୟୁରୋଲୋଜି ବିଭାଗରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ପରେ ପୁଣି ଥରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । କମିଟି ନିଜ ରିପୋର୍ଟ ଏମକେସିଜି ଅଧୀକ୍ଷକଙ୍କୁ ପ୍ରଦାନ କରିବା ପରେ ଅଦାଲତକୁ ଅବଗତ କରାଯିବ ବୋଲି କୁହାଯାଇଛି । ସୂଚନାଥାଉକି, ମଣ୍ଡଳ କାରାଗାରରେ ରହୁଥିବା ମଦନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ରିପୋର୍ଟ ଦେବାକୁ ଏଡିଜେ-୩ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏମକେସିଜିର ଅଧୀକ୍ଷକ ୪ ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। ମଙ୍ଗଳବାର ଅପରାହ୍ନରେ ମଦନଙ୍କୁ ଜେଲରୁ ଆଣି ଏମକେସିଜିରେ ଭର୍ତ୍ତି କରାଯାଇଥିଲା । କମିଟିର ସଦସ୍ୟ ତଥା ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଶିବପ୍ରସାଦ ପଟ୍ଟନାୟକ, ଭେଷଜ ବିଭାଗ ମୁଖ୍ୟ ପ୍ରଫେସ ଡା. ସରିତା ବେହେରା, ନ୍ୟୁରୋଲୋଜି ବିଭାଗ ମୁଖ୍ୟ ସୌମ୍ୟଦର୍ଶନ ନାୟକ ଓ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଧିର ମହାପାତ୍ର ନ୍ୟୁରୋଲୋଜି ବିଭାଗରେ ମଦନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ପୂର୍ବରୁ ଏକ ଦୁର୍ଘଟଣାରେ ମଦନଙ୍କ ଗୋଡ ଓ ହାତ ଭାଙ୍ଗି ଯାଇଥିଲା । ଗୋଡରେ ଅପରେସନ ହେବା ସହ ରଡ ପଡିଛି । ଯାହା ଏବେ ସମସ୍ୟା ସୃଷ୍ଟି କରୁଛି ବୋଲି ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି। ସେହିପରି ମଦନଙ୍କ ଶରୀରରେ ଥିବା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ଏହି କମିଟି ନିଜ ରିପୋର୍ଟ ପ୍ରସ୍ତୁତ କରି ଏମକେସିଜି ଅଧୀକ୍ଷକଙ୍କ ନିକଟରେ ଦାଖଲ କରିଥିବା କୁହାଯାଉଛି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ


ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଜ୍ଞାନ ପିଜି ବିଭାଗର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ପାଇଁ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୀର୍ଷକ ଥିଲା ଆଲୋକ ଏବଂ ନାନୋଟେକ୍ନୋଲୋଜି : ସମାଜ ଉପରେ ତା'ର ପ୍ରଭାବ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଜର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି, ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଆମେରିକା ବଫାଲୋ ବିଶ୍ୱବିଦ୍ୟାଳୟର ପ୍ରଫେସର ପାରସ ଏନ. ପ୍ରସାଦ ଯୋଗ ଦେଇ ଶକ୍ତି ଏବଂ ସ୍ୱାସ୍ଥ୍ୟସେବାରେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ। ଆଲୋକ ଧାରଣାର ପଦାର୍ଥ ବିଜ୍ଞାନ ବ୍ୟବହାର କରି ଏବଂ ନୂତନ ରାସାୟନିକ ସଂଶ୍ଳେଷଣ ଏବଂ ସାମଗ୍ରୀ ପ୍ରକ୍ରିୟାକରଣ କୌଶଳର ଉପଯୋଗ କରି, ଆମେ ଶକ୍ତି ଏବଂ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଶୀଳ ପ୍ରୟୋଗ ପାଇଁ ଡିଜାଇନ କରାଯାଇଥିବା ବହୁ-ସ୍କେଲ ମଡେଲିଂ ଏବଂ ଏ ଆଇ/ଏମଏଲ ନିର୍ଦ୍ଦେଶିତ, ବହୁ-କର୍ମୀ ହାଇବ୍ରିଡ୍ ସାମଗ୍ରୀର ବିକାଶ ଦିଗରେ ଆଲୋକପାତ କରିଥିଲେ। ଆଇକ୍ୟୁଏସିର ଉପନିର୍ଦ୍ଦେଶକ ଡ଼. ଲକ୍ଷ୍ମୀଧର ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବିଜ୍ଞାନ ବିଭାଗର ଛାତ୍ର, ଛାତ୍ରୀ, ଗବେଷକ, ଗବେଷିକା ଯୋଗ ଦେଇଥିଲେ ।

## ମ୍ୟୁଲ୍ ଆକାଉଣ୍ଟ ଜରିଆରେ ଠକେଇ: ୪ ସିମ୍ କାର୍ଡ ବିକ୍ରେତା, ୪୭ ଛାତ୍ରଙ୍କୁ ତାଗିଦ

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ) ସାଇବର ଅପରାଧ ରୋକିବାକୁ ରାଜ୍ୟ ପୋଲିସ ପକ୍ଷରୁ 'ଅପରେସନ ସାଇବର କବଚ' କାର୍ଯ୍ୟକ୍ରମ ଚାଲିଛି। ଏହାରି ଅଧୀନରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ (ମ୍ୟୁଲ ଆକାଉଣ୍ଟ)ଯାଞ୍ଚକୁ ପ୍ରାଧାନ୍ୟ ଦିଆଯାଉଛି। ଗଞ୍ଜାମ ଜିଲାରେ ମ୍ୟୁଲ ଆକାଉଣ୍ଟ ଜରିଆରେ ବେନାମୀ ଭାବେ ଟଙ୍କା କାରବାର ହେଉଥିବା ସାଇବର ଗ୍ୟାଙ୍ଗକୁ ଧରିବା ପାଇଁ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ପ୍ରାଥମିକ ତଦନ୍ତରୁ ପୋଲିସ ୪ଜଣ ମୋବାଇଲ ସିମକାର୍ଡ ବିକ୍ରେତା ଓ ୪୭ ଜଣ ଛାତ୍ରଙ୍କୁ ତାଙ୍କ ସ୍କାନରକୁ ନେଇଛି। ସେମାନଙ୍କୁ ଥାନାକୁ ଡାକି ତାଗିଦ କରିବା ସହ ୪୭ ଛାତ୍ରଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଥାନାଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି। ହେଲେ ଏହି ର୍ୟାକେଟ ଚଳାଇଥିବା ମୁଖ୍ୟ କାର୍ପଟଦାରଙ୍କୁ ଧରିବାରେ ବିଫଳ ରହିଛି। ଉପରୋକ୍ତ ଏଜେଣ୍ଟ ଓ ଛାତ୍ରମାନଙ୍କ ବୟାନ ଆଧାରରେ ପୋଲିସ ସାଇବର ଠକ ଗ୍ୟାଙ୍ଗର କାର୍ପଟ ଦାର ଗ୍ୟାଙ୍ଗକୁ ଠାବ କରିବା ପାଇଁ ଛାନଭିନ ଚଳାଇଛି। ବିରାଟ ଠକେଇ ଗ୍ୟାଙ୍ଗକୁ କାବୁ କରିବା ପାଇଁ ପୋଲିସ ଏବେ ବିଭିନ୍ନ ଦିଗରୁ ତଦନ୍ତ କରୁଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ବ୍ୟାଙ୍କରେ ଥିବା ମ୍ୟୁଲ ଆକାଉଣ୍ଟକୁ ଚିହ୍ନଟ କରାଯାଇଛି। ଏ ନେଇ ୩୩୫ ଜଣଙ୍କୁ ପୋଲିସ ନୋଟିସ ଜାରି କରିଛି। ପ୍ରାୟ ୪୦୦ ଆକାଉଣ୍ଟକୁ ବ୍ଲକ କରାଯାଇଛି ବୋଲି ସେ କହିଛନ୍ତି। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଗତ ଗୁରୁବାର ନଂ.୧୫/୨୬ରେ ଏକ ମାମଲା ରୁଜୁ ହୋଇଛି। ମୋଟ ୫୧୮ଟି ମ୍ୟୁଲ ଆକାଉଣ୍ଟକୁ ଚିହ୍ନଟ କରିବା ସହ ସମସ୍ତ ଆକାଉଣ୍ଟର ତଥ୍ୟ ବିଭିନ୍ନ ବ୍ୟାଙ୍କର ୨୮ଟି ଶାଖାକୁ ପୋଲିସ ମାଗିଥିବା ଜଣାପଡ଼ିଛି। ଉକ୍ତ ଛାତ୍ର ମାନେ କେଉଁଠାରେ କେଉଁ ପରିସ୍ଥିତିରେ ଆକାଉଣ୍ଟ ଖୋଲିଥିଲେ ଏବଂ କିଏ ତାହାକୁ ଖୋଲିଥିଲେ ସେ ନେଇ ପୋଲିସ ଖୋଳତାଡ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ କରିଛି। ଆଗାମୀ ଦିନରେ ତଦନ୍ତରେ ସେମାନେ ସହଯୋଗ କରିବେ ବୋଲି ଲିଖିତ ପତ୍ର ଦେଇଛନ୍ତି। ସେହିପରି ମ୍ୟୁଲ ଆକାଉଣ୍ଟ ଖୋଲୁଥିବା ଜଣେ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ଆଣିଥିଲା ବ୍ରହ୍ମପୁର ସାଇବର ଥାନା ପୋଲିସ। ରବିବାର ରିମାଣ୍ଡ ଶେଷ ହେବା ପରେ ଅଭିଯୁକ୍ତଙ୍କୁ ପୁଣି କୋର୍ଟରେ ହାଜର କରି ଜେଲ ପଠାଇଛି। ଅଭିଯୁକ୍ତଜଣଙ୍କ ହେଲେ ପାତ୍ରପୁର ବ୍ଲକ ଜୟନ୍ତୀପୁର ଗ୍ରାମର ମୂଳ ନିବାସୀ ତଥା ସାଙ୍କୁଡ଼ାର ସୁଶାନ୍ତ ସାହୁ । ସେ ୬ଟି ମ୍ୟୁଲ ଆକାଉଣ୍ଟ ମାମଲାରେ ସମ୍ପୃକ୍ତ ରହିଥିଲେ। ସୁଶାନ୍ତ ମ୍ୟୁଲ ଆକାଉଣ୍ଟ ଖୋଲିବା ସହ କିଛି ଟଙ୍କା ନେଇ ସାଇବର ଠକଙ୍କୁ ତାହାର ତଥ୍ୟ ଦେଉଥିଲେ। କିଛି ଦିନ ପୂର୍ବେ ଜିଲାର ବେଗୁନିଆପଡ଼ା ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

## ବିଜିପୁରରୁ ଆଲବିନୋ କମନ ୱଲ୍ଫ ସାପ ଉଦ୍ଧାର


ଉଦ୍ଧାର ହୋଇଥିବା କଉଡିଆ ସାପ।

ବ୍ରହ୍ମପୁର, ୨୪।୨(ସୁବାସ ଚନ୍ଦ୍ର ପାଢ଼ୀ) ଆଲବିନୋ କମନ ୱଲ୍ଫ ସ୍ନେକ ଏକ ଅତ୍ୟନ୍ତ ଦୁର୍ଲଭ ଓ ଆକର୍ଷଣୀୟ ପ୍ରକାର ସାପ ମଙ୍ଗଳବାର ବିଜିପୁର ରଥ ସାହିରୁ ଉଦ୍ଧାର ହୋଇଛି। ବନ ବିଭାଗ କର୍ମଚାରୀ ଉକ୍ତ ସାପଟିକୁ ନିକଟସ୍ଥ ଜଙ୍ଗଲ ଭିତରେ ଛାଡିଛନ୍ତି। ଏହାର ସାଧାରଣ ରୂପର ବୈଜ୍ଞାନିକ ନାମ ଲାଇକୋଡନ ଅଲିକସ ଏବଂ ଓଡ଼ିଆରେ ଏହାକୁ କଉଡିଆ ସାପ ବୋଲି କୁହାଯାଏ । ଏହି ସାପ ବହୁତ ସୁନ୍ଦର ଓ ବିଷ ନଥିବାରୁ ମଣିଷଙ୍କ ପାଇଁ କୌଣସି ବିପଦ ନୁହେଁ । ଆଲବିନୋ ରୂପରେ ଏହାର ଶରୀର ଧଳା ବା ଗୋଲାପୀ ରଙ୍ଗର ହୋଇଥାଏ ଏବଂ ଆଖି ଲାଲ ହୁଏ, ଯାହା ମେଲାନିନ ପିଗମେଣ୍ଟର ଜେନେଟିକ ଅଭାବ ଯୋଗୁଁ ହୁଏ । ଏହି ସାପ ପ୍ରଜାତିକୁ ୧୭୫୮ ମସିହାରେ ସ୍ୱିଡେନର ପ୍ରସିଦ୍ଧ ପ୍ରାକୃତିକ ବିଜ୍ଞାନୀ କାର୍ଲ ଲିନିୟସ ପ୍ରଥମେ ବର୍ଣ୍ଣନା କରିଥିଲେ । ଭାରତ, ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶ ଓ ଦକ୍ଷିଣ-ପୂର୍ବ ଏସିଆରେ ବ୍ୟାପକ ଭାବେ ଦେଖିବାକୁ ମିଳିଥାଏ । ବଗିଚା,ଜଙ୍ଗଲ ଓ ଗ୍ରାମାଞ୍ଚଳରେ ପ୍ରାୟତଃ ଦେଖାଯାଆନ୍ତି । ଆଲବିନୋ ସାପ ରୂପର ପ୍ରଥମ ରେକର୍ଡ ଭାରତରେ ୨୦୧୩ ରେ ମୁଖ୍ୟତଃ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଦେଖାଯାଇଥିଲା । ୨୦୧୭ରେ ଭୁବନେଶ୍ୱରର ପଟିଆ ଅଞ୍ଚଳରେ ଏକ ଆଲବିନୋ କଉଡିଆ ସାପ ଉଦ୍ଧାର କରାଯାଇଥିଲା । ସାପର ଆକାର ସାଧାରଣତଃ ୫୦-୭୦ ସେମି ଲମ୍ବା, ସମୟ ସମୟରେ ୧ ମିଟର ପର୍ଯ୍ୟନ୍ତ ମଧ ଦେଖିବାକୁ ମିଳିଥାଏ । ରାତିରେ ସକ୍ରିୟ ହୋଇ ଦିନରେ ଲୁକ୍କାୟିତ ଥାଆନ୍ତି । ଝିଲାପୋକ, ଛୋଟ ବେଙ୍ଗ ଖାଇଥାନ୍ତି । ଏହି ସାପର ବିଷ ନ ଥିବାରୁ ଚୋଟ ମାରନ୍ତି ନାହିଁ କେବଳ କାମୁଡି ଥାନ୍ତି।

## ଖଲ୍ଲିକୋଟ ବାର୍‌ରେ ବୈଠକ



ଖଲ୍ଲିକୋଟ,୨୪।୨(ପ୍ରଶାନ୍ତ କୁମାର ମିଶ୍ର)- ଖଲ୍ଲିକୋଟ ବାର ଆସୋସିଏଶନର ବୈଠକ ମଙ୍ଗଳବାର କୋର୍ଟବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଚକ୍ରପାଣି ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାଶ, ଏଡିଜେ ଅମୀୟ କୁମାର ଜେନା, ସବ ଜଜ୍ ଅରୁନ୍ଧତୀ ଆଚାର୍ଯ୍ୟ, ଜେଏମଏଫସି ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓ ଦୌରାଜଜ୍ ଦାଶ ଖଲ୍ଲିକୋଟ ବାରକୁ ପ୍ରଶଂସା କରିବା ସହ ସାମ୍ପ୍ରତିକ ସମୟରେ ଆଇନଜୀବୀଙ୍କ କାର୍ଯ୍ୟ କିପରି ହେବା ଆବଶ୍ୟକ ତାହା କହିଥିଲେ। ସେହିପରି ଏଡିଜେ ଅମୀୟ କୁମାର ଜେନା ଖଲ୍ଲିକୋଟ କୋର୍ଟରେ ବିକାଶ ଏବଂ ଆଇନଜୀବିଙ୍କ ସୁବିଧା ପାଇଁ କେତେକ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ବାର ସଭାପତି ଚକ୍ରପାଣି ସ୍ୱାଇଁ ଖଲ୍ଲିକୋଟ ବାରର ପରମ୍ପରା, ବାର-ବେଞ୍ଚର ସୁସମ୍ପର୍କ ବିଷୟ ସୂଚନା ଦେଇଥିଲେ। ଆଇନଜୀବୀ ରାଜେନ୍ଦ୍ର ପ୍ରଶାଦ ରଥ ଖଲ୍ଲିକୋଟ କୋର୍ଟର ପୂର୍ବ ଐତିହ୍ୟ ବିଷୟରେ କହିବା ସହ ବାରପ୍ରତି ସମସ୍ତ ଜର୍ଜଙ୍କ ସହଯୋଗ ରହୁଥିବାରୁ ଧନ୍ୟବାଦ ଜଣାଇଥିଲେ।

## ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

### ଟ୍ରାକ୍ଟରରେ ମାଟ୍ରିକ୍ ପରୀକ୍ଷାର୍ଥୀ ବୁହା ହେବା ଘଟଣା

ବାଲିଗୁଡା,୨୪।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାର୍ଥୀ ଟ୍ରାକ୍ଟରରେ ୩ କି.ମି. ଦୂର କୁଡୁତୁଲି ବିଦ୍ୟାଳୟକୁ ବୁହା ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମଙ୍ଗଳ ବିଭାଗର ଅତିରିକ୍ତ ମଙ୍ଗଳ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ମଙ୍ଗଳବାର ଏହାର ତଦନ୍ତ ଆରମ୍ଭ କରିଛନ୍ତି।
କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଓ ଏଥିପାଇଁ କିଏ ଦାୟୀ ସେ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର କହିଛନ୍ତି। ଅପରପକ୍ଷରେ ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ କହିଛନ୍ତି ଯେ, ସମ୍ପୃକ୍ତ ବିଦ୍ୟାଳୟ ମଙ୍ଗଳ ବିଭାଗ ଅଧୀନରେ ଥିବାରୁ ମଙ୍ଗଳ ଅଧିକାରୀ ଏହାର ତଦନ୍ତ କରୁଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଏବିଇଓ ଚୈତନ୍ୟ କହଁରଙ୍କୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦେବାପାଇଁ କୁହାଯାଇଥିଲା ବୋଲି ବିଇଓ କହିଛନ୍ତି। ସୂଚନାଯୋଗ୍ୟ ଯେ, କ.ନୂଆଗାଁସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କୁଡୁତୁଲି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। କେନ୍ଦ୍ରଟି ବିଦ୍ୟାଳୟଠାରୁ ପ୍ରାୟ ୩ କି.ମି. ଦୂର। ଗତ ୧୯ ତାରିଖରେ ଛାତ୍ରୀଛାତ୍ରମାନେ ଟ୍ରାକ୍ଟରରେ ବସି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଜିଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପୋଲିସ ଗାଡି ଭଙ୍ଗାରୁଜା ଘଟଣା, ଜଣେ ଗିରଫ

ଗୋପାଳପୁର,୨୪।୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ସୋମବାର ରାତିରେ ପୋଲିସ ଯାଞ୍ଚ କରିବା ବେଳେ ପୋଲିସ ଗାଡି ଭଙ୍ଗାରୁଜା ଓ ପୋଲିସକୁ ଆକ୍ରମଣରେ ଅଭିଯୋଗ ମାମଲାରେ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କରାପୁଲ୍ଲୀ ଗ୍ରାମର ଏନ . ତ୍ରିନାଥ ରେଡି (୫୧) । ପୋଲିସ ରାତିରେ କରାପୁଲୀ ନିକଟରେ ଗାଡି ଯାଞ୍ଚ କରୁଥିଲେ। ଅଭିଯୁକ୍ତ ତ୍ରିନାଥ ଗାଡିକୁ ରାସ୍ତାରେ ରଖିଥିଲେ। ଏହି ସମୟରେ ଯାଞ୍ଚ କରୁଥିବା ପୋଲିସ କର୍ମଚାରୀ ଏଏସଆଇ ମନୋଜ କୁମାର ଜେନା ଓ ଅନ୍ୟକର୍ମଚାରି ବାଇକ ସେଠାରୁ ନରଖିବାକୁ କହିଥିଲେ। କିନ୍ତୁ ତ୍ରିନାଥ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପୋଲିସ ଗାଡି ଉପରକୁ ପଇଡ଼ ଫିଙ୍ଗିବା ସହ ଏଏସଆଇ ଜେନାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ପୋଲିସ ସେଠାରେ ଧରି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏ ନେଇ ଗୋପାଳପୁର ଥାନାରେ ଜେନା ଲିଖିତ ଅଭିଯୋଗ କରିଥିଲେ। ନଂ ୯୭/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପଚରାଉଚରା କରିବା ପରେ ତ୍ରିନାଥଙ୍କୁ ଗିରଫ କରାଯାଇଛି।

### ହନୁମାନ ପଇସା, ୪୦ ଲକ୍ଷ ଟଙ୍କା ଠକେଇ ଘଟଣା

## ଛତିଶଗଡ଼ର ମହିଳାଙ୍କ ସମେତ ୨ ଗିରଫ

ଗୋପାଳପୁର,୨୪।୨(ନବୀନ ରାଜ ଆଚାରୀ)

ହନୁମାନ ମୁଦ୍ରା ବିକ୍ରି ଓ ୪୦ ଲକ୍ଷ ଟଙ୍କା ଠକେଇ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଛତିଶଗଡ ରାଜ୍ୟର ବାସନା ଥାନା ଅଧିନସ୍ଥ ବିଟାଙ୍ଗଲି ଗ୍ରାମର ପୂଜା ପଟେଲ ଓରଫ କବିତା ଓରଫ କ୍ରିଷ୍ଣା ସାଓ (୩୨) ଓ ଠାକୁର ଓରଫ ଟିମେରକଲ ଗ୍ରାମ ପିତାମ୍ବର ସାଗର (୫୮)।
ବ୍ରହ୍ମପୁର ମହାନଗର ନିଗମ ଅଶୋକ ନଗର ଅଞ୍ଚଳର ରାମ ନାରାୟଣ ପୁରୋହିତ ଅନଲାଇନ ଲିଙ୍କ୍ ମାଧମରେ କିଛି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଗତ ସେପ୍ଟେମ୍ବର ୧୫ରେ ଅଭିଯୁକ୍ତମାନେ ଅଟୋ ନଗର ହଳଦିଆପଦର ଠାରେ ପୁରୋହିତଙ୍କୁ ଭେଟିଥିଲେ। ସେମାନେ ପୁରୋହିତଙ୍କୁ ହନୁମାନ ପଇସା ଦେଖାଇବା ସହ ୪୦ ଲକ୍ଷ ଟଙ୍କା ଦେବା ପାଇଁଦାବିକରିଥିଲେ। ପରବର୍ତ୍ତୀ ସମୟରେ ପୁରୋହିତ ଓ ୨ ସହଯୋଗୀ ମିଶି ଛତିଶଗଡ଼ର ନୂଆପଡ଼ା ଯାଇ ୪୦ ଲକ୍ଷ ଟଙ୍କା ଦେଇ କାରବାର କରିଥିଲେ। ଏହିସମୟରେ ଏକ ମାଟି ପ୍ଲେଟରେ ହନୁମାନ ମୁଦ୍ରାକୁ ବଦଳ ଦେଇ କୌଶଳକ୍ରମେ ୪୦ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ପୁରୋହିତ ଗତ ଜାନୁୟାରୀ ୨୦ରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୭/୨୬ ପ୍ରକାରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଗୋଳନ୍ଥରା ଥାନା ପୋଲିସ ଗ୍ରାହକ ରୁପେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲା। ପରବର୍ତ୍ତୀ ସମୟରେ ନିର୍ଭର ସୂତ୍ରରୁ ଖବର ପାଇ ମଙ୍ଗଳବାର ଗିରଫ ଅଭିଯୁକ୍ତମାନେ ବ୍ରହ୍ମପୁର ଆସୁଥିବା ଖବର ପାଇ ଗୋଳନ୍ଥରା ଥାନା ପୋଲିସ ସେମାନଙ୍କୁ କାବୁ କରିବା ସହ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ୪୦ ଲକ୍ଷ ଟଙ୍କା ସେମାନଙ୍କ ମଧ୍ୟରେ ଖର୍ଚ୍ଚ କରି ଦେଇଥିବା ନେଇ ଜାଣିବାକୁ ପାଇଛି। ସନ୍ଧ୍ୟାରେ ପୂଜା ଓ ପିତାମ୍ବର ସାଗରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ଠାରୁ ଲକର ବକ୍ସ ଓ ୪ଟି ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।



## କାର୍ ଧକ୍କାରେ ଛାତ୍ର ଆହତରୁ ବିଦ୍ୟାଳୟ ଫାଟକରେ ପଡ଼ିଲା ତାଲା

ମୋହନା, ୨୪।୨(ମନ୍ମଥ ମିଶ୍ର)



■ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଶିକ୍ଷକ ବିଳମ୍ବରେ ଆସୁଥିବା ଅଭିଯୋଗ
■ବିଇଓଙ୍କ ପ୍ରତିଶ୍ରୁତି ପରେ ତାଲା ଖୋଲିଲା
■୨୨୭ ଛାତ୍ରୀଛାତ୍ରଙ୍କ ପାଇଁ ଅଛନ୍ତି ୫ ଶିକ୍ଷକ

ବିଦ୍ୟାଳୟ ସମ୍ମୁଖରେ କାର ଧକ୍କାରେ ଜଣେ ଛାତ୍ର ମଙ୍ଗଳବାର ଆହାତ ହୋଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଓ ଅଭିଭାବକ ଏକାଠି ହୋଇ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏଭଳି ଏକ ଘଟଣା ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ କେଶରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ।
ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟା ସୁଦ୍ଧା ବିଦ୍ୟାଳୟକୁ ପ୍ରଧାନଶିକ୍ଷକଙ୍କ ବ୍ୟତୀତ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଆସି ନ ଥିଲେ। ଫଳରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଆୟତ୍ତ କରିବା କଷ୍ଟକର ଥିଲା। ପ୍ରାର୍ଥନା ପରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଦୀପକ ମାଝୀ ବିଦ୍ୟାଳୟ ବାହାରକୁ ପେନ କିଣିବା ପାଇଁ ଦୋକାନକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଏକ କାର ଧକ୍କା ଦେଇଥିଲା। ଆହତ ଦୀପକଙ୍କୁ ପ୍ରଧାନ ଶିକ୍ଷକ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ।
ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ରମାଗତ ଭାବେ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବାରୁ ବିଭିନ୍ନ ସମୟରେ ଏପରି ଘଟଣାମାନ ଘଟୁଛି ବୋଲି ଅଭିଯୋଗ କରି ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ବିଳମ୍ବରେ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟ ବାହାରେ ଅଟକ ରଖିଥିଲେ। ଖବର ପାଇ ଘଟଣା ସ୍ଥଳରେ ମୋହନା ବିଇଓ ନରେନ୍ଦ୍ର ବେହେରା ପହଞ୍ଚି ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା ଖୋଲିଥିଲା। ପରେ ବିଦ୍ୟାଳୟରେ ଗ୍ରାମବାସୀ ଓ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଥିଲା। ବିଦ୍ୟାଳୟରେ ଆଉ ଦୁଇରୁ ୩ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ସମୟ ଅନୁସାରେ ବିଦ୍ୟାଳୟକୁ ଆସିବାକୁ ଗ୍ରାମବାସୀ ଦାବି କରିଥିଲେ। ବିଇଓ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୨୨୭ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ମାତ୍ର ୫ଜଣ ଶିକ୍ଷକ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ବିଏଲଓ ରୂପେ କାର୍ଯ୍ୟରତ ଅଛନ୍ତି।

# ନବବଧୂ ଉଦ୍ଧାର, ଅପହରଣକାରୀ ଗିରଫ

**ବନ୍ଧୁକ ମୁନରେ ନବବଧୂ ଅପହରଣ ମାମଲା**

- ସମ୍ବଲପୁର ସହରର ଭଡ଼ାଘରୁ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ
- ବନ୍ଧୁକ ମିଳିନାହିଁ, ସହଯୋଗୀ ଅଭିଯୁକ୍ତ ଫେରାର
- ଗିରଫ ଅପହରଣକାରୀ ନାଁରେ ରହିଛି ଏକାଧିକ ସଙ୍ଗୀନ ମାମଲା



ତରଭା/ବଲାଙ୍ଗୀର/ ସୋନପୁର, ୨୪।୨ (ମାନଭଞ୍ଜନ ମିଶ୍ର/ ବୀରେନ୍ଦ୍ର କୁମାର ଝାଙ୍କର/ମୃତ୍ୟୁଞ୍ଜୟ ଶତପଥୀ)

ବିବାହ ସାରି କାର୍‌ରେ ଘରକୁ ଫେରୁଥିବାବେଳେ ବାଟରେ ବର ଓ ସମ୍ପର୍କୀୟଙ୍କୁ ବନ୍ଧୁକ ଦେଖାଇ ନବବଧୂଙ୍କୁ ଅପହରଣ କରିନେଇଯିବା ଘଟଣାରେ ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ମୁଖ୍ୟ ଅପହରଣକାରୀଙ୍କୁ ସମ୍ବଲପୁରରୁ ମଙ୍ଗଳବାର ଗିରଫ କରିଛି। ଏଥିସହ ତାଙ୍କ କବଳରୁ ଅପହୃତା ନବବଧୂଙ୍କୁ ଉଦ୍ଧାର କରିଛି। ନବବଧୂଙ୍କୁ ଅପହରଣ କରି ତାଙ୍କ ସୁନାଗହଣା ଲୁଟ୍ ଉଦ୍ଦେଶ୍ୟରେ ଅପହରଣକାରୀ ତାଙ୍କ ସହଯୋଗୀଙ୍କ ସହ ଏଭଳି କାଣ୍ଡ ଘଟାଇଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ତରଭା ଥାନାରେ ଅପରାହ୍ନରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗିରଫ ଅପହରଣକାରୀ ହେଉଛନ୍ତି ବୌଦ୍ଧ ଜିଲା କଣ୍ଟାମାଳ ଥାନା ବଡଛେପାପାଲିର ସଞ୍ଜୀବ ସାହୁ (୩୫)। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

ଗତ ୨୨ ତାରିଖ ସକାଳେ ବଲାଙ୍ଗୀର ସହର କାମାକ୍ଷୀ ନଗର ନିବାସୀ ହରିବନ୍ଧୁ ପୁଟେଲ ତରଭା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ହରିବନ୍ଧୁ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରି ୨୧ ତାରିଖ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ । କିନ୍ତୁ ତରଭା ସହର ଉପକଣ୍ଠ ବନ୍ଧ ନିକଟରେ ତାଙ୍କ କାର୍‌କୁ ୪ରୁ ୫ଜଣ ଦୁର୍ବୃତ୍ତ ଅଟକାଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ନବବଧୂଙ୍କୁ ଜୋରଜବରଦସ୍ତି ଅପହରଣ କରି ନେଇଥିଲେ। ହରିବନ୍ଧୁଙ୍କ ଅଭିଯୋଗକୁ ଆଧାର କରି ତରଭା ଥାନାରେ ଏକ ମାମଲା (ନଂ. ୬୦/୨୬) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ପୋଲିସର ଦୁଇଟି ସ୍ୱତନ୍ତ୍ର ଟିମ୍ ଗୋଇନ୍ଦା ଏବଂ ମୋବାଇଲ ଇନ୍‌ପୁଟ୍ ଆଧାରରେ ଅପହରଣକାରୀ ସମ୍ବଲପୁର ସହର ପ୍ରଫେସରପଡ଼ାର ଏକ ଭଡାଘରେ ନବବଧୂଙ୍କ ସହ ଲୁଚିଥିବା ଖବର ପାଇଥିଲେ। ମଙ୍ଗଳବାର ସକାଳେ ସ୍ୱତନ୍ତ୍ର ପୋଲିସ ଟିମ୍ ଉକ୍ତ ଭଡ଼ାଘରେ ଚଢ଼ାଉ କରି ଅପହରଣକାରୀଙ୍କ ପାଖରୁ ନବବଧୂଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ ମୁଖ୍ୟ ଅପହରଣକାରୀ ସଞ୍ଜୀବଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଗୋଟିଏ ସୁନାହାର, ଗୋଟିଏ ସୁନା ଚେନ୍, ସୁନାର ନାକଫୁଲ, ହଳେ କାନଫୁଲ, ରୁପା ମୁଦି, ଏକ ସାମ୍‌ସଙ୍ଗ ମୋବାଇଲ ଏବଂ ୩୪୦ ଟଙ୍କା ଜବତ କରିଛି। ଏସ୍‌ପି ନାୟକ କହିଛନ୍ତି, ଏହା ଏକ ଯୋଜନାବଦ୍ଧ ଅପହରଣ ଘଟଣା। ଅଭିଯୁକ୍ତ ଜଣକ ଜଣେ ମୋଷ୍ଟ ୱାଣ୍ଟେଡ୍ ଅଭିଯୁକ୍ତ। ତାଙ୍କ ବିରୋଧରେ କଣ୍ଟାମାଳ ଥାନାରେ ଏକାଧିକ ମାମଲା ରହିଛି। ଗଞ୍ଜେଇ କାରବାର ସହ ତାଙ୍କର ସମ୍ପୃକ୍ତି ରହିଛି। ଅଭିଯୁକ୍ତ ସଞ୍ଜୀବ ବିବାହିତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ୩ ବର୍ଷର କୁନି ଝିଅ ଅଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ବାପାଙ୍କ ସହ ସଞ୍ଜୀବଙ୍କ ପୂର୍ବରୁ ଚିହ୍ନା ପରିଚୟ ଥିବାରୁ ସେ ତାଙ୍କ ଘରକୁ ଯିବା ଆସିବା କରନ୍ତି। ଏଣୁ ଯୁବତୀଙ୍କ ସହ ତାଙ୍କର ପରିଚୟ ରହିଥିଲା। ତେବେ କୌଣସି କାରଣରୁ ଯୁବତୀଙ୍କ ବାହାଘର ଦିନ ତାଙ୍କୁ ଅପହରଣ କରିବା ଯୋଜନା କରିଥିଲେ। ସୁରୁଖୁରୁରେ ବିବାହ ସରିବା ପରେ ନବବିବାହିତ ବରକନ୍ୟା କାର୍‌ରେ ବଲାଙ୍ଗୀର ଅଭିମୁଖେ ଆସିବାବେଳେ ଅଭିଯୁକ୍ତ ଜଣକ ପିଛା କରି ତରଭା ଉପକଣ୍ଠରେ ଏଭଳି କାଣ୍ଡ ଘଟାଇ ଅପହରଣ କରି ନେଇଥିବା ଏସ୍‌ପି ନାୟକ କହିଛନ୍ତି। ନବବଧୂ ଏବଂ ଅପହରଣକାରୀଙ୍କ ଭିତରେ ପ୍ରେମ ସମ୍ପର୍କ ଥିବା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ଅଭିଯୁକ୍ତଙ୍କ ପାଖରୁ ବନ୍ଧୁକ କି କାର୍ ଜବତ ହୋଇନାହିଁ। ବନ୍ଧୁକ, କାର୍ ସହ ସହଯୋଗୀ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଥିବା ଏସ୍‌ପି ସୂଚନା ଦେଇଛନ୍ତି। ମଙ୍ଗଳବାର ତରଭା ଥାନାରେ ବରପକ୍ଷ, ନବବଧୂ ଏବଂ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ବର ହରିବନ୍ଧୁ, ତାଙ୍କ ମା' ଶୋଭାଗିନୀ, ନବବଧୂ , ତାଙ୍କ ମା', ଅଭିଯୁକ୍ତ ସଞ୍ଜୀବଙ୍କ ସ୍ତ୍ରୀ, କୁନି ଝିଅ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୋଲିସ ସେମାନଙ୍କ ମତାମତ ପଚାରିଥିଲା। ଉଦ୍ଧାର ନବବଧୂଙ୍କୁ ଆଉ ଘରକୁ ନେବେ ନାହିଁ ବରଂ ତାଙ୍କ ଘର ପକ୍ଷରୁ ଦିଆଯାଇଥିବା ଅଳଙ୍କାର କିପରି ଫେରିପାଇବେ ସେଥିପାଇଁ ହରିବନ୍ଧୁ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବତୀ ଜଣକ ଥାନାରେ ଅଛନ୍ତି।

## ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ମୃତ

ବ୍ରହ୍ମଗିରି,୨୪।୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ମାଣିକା ପଞ୍ଚାୟତ ଅଧୀନ ପଦନପୁର ଗ୍ରାମରେ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି।ଏନେଇ ତାଙ୍କ ପୁଅ ବ୍ରହ୍ମଗିରିଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ, ପଦନପୁର ଗ୍ରାମର ବିଜୟ ଭୋଇ (୪୫) ଓ ତାଙ୍କ ସ୍ତ୍ରୀ ରମା ଭୋଇ (୪୨)ଙ୍କ ମଧ୍ୟରେ ସୋମବାର ରାତିରେ କଳହ ହୋଇଥିଲା। ପରେ ସମସ୍ତେ ଶୋଇ ଯାଇଥିଲେ। ମଙ୍ଗଳବାର ସକାଳୁ ରମାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ବାପାଙ୍କ ଆକ୍ରମଣରେ ବୋଉଙ୍କ ମୃତ୍ୟୁ ଘଟିଛି ବୋଲି ପୁଅ ରାଜେଶ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ୮୩/୨୬ରେ ଏକ ମାମଲା ରୁଜୁ କରି ବିଜୟଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

## ନାବାଳିକା ଅପହରଣ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

ଢେଙ୍କାନାଳ,୨୪।୨(ରତନ ନାୟକ)

ଢେଙ୍କାନାଳ ସହରରୁ ଜଣେ ନାବାଳିକାଙ୍କୁ ଅପହରଣ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଆଡହକ୍ ପୋକ୍‌ସୋ କୋର୍ଟରେ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ମାମଲାର ଅଭିଯୁକ୍ତ କୁନା ନାଏକଙ୍କୁ ଭାରତୀୟ ପିଙ୍ଗଳ କୋଡ ୩୬୩ ଦଫାରେ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି ଏବଂ ୧ ହଜାର ଜରିମନା ଆଦେଶ ଦେଇଛନ୍ତି। ଜରିମନା ଅନାଦାୟ ୨ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବହେରାଙ୍କ ତତ୍ତ୍ୱାବଧାନରେ ପୋକ୍‌ସୋର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପଞ୍ଚାନନ ମଲ୍ଲିକ ମାମଲା ପରିଚାଳନା କରିଥିଲେ। ୨୦୨୨ ଅକ୍ଟୋବର ୧୧ରେ ନାବାଳିକା ଜଣକ ଘରୁ ସ୍କୁଲ ଯିବା ସମୟରେ ଅଭିଯୁକ୍ତ ତାଙ୍କୁ ଅପହରଣ କରିନେଇଥିଲା ମୋଟ ୨୬ଜଣଙ୍କ ସାକ୍ଷ୍ୟ ଓ ୧୫ଟି ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ପ୍ରଦାନ କରାଯାଇଛି।

## ମାରଣାସ୍ତ୍ର ଦେଖାଇ ବ୍ୟବସାୟୀଙ୍କ ଘରୁ ଟଙ୍କା, ସୁନା ଲୁଟ୍

ନବରଙ୍ଗପୁର/ପାପଡ଼ାହାଣ୍ଡି, ୨୪।୨ (ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲାରେ ଦିନକୁ ଦିନ ବଢ଼ି ଚାଲିଛି ଚୋରି ଡକାୟତି। ରବିବାର ଉମରକୋଟ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ହାତଗୋଡ଼ ବାନ୍ଧି ମାରଣାସ୍ତ୍ର ଦେଖାଇ ୭୦ଲକ୍ଷ ଲୁଟ୍ ଘଟଣା ଲୋକଙ୍କ ମନରୁ ନ ଯାଉଣୁ ପୁଣି ତାହାର ପୁନରାବୃତ୍ତି ଘଟିଛି। ସୋମବାର ବିଳମ୍ବିତ ରାତିରେ ମୈଦଲପୁର ଥାନା ଅଞ୍ଚଳର ବ୍ୟବସାୟୀ କାଶୀନାଥ ଗୁପ୍ତାଙ୍କ ଘରେ ମୁଖାପିନ୍ଧା ଦୁର୍ବୃତ୍ତମାନେ ପଶି ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ମୈଦଲପୁର ପୋଲିସ ଖବରପାଇ ମଙ୍ଗଳବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକଲ, ଆଇଆଇସି ଯୁଗଳ ଶବର ଘଟଣାସ୍ଥଳ ଯାଇ ତଦନ୍ତ କରିଥିଲେ।

ସୂଚନାନୁଯାୟୀ, ସୋମବାର ବିଳମ୍ବିତ ରାତିରେ ବ୍ୟବସାୟୀ କାଶୀନାଥ ଓ ତାଙ୍କ ପୁଅ ବିକାଶ ଘରେ ଶୋଇଥିଲେ। ଏହି ସମୟରେ ମୁଖ୍ୟ ପାଚେରି ଡେଇଁ ୬ରୁ ୭ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହାତରେ ଛୁରି, ଭୁଜାଲି ସହ ଲୁହା ରଡ୍ ସହ ଅନ୍ୟ ମାରଣାସ୍ତ୍ର ଧରି ଘର ଭିତରକୁ ଧସେଇ ପଶିଥିଲେ। ସେମାନେ ଉଭୟ କାଶୀନାଥ ଓ ବିକାଶଙ୍କ ବେକରେ ଛୁରି ରଖି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଆଲମୀରା ଭାଙ୍ଗି ୨ ଲକ୍ଷ ୫୦ ହଜାର ଟଙ୍କା, ୫ ତୋଳା ଓଜନର ସୁନା ଅଳଙ୍କାର, ସୁନା ମୁଦି ସହ ୧ କିଲୋ ରୁପା ନେଇଯାଇଥିବା କାଶୀନାଥ ଅଭିଯୋଗ କରିଛନ୍ତି। ଏ ନେଇ କାଶୀନାଥ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମୈଦଲପୁର ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନମ୍ବର ୨୧/୨୬ରେ ମାମଲା ରୁଜୁ କରିଛି।

## ମହିଳାଙ୍କୁ ମାଡ଼ମାରି ଦୁର୍ବୃତ୍ତ ଫେରାର

ବୌଦ୍ଧ,୨୪।୨(ଅଜିତ କୁମାର ବାରିକ)

ବୌଦ୍ଧ ଥାନା ନିକଟସ୍ଥ ମୁସଲିମ୍‌ପଡ଼ାରେ ସୋମବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ଏହି ସମୟରେ ଘରଲୋକ ଉଠି ପଡ଼ିବାରୁ ଜଣେ ମହିଳାଙ୍କୁ ମାଡ଼ମାରି ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ପାଇ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ବୌଦ୍ଧ ମୁସଲିମ୍‌ପଡ଼ାର ମହମ୍ମଦ ସଫିୟୁଲଙ୍କ ଘରେ ଜଣେ ଦୁର୍ବୃତ୍ତ ପଶି ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତଳ କୋଠରିରେ ଶୋଇଥିବା ସଫିୟୁଲଙ୍କ ଭାଉଜଙ୍କ ମୁହଁରେ ସେ କମ୍ବଳ ଘୋଡ଼େଇ ଦେବାରୁ ସେ ଉଠି ପଡ଼ିଥିଲେ। ଏହାପରେ ଦୁର୍ବୃତ୍ତ ଜଣକ ତାଙ୍କୁ ମାଡ଼ ମାରିଥିଲେ। ମହିଳାଙ୍କ ପାଟି ଶୁଣି ଅନ୍ୟମାନେ ଉଠିପଡ଼ିବାରୁ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ।

## ୨ କୋଟିରୁ ଉର୍ଦ୍ଧ୍ୱ ସାଇବର ଠକେଇ

**୨ ମାମଲାରେ ୫ ଗିରଫ**

ଭଦ୍ରକ,୨୪।୨(ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି। ୨ଟି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଲେଶ୍ୱର ଜିଲା ଔପଦା ଅଞ୍ଚଳର ଜଗବନ୍ଧୁ କେସି, ଭଦ୍ରକର ରଞ୍ଜିତ ପଣ୍ଡା, ସତ୍ୟରଞ୍ଜନ ଦାସ, ବାଲେଶ୍ୱରର ମୁଜାଫର ଖାନ ଓ ଦେବାଶିଷ ନାୟକ। ଏନେଇ ମଙ୍ଗଳବାର ଅପରାହ୍ନ ୫ଟାରେ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ଭଦ୍ରକ ଜଗନ୍ନାଥପୁରସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାରେ ଜଣେ ଗ୍ରାହକଙ୍କ ଆକାଉଣ୍ଟକୁ ଦେଢ଼ କୋଟି ଟଙ୍କା ଆସିଥିଲା। ଏଥିରେ ସନ୍ଦେହ ହେବାରୁ ବ୍ୟାଙ୍କ ମ୍ୟାନେଜର ଦେବାଶିଷ ପରିଡ଼ା ୨୦୨୫ ଡିସେମ୍ବର ୩ରେ ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୬୯୪/୨୫) ରୁଜୁ କରି ଥାନାଧିକାରୀ ପ୍ରଭାଂଶୁ ମିଶ୍ର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ବିଭିନ୍ନ ସାଇବର ଠକେଇ ଅର୍ଥ ଏହି ଆକାଉଣ୍ଟକୁ ଆସିଥିବା ଜଣାପଡ଼ିଥିଲା। ସେହିପରି ପୋଲିସ ବିଭାଗର ସଦର ଇନ୍ସପେକ୍ଟର ଦୟାନିଧି ଦାସ ଗତ ଜାନୁଆରୀ ୬ରେ ସାଇବର ଠକେଇ ନେଇ ଟାଉନ ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ.୧୭/୨୬) ରୁଜୁ ହୋଇଥିଲା। ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ରୁଜୁ ହୋଇଥିବା ମାମଲାରେ ଔପଦାର ଯୁବକ ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ଇନ୍ସପେକ୍ଟର ଦୟାନିଧି ଦାସଙ୍କ ଅଭିଯୋଗକ୍ରମେ ରୁଜୁ ମାମଲାରେ ଅନ୍ୟ ୪ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ମୁଜାଫରଙ୍କ ଆକାଉଣ୍ଟରେ ୧୯ ଲକ୍ଷ ୫୦ ହଜାର, ରଞ୍ଜିତଙ୍କ ଆକାଉଣ୍ଟରେ ୨୯ ଲକ୍ଷ, ଦେବାଶିଷଙ୍କ ଆକାଉଣ୍ଟରେ ୩୯ ଲକ୍ଷ ଓ ସତ୍ୟରଞ୍ଜନଙ୍କ ଆକାଉଣ୍ଟରେ ୯ ଲକ୍ଷ ୪୬୪ ଟଙ୍କା ଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ମିଶ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଉଥିବା ବେଳେ ଉପସ୍ଥିତ ଗିରଫ ୫ ଅଭିଯୁକ୍ତ।

# Business

## ଖୋଟ ଏମ୍‌ଏସ୍‌ପିକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୨୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଙ୍ଗଳବାର ୨୦୨୬-୨୭ ପାଇଁ କଞ୍ଚାମାଲ ଖୋଟର ଏମ୍‌ଏସ୍‌ପିକୁ ମଞ୍ଜୁରୀ ଦେଇଛନ୍ତି। ୨୦୨୬-୨୭ ପାଇଁ ଖୋଟ (ଟିଡି ୩ ଗ୍ରେଡ୍)ର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୫,୯୨୫ ଟଙ୍କା ସ୍ଥିର କରାଯାଇଛି। ଏହା ସର୍ବଭାରତୀୟ ହାରାହାରି ଉତ୍ପାଦନ ଖର୍ଚ୍ଚ ତୁଳନାରେ ୬୧.୮% ଲାଭ ସୁନିଶ୍ଚିତ କରିବ। ୨୦୨୬-୨୭ ପାଇଁ ଖୋଟର ଏମ୍‌ଏସ୍‌ପି ୨୦୨୫-୨୬ ତୁଳନାରେ କୁଇଣ୍ଟାଲ ପିଛା ୨୭୫ଟଙ୍କା ବୃଦ୍ଧିପାଇଛି। ଖୋଟର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨,୪୦୦ଟଙ୍କାରୁ ବୃଦ୍ଧି ସହ ୨୦୨୬-୨୭ରେ କୁଇଣ୍ଟାଲ ପିଛା ୫,୯୨୫ଟଙ୍କା ହୋଇଛି। ଏହା କୁଇଣ୍ଟାଲ ପିଛା ୩,୫୨୫ ଟଙ୍କା (୨.୫ ଗୁଣ) ବୃଦ୍ଧି ହୋଇଛି। ୨୦୧୪-୧୫ରୁ ୨୦୨୫-୨୬ ମଧ୍ୟରେ ଖୋଟ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଏମ୍‌ଏସ୍‌ପି ପରିମାଣ ୧,୩୪୨ କୋଟି ଟଙ୍କା ଥିବାବେଳେ ୨୦୦୪-୦୫ରୁ ୨୦୧୩-୧୪ ମଧ୍ୟରେ ପ୍ରଦାନ କରାଯାଇଥିବା ପରିମାଣ ୪୪୧ କୋଟି ଟଙ୍କା ଥିଲା।

## ସହାୟକ କମ୍ପାନୀରେ ଅଧିକ ନିବେଶ କରିବ ପାୱାରଗ୍ରୀଡ୍

**ନିବେଶ ସୀମା ୫,୦୦୦ରୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି**



ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଙ୍ଗଳବାର ପାୱାରଗ୍ରୀଡ୍ କର୍ପୋରେଶନକୁ ଏହାର ସହାୟକ କମ୍ପାନୀରେ ଇକ୍ୱିଟି ନିବେଶ ଲାଗି ଅଧିକ କ୍ଷମତା ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ମହାରତ୍ନ ଉଦ୍ୟୋଗ (ସିପିଏସ୍‌ଇ) ଗୁଡ଼ିକ ପାଇଁ ଲାଗୁ ହେଉଥିବା ସାଧାରଣ ଉଦ୍ୟୋଗ ବିଭାଗର ୨୦୧୦ ଫେବୃଆରୀ ୪ର ନିର୍ଦ୍ଦେଶାବଳୀ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଅନୁମୋଦନ ଦ୍ୱାରା ପାୱାରଗ୍ରୀଡ୍‌ର ଅନୁମତିପ୍ରାପ୍ତ ଇକ୍ୱିଟି ବିନିଯୋଗ ସୀମା ବର୍ତ୍ତମାନର ପ୍ରତି ସହାୟକ କମ୍ପାନୀ ପିଛା ୫,୦୦୦ କୋଟି ଟଙ୍କାରୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମାତ୍ର ଏହି ନିବେଶକୁ ପୂର୍ବ ନିର୍ଦ୍ଧାରିତ ସୀମା କମ୍ପାନୀ ନେଟ୍‌ୱର୍ଥର ୧୫ ପ୍ରତିଶତକୁ ଅପରିବର୍ତ୍ତିତ ରଖାଯାଇଛି। ଏହି ନିଷ୍ପତ୍ତି ପାୱାର ଗ୍ରୀଡ୍‌କୁ ଅଣ-ଜୀବାଶ୍ମଭିତ୍ତିକ ଉତ୍ସରୁ ୫୦୦ ଗିଗାୱାଟ୍ ଶକ୍ତି ହାସଲ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ। କ୍ଷମତା ହସ୍ତାନ୍ତର ମଞ୍ଜୁରୀ ପରେ ପାୱାରଗ୍ରୀଡ୍ ଏବେ ଅଲ୍‌ଟ୍ରା ହାଇ ଭୋଲ୍‌ଟେଜ୍ ଅଲଟରନେଟିଂ କରେଣ୍ଟ ଏବଂ ହାଇ ଭୋଲ୍‌ଟେଜ ଡାଇରେକ୍ଟ କରେଣ୍ଟ ସଞ୍ଚାରଣ ନେଟ୍‌ୱାର୍କ ଭଳି ଅଧିକ ପୁଞ୍ଜି ଆବଶ୍ୟକ କରୁଥିବା ଟ୍ରାନ୍ସମିସନ ପ୍ରକଳ୍ପଗୁଡ଼ିକର ବିଡିଂରେ ଅଂଶଗ୍ରହଣ କରିପାରିବ। ଏହା ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ପ୍ରକଳ୍ପ ପାଇଁ ବିଡର ଚୟନ ନିମନ୍ତେ ଶୁଳ୍କଭିତ୍ତିକ ପ୍ରତିଯୋଗିତାମୂଳକ ବିଡିଂ (ଟିବିସିବି)ର ପରିସରକୁ ବୃଦ୍ଧିକରିବ।

## ଫୋନ୍‌ପେ'ରେ ଏଆଇ-ପାୱାର୍ଡ ସର୍ଚ୍ଚ ସୁବିଧା

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ଫୋନ୍‌ପେ ପକ୍ଷରୁ ମାଇକ୍ରୋସଫ୍ଟ ଫାଉଣ୍ଡ୍ରି ସହାୟତାରେ ପ୍ରସ୍ତୁତ ଏକ ଏଆଇ-ପାୱାର୍ଡ 'ନ୍ୟାଚୁରାଲ ଲାଙ୍ଗୁଏଜ ସର୍ଚ୍ଚ' ଫିଚରର ଶୁଭାରମ୍ଭ କରାଯାଇଛି । ଏହି ଫିଚର ଫୋନ୍‌ପେ ୟୁଜରମାନଙ୍କୁ ସାଧାରଣ ଭାଷାରେ ଟେକ୍ସଟ କିମ୍ବା ଭଏସ କମାଣ୍ଡ ମାଧ୍ୟମରେ ଆପ୍ ଭିତରେ ବିଭିନ୍ନ କାର୍ଯ୍ୟ ଆରମ୍ଭ ଏବଂ ସମ୍ପୂର୍ଣ୍ଣ କରିବାକୁ ଅନୁମତି ଦେବ। ଫୋନ୍‌ପେ'ର ପ୍ରତିଷ୍ଠାତା, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଟିଓ ରାହୁଲ ଚାରୀ କହିଛନ୍ତି, ମାଇକ୍ରୋସଫ୍ଟ ସହ ଏହି ସହଭାଗିତା ମାଧ୍ୟମରେ, କେବଳ ଇନପୁଟ ନୁହେଁ ବରଂ ୟୁଜରଙ୍କ ଉଦ୍ଦେଶ୍ୟକୁ ବୁଝି ଆମେ ପେମେଣ୍ଟକୁ ଆହୁରି ସରଳ କରିବାକୁ ଲକ୍ଷ୍ୟ ରଖିଛୁ। ମାଇକ୍ରୋସଫ୍ଟ ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ସଭାପତି ପୁନୀତ ଚାନ୍ଦୋକ କହିଛନ୍ତ, ଫୋନପେ'ର ଏହି ନୂଆ ଏଆଇ-ପାୱାର୍ଡ ଅନୁଭୂତି ଡିଜିଟାଲ ପେମେଣ୍ଟକୁ ସହଜ ଏବଂ ସୁଲଭ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଆଧୁନିକ ଏଲ୍‌ଏଚ୍‌ବି କୋଚ୍ ସହ ଅପ୍‌ଗ୍ରେଡ୍ ହେବ ୨ ଏକ୍ସପ୍ରେସ୍

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ପୂର୍ବତଟ ରେଳପଥ ୨ଟି ଗୁରୁତ୍ୱପୂର୍ଣ୍ଣ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌ର କୋଚ୍‌ଗୁଡ଼ିକୁ ଆଧୁନିକ ଏଲ୍‌ଏଚ୍‌ବି (ଲିଙ୍କେ ହଫମାନ ବୁଶ) କୋଚ୍‌ରେ ପରିବର୍ତ୍ତନ କରିବ। ଫେବୃଆରୀ ୨୫ଠାରୁ ଏଲ୍‌ଏଚ୍‌ବି କୋଚ୍ ସହିତ ରୂପାନ୍ତରଣ କରାଯିବାକୁ ଥିବା ଟ୍ରେନ୍ ମଧ୍ୟରେ ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଓ ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରହିଛି। ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ଗୋଟିଏ ସ୍ଲିପର୍ କ୍ଲାସ (୩-ଟାୟାର, ନନ୍-ଏସି) କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍ ଓ ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗାର୍ଡ-କମ୍-ସେକେଣ୍ଡ କ୍ଲାସ କୋଚ୍ ସହ ସଂରଚନା କରାଯିବ। ସେହିଭଳି ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ୨ଟି ଏସି ଚେୟାର କାର୍ କୋଚ୍, ୨ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ୍, ୮ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍ ଓ ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ-କମ୍-ଦିତୀୟ ଶ୍ରେଣୀ କୋଚ୍ ରହିବ। ଏହି ମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ଉନ୍ନତ ସୁବିଧା, ଉଚ୍ଚତର ସୁରକ୍ଷା ମାନଦଣ୍ଡ ଓ ସମଗ୍ର ଯାତ୍ରା ଅନୁଭବରେ ଉଲ୍ଲେଖନୀୟ ସୁଧାରର ଲାଭ ଉଠାଇପାରିବେ।

## ୨୬୦ କୋଟିର ସ୍କ୍ରାପ୍ ବିକ୍ରୟ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟ ପୂର୍ବରୁ ରେଳପଥ ବୋର୍ଡର ସ୍କ୍ରାପ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରିଛି। ଫେବୃଆରୀ ୨୦ ସୁଦ୍ଧା ପୂର୍ବତଟ ରେଳପଥ ମୋଟ ୨୬୦.୦୨ କୋଟି ଟଙ୍କାର ସ୍କ୍ରାପ ବିକ୍ରୟ କରି ରେକର୍ଡ କରିଛି, ଯାହା ୪୦ ଦିନ ପୂର୍ବରୁ ଏହି ଲକ୍ଷ୍ୟକୁ ଅତିକ୍ରମ କରିଛି। ପୁରୁଣା ସାମଗ୍ରୀର ବ୍ୟବସ୍ଥିତ ଅପସାରଣ ଏବଂ ଉନ୍ନତ ସ୍ଥାନ ପରିଚାଳନା ମାଧ୍ୟମରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ସ୍କ୍ରାପ ନିଷ୍କାସନ ରାଜସ୍ୱକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଏହା ପୁନଃ ପ୍ରକ୍ରିୟାକରଣ ଏବଂ ବୈଜ୍ଞାନିକ ନିଷ୍କାସନ ମାଧ୍ୟମରେ ପରିବେଶଗତ ଦାୟିତ୍ୱକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏହା ୨୦୨୪-୨୫ର ସମାନ ସମୟରେ ଅର୍ଜିତ ୨୦୪.୫୫ କୋଟି ଟଙ୍କା ତୁଳନାରେ ୨୭.୧୨% ଅଧିକ। ଜୋନରେ ୧୯୦ଟି ନିଲାମ ତାରିଖ ସଫଳତାର ସହ ଆୟୋଜନ ଓ ସମନ୍ୱିତ ସାମୂହିକ ପ୍ରୟାସର ଫଳରୂପେ ଏହି ଉଲ୍ଲେଖନୀୟ ସଫଳତା ମିଳିଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ସମୟୋପଯୁକ୍ତ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ୨୦୧୩ ମସିହାରୁ ଏହାର ସମର୍ପିତ ଭାରତୀୟ ରେଳପଥ ଇ-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ (ଆଇଆଇଇପିଏସ୍) ପୋର୍ଟାଲ ମାଧ୍ୟମରେ ଇ-ନିଲାମ ପରିଚାଳନା କରୁଛି। ଏହି ପୋର୍ଟାଲରେ ୮୯୦୦ରୁ ଅଧିକ ପଞ୍ଜୀକୃତ ବିକ୍ରେତା ଥିବାରୁ ନିଲାମ ପ୍ରକ୍ରିୟା ସ୍ୱଚ୍ଛ, ପ୍ରତିଦ୍ୱନ୍ଦ୍ୱିମୂଳକ ଓ କାର୍ଯ୍ୟକୁଶଳ ଭାବେ ସମ୍ପନ୍ନ ହେଉଛି।

## ତ୍ରୁଟି ସଂଶୋଧନ

ଫେବୃଆରୀ ୨୪ ମଙ୍ଗଳବାର ଧରିତ୍ରୀର ବିଜ୍‌ନେସ୍ ପୃଷ୍ଠାରେ 'ବେଦାନ୍ତ ଆଲୁମିନିୟମର ଜ୍ଞାନଜ୍ୟୋତି କାର୍ଯ୍ୟକ୍ରମ' ଶୀର୍ଷକ ଖବରରେ ଭୁଲ୍‌ବଶତଃ 'ଜେବି କନ୍‌ସଲ୍‌ଟିଂ ଆଣ୍ଡ ଷ୍ଟ୍ରାଟେଜି'ର ଫଟୋ ସ୍ଥାନିତ ହୋଇଥିଲା। ଏହା ଏକ ଅନିଚ୍ଛାକୃତ ତ୍ରୁଟି।

## ଶିକ୍ଷା, ଦକ୍ଷତା ବିକାଶ କ୍ଷେତ୍ରରେ ଡାଲମିଆ ଭାରତ ଫାଉଣ୍ଡେଶନ ସମ୍ମାନିତ




ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ସିଏସ୍‌ଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍)କୁ ଜାତୀୟ ସିଏସ୍‌ଆର୍ ସମ୍ମିଳନୀ ୨୦୨୬ରେ 'ଡିଷ୍ଟିଙ୍ଗ୍‌ଉଇଶ୍ ଲିଡରଶିପ ଅନର' ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମଠାରେ ଟାଇମ୍ସ ଫାଉଣ୍ଡେସନ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗଦେଇଥିଲେ । ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ଡାଲମିଆ ଅଶୋକ କୁମାର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଡିବିଏଫ୍ ଗୋଷ୍ଠୀ ରୂପାନ୍ତରଣ ପାଇଁ ଏକ ଉତ୍ପ୍ରେରକ ଭାବେ ବିକଶିତ ହୋଇଛି ଯାହା ବିଶେଷକରି ଅନୁନ୍ନତ ଓ ଅବହେଳିତ ପୃଷ୍ଠଭୂମିର ହଜାର ହଜାର ବ୍ୟକ୍ତିଙ୍କୁ ପ୍ରାସଙ୍ଗିକ ଦକ୍ଷତା ଓ ସ୍ଥାୟୀ ରୋଜଗାର ସୁଯୋଗ ପାଇଁ ପହଞ୍ଚ ସହ ସୁସଜ୍ଜିତ କରିଛି । ଏହି ସମ୍ମିଳନୀର ଅଂଶ ଭାବେ 'ସ୍କିଲିଂ: ଏମ୍ପାୱାରିଂ ଏମ୍‌ଏସ୍‌ଏମ୍‌ଇ ଆଣ୍ଡ ୟୁଥ୍ ଫର୍ ସଷ୍ଟେନେବୁଲ ଲାଇଭ୍‌ଲିହୁଡ୍' ଶୀର୍ଷକ ଏକ ପ୍ୟାନେଲ ଆଲୋଚନାରେ ଅଶୋକ ଅଂଶଗ୍ରହଣ କରିଥିଲେ। ସୂଚନା ଥାଉକି, ଡିବିଏଫ୍‌ର ପଦକ୍ଷେପଗୁଡ଼ିକ ବ୍ୟାପକ ସ୍ତରରେ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିଛି । ଏହାର ଦକ୍ଷତା ଅଭିଯାନ 'ଦିକ୍ଷା' ମାଧ୍ୟମରେ ଏହି ଫାଉଣ୍ଡେଶନ ଏକାଧିକ ରାଜ୍ୟରେ ୨୭୦୦୦ରୁ ଅଧିକ ଯୁବପିଢ଼ିଙ୍କୁ ପ୍ରଶିକ୍ଷିତ କରିଛି । ଏହାର ୱାଓ (ୱମେନ ଅଫ୍ ୱର୍ଥ) ପଦକ୍ଷେପ ତୃଣମୂଳ ସ୍ତରକୁ ଡିଜିଟାଲ ଶିକ୍ଷା ଓ ସଶକ୍ତୀକରଣକୁ ନେବା ପାଇଁ ଡିବିଏଫ୍‌ର ଅଭିନବ ଦୃଷ୍ଟିକୋଣକୁ ସୂଚିତ କରୁଛି। ଏହା ମାଧ୍ୟମରେ ୪୨୪୩ରୁ ଅଧିକ ବ୍ୟକ୍ତି ଡିଜିଟାଲ ସାକ୍ଷରତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇଛନ୍ତି।

## ବିଏସ୍‌ଏନ୍‌ଏଲ୍, ଟିଡବ୍ଲ୍ୟୁଡବ୍ଲ୍ୟୁଓ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୪।୨ (ଅନୁରାଧା ମହାରଣା)



ରେଡ୍‌କ୍ରସ କଟକ ସହାୟତାରେ ତଥା ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନ (ଟିଡବ୍ଲ୍ୟୁଡବ୍ଲ୍ୟୁଓ) ପକ୍ଷରୁ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଶୋକନଗରସ୍ଥିତ ବିଏସ୍‌ଏନ୍‌ଏଲ୍ ଭବନରେ ଏହି ଶିବିରକୁ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଟିଡବ୍ଲ୍ୟୁଡବ୍ଲ୍ୟୁଓ ଓଡ଼ିଶାର ସଭାପତି ମମତା ବେହେରା ଯୋଗଦେଇ ରକ୍ତଦାନ ଦ୍ୱାରା ମୂଲ୍ୟବାନ ମାନବ ଜୀବନ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ରେଡ୍‌କ୍ରସ ରକ୍ତଭଣ୍ଡାର ଦ୍ୱାରା ସଫଳତାର ସହିତ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଗଜେନ୍ଦ୍ର କୁମାର ଯାଦବ, ଟିଡବ୍ଲ୍ୟୁଡବ୍ଲ୍ୟୁଓ ସଚିବ ଗାୟତ୍ରୀ ମଲ୍ଲିକ ଏବଂ ଟିଡବ୍ଲ୍ୟୁଡବ୍ଲ୍ୟୁଓ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶୁଟ୍ ଆଉଟ୍‌ରେ ଭାରତ ପରାସ୍ତ


ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

**ହୋବାର୍ଟ, ୨୪।୨ (ପି.ଟି.)**

ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ହକି ଦଳର ଖରାପ ପ୍ରଦର୍ଶନ ଜାରି ରହିଛି। ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍ ହକି ଟୁର୍ନାମେଣ୍ଟରେ ଭାରତର ପରାଜୟ ଧାରା ଜାରି ରହିଛି। ଏଠାରେ ମଙ୍ଗଳବାର ସ୍ପେନ ବିପକ୍ଷରେ ଖେଳାଯାଇଥିବା ଏକ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହେବା ପରେ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୩-୪ ଗୋଲ୍‌ରେ ପରାଜିତ ହୋଇଛି। ମନିନ୍ଦର ସିଂ ଖେଳର ୫୯ତମ ମିନିଟ୍‌ରେ ଏକ୍ ଗୋଲ କରି ଭାରତକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ତେବେ ଶେଷ ମୁହୂର୍ତ୍ତରେ ବ୍ରୁନୋ ଫଣ୍ଟଙ୍କ ଗୋଲ୍ ବଳରେ ସ୍ପେନ୍ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଫଳରେ ମ୍ୟାଚ ଶୁଟ୍‌ଆଉଟକୁ ଚାଲିଯାଇଥିଲା। ହୋବାର୍ଟ ପର୍ଯ୍ୟାୟରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବୁଧବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଭାରତ ପୂର୍ବରୁ ସ୍ପେନ ବିପକ୍ଷ ପ୍ରଥମ ମ୍ୟାଚ ୦-୨ ଗୋଲରେ ପରାଜିତ ହୋଇଥିବା ବେଳେ ପରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପ୍ରଥମେ ୨-୨ରେ ଡ୍ର' ରହିବା ପରେ ଶୁଟଆଉଟରେ ଅଷ୍ଟ୍ରେଲିଆଠାରୁ ୪-୫ରେ ପରାସ୍ତ ହୋଇଥିଲା। ୯ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ୭ଟି ମ୍ୟାଚ୍‌ରୁ ମାତ୍ର ୨ ପଏଣ୍ଟ ପାଇ ୮ମ ସ୍ଥାନରେ ଅଛି।

# ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯିବ ଅଷ୍ଟ୍ରେଲିଆ

**ମେଲବୋର୍ନ, ୨୪।୨ (ଏପି):** ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳ ସେପ୍ଟେମ୍ବର ଓ ଅକ୍ଟୋବରରେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯିବ। ଦଳ ସେ ଦେଶରେ ତିନୋଟି ଟେଷ୍ଟ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ଗତ ଜୁନ୍‌ରେ ଲର୍ଡ୍ସଠାରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଦକ୍ଷିଣ ଆଫ୍ରିକ ଟେଷ୍ଟ ଚାମ୍ପିୟନଶିପ୍ ଜିତିଥିଲା। ୩୭ବର୍ଷରେ ଦକ୍ଷିଣ ଆଫ୍ରିକାର ଏହା ଥିଲା ପ୍ରଥମ ପ୍ରମୁଖ କ୍ରିକେଟ ଟ୍ରଫି। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ ମଧ୍ୟରୁ ପ୍ରଥମଟି ସେପ୍ଟେମ୍ବର ୨୪ରେ ଡର୍ବାନ, ଦ୍ୱିତୀୟଟି ସେପ୍ଟେମ୍ବର ୨୭ରେ ଜୋହାନ୍ସବର୍ଗ ଏବଂ ତୃତୀୟଟି ପୋଶ୍ଚେଫଷ୍ଟ୍ରୁମ୍‌ରେ ସେପ୍ଟେମ୍ବର ୩୦ରେ ଖେଳାଯିବ। ପରେ ଏକ ଦୁଇ ଦିନିଆ ୱାର୍ମଅପ୍ ମ୍ୟାଚ ପୋଶ୍ଚେଫଷ୍ଟ୍ରୁମ୍‌ରେ ଅକ୍ଟୋବର ୩-୪ରେ ଅନୁଷ୍ଠିତ ହେବ। ଡର୍ବାନଠାରେ ଅକ୍ଟୋବର ୯ରୁ ଟେଷ୍ଟ ସିରିଜ ଆରମ୍ଭ ହେବ।

# ଜାତୀୟ କରାଟେ ପାଇଁ ଓଡ଼ିଶା ଦଳ ମନୋନୀତ

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)**

ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ୩୭ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକା ଏହି ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟ ଦଳରେ ୧୫ ମହିଳା, ୧୬ ପୁରୁଷ ପ୍ରତିଯୋଗୀ ଏବଂ ୬ ଅଫିସିଆଲ ରହିଛନ୍ତି। ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଏକ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଇନଜୀବୀ କାଳି ପ୍ରସାଦ ନନ୍ଦ, ସନତ ନାୟକ, ମୀର ଅଜମତ ଅଲି, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଓଡ଼ିଶା ଦଳ (ପୁରୁଷ): ଯୋଗେଶ ବେରିହା, କ୍ରୀଷ୍ଣା ଶିକାରୀ, ରଜନୀ ବିଶି, ମହେଶ ଡୋରା, କୃଷ୍ଣ ଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଭଗବାନ ରେଣ୍ଡୀ, ରିତେଶ ରାୟ, ଶୁଭକାନ୍ତ ବିଶ୍ୱାଳ, ଆୟୁଷ ପ୍ରସାଦ ରଥ, ଓମ୍ ଶୁଭମ ମହାନ୍ତି, ଦିବେଶ ବରାଦ, ରିତେଶ ମହାନ୍ତି, କାମେସ ମହାପାତ୍ର, ଶୁଭମ ଦାସ ଓ ତ୍ରିଲୋଚନ ରାଣା। ମହିଳା: ଭାଲେନା, ଭାଲେଣ୍ଟିନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ମୋନାଲି ସାହୁ, ଲୋମା ସ୍ୱାଇଁ, ବ୍ରତତୀ ବିଶ୍ୱପ୍ରଭା ପତି, ପ୍ରିୟଦର୍ଶିନୀ ଦାସ, ନ୍ୟାଶା କୁମାରୀ, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ସୋନାଲୀ ପାଣିଗ୍ରାହୀ, ସାଲୋନୀ ପାତ୍ର, ସ୍ୱସ୍ତିକା ବେହେରା, ରୋଜାଲିନ ଜେନା। ଅଫିସିଆଲ: ରାଜୀବ କୁମାର ସିଂ (ରେଫରି), ଅବିନାଶ ପୁନ୍ଦିର (ପ୍ରବନ୍ଧକ), ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା, ସିନ୍ଧୁ ତନୟା ଖୁଣ୍ଟିଆ (ମହିଳା ପ୍ରବନ୍ଧକ)।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଦଳର କରାଟେକା।

# ଓଡ଼ିଶା ବାଳିକା ଦଳକୁ ରୌପ୍ୟ

### ଜାତୀୟ ମିନି ରୋଲ ବଲ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)**

ତାମିଲନାଡୁର ତ୍ରିଚିଠାରେ ଅନୁଷ୍ଠିତ ୧୫ଶ ଜାତୀୟ ମିନି ରୋଲ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ହାସଲ କରିଛି। ଲିଗ୍ ପର୍ଯ୍ୟାୟରେ ତାମିଲନାଡୁକୁ ୩-୨, ଚଣ୍ଡିଗଡ଼କୁ ୧୧-୦, ଝାଡ଼ଖଣ୍ଡକୁ ୫୨ରେ ହରାଇବା ପରେ କ୍ୱାର୍ଟର ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୯-୧ ଓ ସେମିଫାଇନାଲରେ ହରିୟାଣାକୁ ୩-୦ରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା। ଟାଇଟଲ ପର୍ଯ୍ୟାୟରେ କଡ଼ା ଟକ୍କର ଦେଇଥିଲେ ହେଁ ତାମିଲନାଡୁଠାରୁ ୧-୨ରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଅଧିନାୟିକା ଅମ୍ରିତା ବରାଳ ଟୁର୍ନାମେଣ୍ଟରେ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଥିଲେ। ସେ ମୋଟ ୧୫ଟି ଗୋଲ ଦେଇଥିବାରୁ ପୁରସ୍କାର ଆକାରରେ ୧୦,୦୦୦ ଟଙ୍କା ପାଇଥିଲେ। ରୋଲ ବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଆରବିଏଫ୍‌ଆଇ) ସମ୍ପାଦକ ପ୍ରତାପ ପଗାର, ଉପସଭାପତି ସାଜି, ଚନ୍ଦେଶ୍ୱର ସାହୁ, ପ୍ରେମ୍ ଓ ରାଜଶେଖର, ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଓଆରବିଏ) ସମ୍ପାଦକ ସୌଦାମିନୀ ପାତ୍ର, ପରାମର୍ଶଦାତା ମିଲିନ୍ଦ କ୍ଷୀରସାଗର, ଅଫିସିଆଲ ୱାଟସନ ଏବଂ ସୌମ୍ୟ ଜୟସିଂ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶା ବାଳକ ଦଳ ମଧ୍ୟ ଭଲ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ହାରି ଯିବାରୁ ସେମିଫାଇନାଲରେ ପହଞ୍ଚି ପାରି ନ ଥିଲା। ଓଡ଼ିଶା ଦଳକୁ ଓଆରବିଏ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ଅଭିନନ୍ଦନ ଜଣାଇଛନ୍ତି।



ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ରନରଅପ୍ ଟ୍ରଫି ଗ୍ରହଣ କରୁଛନ୍ତି।

# ଘରକୁ ଫେରିଲେ ରିଙ୍କୁ

**ଚେନ୍ନାଇ, ୨୪।୨ (ପି.ଟି.):** ପାରିବାରିକ ଜରୁରି ପାଇଁ ମିଡଲ ଅର୍ଡର ବ୍ୟାଟର ରିଙ୍କୁ ସିଂ ମଙ୍ଗଳବାର ନିଜ ଘରକୁ ଫେରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଏହା ଜଣାପଡ଼ିଛି। ସ୍ଥାନୀୟ ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଭାରତର ଟ୍ରେନିଂ ସେସନରେ ରିଙ୍କୁ ଯୋଗ ଦେଇ ନାହାନ୍ତି। ନେଟ୍ସ ବେଳେ ଦଳର ଅବଶିଷ୍ଟ ସାଥୀ ଖେଳାଳି କିନ୍ତୁ ଉପସ୍ଥିତ ଥିଲେ। ଖବର ଅନୁସାରେ ରିଙ୍କୁଙ୍କ ପିତା ଗୁରୁତର ଅସୁସ୍ଥ ହୋଇ ଗ୍ରେଟର ନଏଡାସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଟୁର୍ନାମେଣ୍ଟରେ ଆଗକୁ ବଢ଼ିବାକୁ ହେଲେ ଭାରତ ଏଠାରେ ଗୁରୁବାର ଖେଳାଯିବାକୁଥିବା ଜିମ୍ବାୱେ ବିପକ୍ଷ ସୁପର-୮ ମ୍ୟାଚ ଜିତିବାକୁ ହେବ। କ୍ୟାମ୍ପରୁ ରିଙ୍କୁଙ୍କ ଆକସ୍ମିକ ପ୍ରସ୍ଥାନ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ସେ ଉପଲବ୍ଧ ହେବେ କି ନା ସେ ନେଇ ସନ୍ଦେହ ଉପୁଜୁଛି। ଚଳିତ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଭାରତର ୭୬ ରନ ବିଜୟ ମ୍ୟାଚରେ ସେ ବିନା କୌଣସି ରନ୍‌ରେ ଆଉଟ ହୋଇଥିଲେ।


## ବିବାହ ଶୁଭେଚ୍ଛା


**ବ୍ରଜମୋହନ ସହିତ ପ୍ରଭାସିନୀ**
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୪୬୯

## ବିବାହ ଶୁଭେଚ୍ଛା


**ଜନ୍ମେଜୟ ସହିତ ଶ୍ରଦ୍ଧାଞ୍ଜଳି**
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ମାମା, ବାପା, ମା', ମଉସା, ମାଉସୀ, ମାମୁ, ମାଇଁ, ବେଙ୍ଗୁଲା, ବର୍ଷା, ବାପୁନା, ମିନୁ, ବବ୍‌ଲୁ, ସୀମା, ସୋନୁ, ସୋନି, ଭୂମି ଓ ପରିବାରବର୍ଗ।
ଧ-୩୪୬୮


# ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ

### ଏସିଆ କପ୍ ବଧିର କ୍ରିକେଟ

**କଟକ,୨୪।୨(କୁମାରଶ୍ରୀ)**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହିଛି। ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳ ୯ ଉଇକେଟରେ ନେପାଳକୁ ପରାସ୍ତ କରିଛି। ଫଳରେ ପ୍ରତିଯୋଗିତାରୁ ନେପାଳର ଅଭିଯାନ ଶେଷ ହୋଇଛି। ବୁଧବାର ଫାଇନାଲ ମୁକାବିଲାରେ ଭାରତ ଏବଂ ଶ୍ରୀଲଙ୍କା ମୁହାଁମୁହିଁ ହେବେ। ମଙ୍ଗଳବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ମାତ୍ର ୫୯ରନରେ ଅଲଆଉଟ ହୋଇଥିଲା। ଅଭିଷେକ କୁମାର ସର୍ବାଧିକ ୧୭ରନ କରିଥିଲେ। ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ଶିବୁନ ନନ୍ଦ ୪ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୫.୧ ଓଭରରେ ୧ ଉଇକେଟ ହରାଇ ଭାରତ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇ ଆକାଶ ୩୩ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଶିବୁନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।



ଶିବୁନ ନନ୍ଦ ପୁରସ୍କାର ଗ୍ରହଣ କରୁଛନ୍ତି।


# Classified Everyday

**0674-2580101, 9692975378**


## MATRIMONIAL

### BRIDE WANTED

Required skin doctor for marriage. Contact: Kamala Das, 7978120820, BBSR. D-3443

### GROOM WANTED

Wanted groome for a bramhin widow girl, 45years, 5'7", MBA PGDCA. Mob. No. 8658097081. D-3471

37ବୟସ୍କା Widow ଅନାଥ କରଣ Govt. Nurseଙ୍କ ପାଇଁ ବରପାତ୍ର ଦରକାର। 7873141286. D-3442

Beautiful Khandayat girl 1993', 5'4'', B-Tech, serving software Engineer TCS Bangalore. ''SUNASANSAR'' 9937512659. D-3449

Beautiful Teli girl 1996', 5'5'', MBA complete, settled Bhubaneswar. ''SUNASANSAR'' 9937512659. D-3450


## REAL ESTATE

### SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

## GENERAL

### SALE

Welding works contact for any type of roof sheds, Gril gates, Shutters, 7809525452, 9937507638. D-245




All types of physiotherapy and massage contact 9556924059 / 7656969134. D-3416

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Mrutunjaya Mohapatra, S/o.- Padma Charan Ranu, Village- Charchika Malisahi, P.O./P.S.- Banki, Dist.- Cuttack, Odisha- 754008 have changed the name of my minor daughter from Jisha Mohapatra to Pratiksha Mohapatra as per affidavit Sl. No. 473 dated 24.02.2026 sworn before the Executive Magistrate, Banki. Henceforth, she shall be known as Pratiksha Mohapatra for all purposes, including all official, legal, and other records. D-3478

By virtue of an affidavit sworn before the Executive Magistrate, Salipur, Cuttack, No. 921, dated- 16.02.26, I, Shivanshu Kumar, S/o.- Padan Kandi, At/P.O.- Gopinathpur, P.S.- Nemalo, Dist.- Cuttack, Odisha, PIN- 754203 declare that I have changed my name from JATADHARI KANDI to SHIVANSHU KUMAR. Henceforth, I shall be known as SHIVANSHU KUMAR for all purposes.
SHIVANSHU KUMAR D-3473

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

I, Rafik Patel, S/o.- Late Ahmed Patel, resident of Tinkonia bagicha, Cuttack, P.O.- Buxi Bazar, Cuttack, P.S.- Dargah Bazar, Cuttack, Odisha, 753001 declared by this affidavit No. 13 dated 23.02.2026 that now onwards I shall be known as Rafik Ahmed Patel for all future purposes. D-3477

I, Mvgs Vamsi Krishna, S/o.- Mallapragada Subba Rao, resident of Satyavati Nllayam, Santi vihar, Raniguda Farm, P.O./ Dist.- Rayagada, Odisha PIN- 765001 declared by this affidavit No. 1817 dated 23.02.2026 that now onwards I shall be known as Mallapragada Vamsi Krishna for the future purposes.
Sd./- Mallapragada Vamsi Krishna D-3476

By virtue of an affidavit sworn before the Executive Magistrate, Nuapada, No.149, Dtd.- 24.2.26, I, Munikoti Gourav, R/o. At/P.O.- Ward No. 18, Shanti Nagar, Khariar Road, P.S.- Jonk, District- Nuapada, Odisha, PIN- 766104 declare that I have changed my name from "M Gourav" to "Munikoti Gourav". Henceforth, I shall be known as Munikoti Gourav for all purposes.
Munikoti Gourav D-3475

By virtue of an affidavit sworn before the Executive Magistrate, Thuamul Rampur, dated 18.10.25, I, Nilan Majhi, R/o. At- Tunapali, P.O.- Gopalpur, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my daughter from Sajamani Majhi to Rajamani Majhi. Henceforth, she shall be known as Rajamani Majhi for all purposes.
Nilan Majhi D-3474

I, Sunamati Chhachhan, D/o.- Narasingha Dutiachand, resident of A.N. Guha Lane, P.O.- Sambalpur, P.S.- Town, Tahasil and Dist. Sambalpur- 768001, Odisha hereby declare by Affidavit No. 7823 that I have changed my surname from Sunamati Chhachhan to Sunamati Dutiachand. Henceforth, I shall be known as Sunamati Dutiachand for all purposes. D-3472

ମୁଁ, ଶ୍ରୀ ଦିଲିପ କୁମାର ବରାଳ, ପିତା- ସ୍ୱର୍ଗତ ଭାଗୀରଥି ବରାଳ, ବାସିନ୍ଦା- ପଲ୍ଲା, ପୋଷ୍ଟ- ପଲ୍ଲାହାଟ, ଜିଲ୍ଲା- ଖୋର୍ଦ୍ଧା, 752056। ମୋର ପୁତ୍ରର ନାମ, ସ.କ୍ର. 3241 ଦି.- 01.11.2025 ଅନୁଯାୟୀ, ସାଇ ଦତ୍ତ ବରାଳରୁ ସାଇଦତ୍ତ ଦିଲିପ ବରାଳକୁ ପରିବର୍ତ୍ତନ କରିଅଛି। ଏଥିଅନ୍ତେ ତାର ନାମଟି ସାଇଦତ୍ତ ଦିଲିପ ବରାଳ ଭାବେ ସମସ୍ତ ପାଠ୍ୟକ୍ରମ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟରେ ପ୍ରଯୁଜ୍ୟ ହେବ। ଧ-୩୪୭୯

# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱ ସତ୍ୟନାରାୟଣ ପଟ୍ଟନାୟକ**
ମହତାବନଗର, କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୦୭।୧୧।୧୯୩୧
ତିରୋଧାନ: ୦୭।୦୩।୨୦୨୫
ତୁମେ ଜଣେ ସ୍ନେହୀ ପରୋପକାରୀ ସମାଜ ମଙ୍ଗଳକାରୀ ବିରାଟ ହୃଦୟପୂର୍ଣ୍ଣ ମଣିଷଟିଏ। ତୁମର ଗରିମାମୟ ସ୍ମୃତି ଓ ବାତ୍ସଲ୍ୟ ମମତାକୁ ଆମେ ସାଉଁଟୁଛୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଚିର ପ୍ରାର୍ଥନା ତୁମ ଆତ୍ମା ଶାନ୍ତିରେ ବିଶ୍ରାମ କରୁ।
ଶ୍ରଦ୍ଧାଞ୍ଜଳି ସହ:- ପୁତ୍ର- ଭୁବନମୋହନ ପଟ୍ଟନାୟକ, ମଦନମୋହନ ପଟ୍ଟନାୟକ, ରାଧାମୋହନ ପଟ୍ଟନାୟକ, ପୁତ୍ରବଧୂ- ରୋଜି, ମୁନୁ, ମିଲି, ଝିଅ- ଜ୍ୟୋତି, ଜ୍ୱାଇଁ- ଦେବ, ନାତି- ଡ. ସିଦ୍ଧାର୍ଥ, ଡ. ପ୍ରୀତମ ଓ ସାଇ, ନାତୁଣୀବୋହୂ- ଡ. ସ୍ମିତା, ନାତୁଣୀ- ଡ. ସୁଶ୍ରୀମାନସୀ, ନାତୁଣୀ ଜ୍ୱାଇଁ- ଡ.ମୃତ୍ୟୁଞ୍ଜୟ, ମନୀଷା, ଅଣନାତି- ଭବ୍ୟାଂଶ, ଅଣନାତୁଣୀ- କଶିଷ, ମାୟାଂଶୀ।
ଧ-୩୪୭୦

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱ ବିଶ୍ୱନାଥ ଦାସ**
(ପୂର୍ବତନ ସରପଞ୍ଚ), ଖୁଣ୍ଟୁଣୀ, ଆଠଗଡ଼
ଆବିର୍ଭାବ : ୦୪।୦୧।୧୯୨୪ (ମାଘ ପୂର୍ଣ୍ଣିମା)
ତିରୋଧାନ : ୧୫।୦୨।୨୦୨୬ (ଶିବରାତ୍ରି ଜାଗର)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଓ ସ୍ୱାଭିମାନ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ:- ପୁତ୍ର: ଅଶୋକ, ଦିଲ୍ଲୀପ, ପୁତ୍ରବଧୂ- ରେଣୁବାଳା, ଜ୍ୱାଇଁ- ନିରଞ୍ଜନ, ବିଜୟ, ଝିଅ- ମନୋରମା, ସୁପ୍ରଭା, ସୁମିତୀ, ସ୍ୱର୍ଣ୍ଣଲତା, ପୁଷ୍ପଲତା, ଜ୍ୟୋତିର୍ମୟୀ, ନାତିନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ।
ଧ-୩୪୬୭



## ରଜନୀଗନ୍ଧାର ଉନ୍ନତ କିସମ

ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। ଏହାର ଉନ୍ନତ କିସମଗୁଡିକ ହେଲା-କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ(ଡବଲ)। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ, ୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେଜି ନିମ୍ବପିଡ଼ିଆ ପ୍ରୟୋଗକରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।



## ଖରାଟିଆ ଗେଣ୍ଡୁଫୁଲ ଚାଷ

ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେମି ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ମାଈ ପ୍ରାଣୀର ପ୍ରଜନନ ଅସଫଳତା



ଡା. ହିମାଂଶୁ ବେହେରା

ପ୍ରଜନନ ପ୍ରକ୍ରିୟାରେ ବନ୍ଧ୍ୟାଦୋଷ ବା ଗର୍ଭଧାରଣ କରିବାରେ ଅସଫଳତା ଗୋପାଳକମାନଙ୍କ ପାଇଁ ଏକ ଅନ୍ୟତମ ପ୍ରମୁଖ ସମସ୍ୟା। ମାଈ ପ୍ରାଣୀଟିଏ ବନ୍ଧ୍ୟାଦୋଷରେ ଆକ୍ରାନ୍ତହେବା ଦ୍ୱାରା ଗର୍ଭଧାରଣ କରିପାରି ନ ଥାଏ ଏବଂ ଏଭଳି ପ୍ରାଣୀମାନଙ୍କୁ ଲାଳନପାଳନ କରିବା ଦ୍ୱାରା ସମୟ ଏବଂ ଅର୍ଥ-ଉଭୟରେ କ୍ଷତି ସହିବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଗର୍ଭଧାରଣ କରିବାରେ ଅସଫଳତା ପଛରେ ବିଭିନ୍ନ କାରଣ ରହିଛି। ସେ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

**ଡିମ୍ବାଶୟ ଠିକ୍ ଭାବରେ କାମ ନ କରିବା :** ଡିମ୍ବାଶୟ ଠିକ୍ ଭାବରେ କାମ ନ କରିବା ଦ୍ୱାରା ମାଈପ୍ରାଣୀର ଗରମ ଆସିବାର ଲକ୍ଷଣ ପରିଲକ୍ଷିତ ହୋଇ ନ ଥାଏ। ଡିମ୍ବାଶୟ ଠିକ୍ ଭାବରେ ବିକଶିତ ନ ହେବା ଅଥବା ଡିମ୍ବାଶୟରେ କର୍ପସ ଲିୟୁଟିଅମ ରହିବା ଦ୍ୱାରା ଗରମ ଲକ୍ଷଣରେ ବାଧା ସୃଷ୍ଟି ହୋଇଥାଏ। ଡିମ୍ବାଶୟରୁ ଡିମ୍ବ ନିର୍ଗତ ନ ହେବା, ବିଳମ୍ବରେ ଗର୍ଭଧାରଣ କରିବାରେ ମଧ୍ୟ କଷ୍ଟ ହୋଇଥାଏ। ମାଈପ୍ରାଣୀମାନଙ୍କର ଡିମ୍ବାଶୟରେ ସିଷ୍ଟ ହେବା ଦ୍ୱାରା ଠିକ୍ ଭାବରେ ପ୍ରଜନନ ହୋଇପାରି ନ ଥାଏ। ଏହାଦ୍ୱାରା ଗରମ ଆସିବା ଏବଂ ଏହାର ଲକ୍ଷଣ ମଧ୍ୟ ଠିକ୍ ଭାବରେ ପରିଲକ୍ଷିତ ହୋଇ ନ ଥାଏ।

**ଠିକ୍ ଗର୍ଭଧାରଣ ନ ହେବା :** ଗର୍ଭଧାରଣ କରିବାରେ ବିଫଳତା ମୁଖ୍ୟତଃ ଡିମ୍ବ ବିଳମ୍ବରେ ନିର୍ଗତ ହେବା ଅଥବା ଶୁକ୍ରାଣୁ ଠିକ୍ ସମୟରେ ଡିମ୍ବ ସହ ମିଳନ ନ ହେବା କାରଣରୁ ହୋଇଥାଏ। ଡିମ୍ବର ଗଠନ, ମାନ ସହ ଶୁକ୍ରାଣୁର ଗଠନ ଏବଂ ମାନ ମଧ୍ୟ ଠିକ୍ ହେବା ଉଚିତ। ଶୁକ୍ରାଣୁ ଗତି କରିବା ଅଙ୍ଗଗୁଡ଼ିକରେ ମଧ୍ୟ ପ୍ରତିବନ୍ଧ ରହିବା ଅନୁଚିତ। ଗୋଚର ଜମିରେ ବୃଦ୍ଧି ପାଉଥିବା ଗୁଳ୍ମଜାତୀୟ ଗଛ ଯେଉଁଥିରେ ଇଷ୍ଟ୍ରୋଜେନ୍‌ର ମାତ୍ରା ଅଧିକ ରହିଥାଏ, ସେହି ଗୁଳ୍ମଜାତୀୟ ଗଛକୁ ଖାଇବା ଦ୍ୱାରା ମଧ୍ୟ ମାଈ ପ୍ରାଣୀମାନଙ୍କର ଗର୍ଭଧାରଣ ହୋଇପାରି ନ ଥାଏ।

କିଛି ସମୟରେ ଜନନକୋଷ(ଡିମ୍ବ ଏବଂ ଶୁକ୍ରାଣୁ) ବୃଦ୍ଧହେବା ଦ୍ୱାରା ଅନିରୂପିତ ଗର୍ଭଧାରଣ ହୋଇଥାଏ। ଏହାଦ୍ୱାରା ଗର୍ଭଧାରଣ ପରେ ଭ୍ରୂଣର ମାନ ଉନ୍ନତ ହୋଇ ନ ଥାଏ ଏବଂ ଗର୍ଭ ନଷ୍ଟ ହୋଇଥାଏ। କିଛି ସମୟ ପରେ ମଧ୍ୟ ଗୋଟିଏ ଡିମ୍ବ ସହ ୧ରୁ ଊର୍ଦ୍ଧ୍ୱ ଶୁକ୍ରାଣୁର ମିଳନ ହୋଇଥାଏ ଏବଂ ଏଥିରୁ ଉନ୍ନତ ହୋଇଥିବା ଭ୍ରୂଣ ମଧ୍ୟ ନଷ୍ଟ ହୋଇଥାଏ।

"ଗର୍ଭଧାରଣ କରିବାରେ ବିଫଳତା ମୁଖ୍ୟତଃ ଡିମ୍ବ ବିଳମ୍ବରେ ନିର୍ଗତ ହେବା ଅଥବା ଶୁକ୍ରାଣୁ ଠିକ୍ ସମୟରେ ଡିମ୍ବ ସହ ମିଳନ ନ ହେବା କାରଣରୁ ହୋଇଥାଏ। ଡିମ୍ବର ଗଠନ, ମାନ ସହ ଶୁକ୍ରାଣୁର ଗଠନ ଏବଂ ମାନ ମଧ ଠିକ୍ ହେବା ଉଚିତ। ଶୁକ୍ରାଣୁ ଗତିକରିବା ଅଙ୍ଗଗୁଡ଼ିକରେ ମଧ ପ୍ରତିବନ୍ଧ ରହିବା ଅନୁଚିତ। ଗୋଚର ଜମିରେ ବୃଦ୍ଧି ପାଉଥିବା ଗୁଳ୍ମଜାତୀୟ ଗଛ ଯେଉଁଥିରେ ଇଷ୍ଟ୍ରୋଜେନ୍‌ର ମାତ୍ରା ଅଧିକ ରହିଥାଏ, ସେହି ଗୁଳ୍ମଜାତୀୟ ଗଛକୁ ଖାଇବା ଦ୍ୱାରା ମଧ ମାଈ ପ୍ରାଣୀମାନଙ୍କର ଗର୍ଭଧାରଣ ହୋଇପାରି ନ ଥାଏ।"



**ଭ୍ରୂଣ ନଷ୍ଟହେବା :** ଭ୍ରୂଣର ମୃତ୍ୟୁ ବା ନଷ୍ଟହେବା ଗର୍ଭରେ ସଂଯୋଜନ ହେବା ଆଗରୁ ହୋଇଥାଏ। ଇଷ୍ଟ୍ରୋଜେନ୍-ପ୍ରୋଜେଷ୍ଟିରନ୍ ମାତ୍ରା ଅସନ୍ତୁଳନୀୟ ହେବା ଦ୍ୱାରା ଏହିପରି ହୋଇଥାଏ। ଠିକ୍ ମାତ୍ରାରେ ଖାଦ୍ୟପେୟ (ପୋଷଣ) ନ ହେବା ଦ୍ୱାରା ଏବଂ ଏଥିସହ ଅଧିକରୁ ଅଧିକ ଦୁଗ୍ଧ ସଂଗ୍ରହ କରିବା ଦ୍ୱାରା ମଧ୍ୟ ଭ୍ରୂଣ ନଷ୍ଟ ହୋଇଥାଏ। ଅଧିକ ବୟସରେ ଗର୍ଭଧାରଣ କରିବା ଦ୍ୱାରା ମଧ୍ୟ ଏହି ଅସୁବିଧା ହୋଇଥାଏ। ଯାଆଁଳା ବା ଅଧିକ ଭ୍ରୂଣ ଗଠନ ହେବା ଦ୍ୱାରା ଗର୍ଭାଶୟରେ ବଞ୍ଚିରହିବା ପାଇଁ ମଧ୍ୟ ଉପଯୁକ୍ତ ସ୍ଥାନ ରହି ନ ଥାଏ, ଯାହାଦ୍ୱାରା ଭ୍ରୂଣ ମଧ୍ୟ ନଷ୍ଟ ହୋଇଥାଏ। ପରିବେଶର ତାପମାତ୍ରା, ଆର୍ଦ୍ରତା ଇତ୍ୟାଦି ଠିକ୍ ନ ରହିବା ଦ୍ୱାରା ମଧ୍ୟ ମାଈପ୍ରାଣୀ ଚାପରେ ଆସି ଭ୍ରୂଣ ନଷ୍ଟ କରିଥାଏ। ଏହାଦ୍ୱାରା ମାଈପ୍ରାଣୀ ବାରମ୍ବାର ଗର୍ଭ ନଷ୍ଟକରି ଗରମକୁ ଆସିଥାଏ, ଯାହାକୁ ମଧ୍ୟ 'ରିପିଟ୍ ବ୍ରିଡର' ବୋଲି କୁହାଯାଇଥାଏ।

**ଗର୍ଭାଶୟରେ ବାଛୁରୀର ମୃତ୍ୟୁ କିମ୍ବା ନଷ୍ଟହେବା :** ଭ୍ରୂଣ ଉନ୍ନତି ହେବା ଦ୍ୱାରା ବାଛୁରୀଟିଏ ସୃଷ୍ଟି ହୋଇଥାଏ। ଜନ୍ମହେବା ଆଗରୁ ଗର୍ଭାଶୟରେ ବାଛୁରୀର ନଷ୍ଟ ହେବାକୁ ଗର୍ଭପାତ କୁହାଯାଇଥାଏ। ପୋଷଣ, ହରମୋନ ଏବଂ ଶରୀରର ଚାପ ଇତ୍ୟାଦି କାରଣ ପାଇଁ ଗର୍ଭପାତ ହୋଇଥାଏ। କିଛି କ୍ଷେତ୍ରରେ ମଧ୍ୟ ଜୀବାଣୁମାନଙ୍କ ପାଇଁ ଗର୍ଭପାତ ହୋଇଥାଏ। ଅଲଗା ଅଲଗା ମାଈପ୍ରାଣୀଙ୍କ ପାଇଁ ବିଭିନ୍ନ ପ୍ରକାର ଜୀବାଣୁ ଗର୍ଭପାତର କାରଣ ହୋଇଥାଏ। କିଛି ସମୟରେ ମଧ୍ୟ ବାଛୁରୀ ନଷ୍ଟହୋଇ ଗର୍ଭାଶୟରେ ବହୁ ଦିନ ପର୍ଯ୍ୟନ୍ତ ରହିଯାଇଥାଏ। ଏହାକୁ 'ମମିଫିକେଶନ' ବୋଲି କୁହାଯାଏ।

**ଜନ୍ମଦେବା ସମୟରେ ମୃତ୍ୟୁବରଣ :** ମାଈ ପ୍ରାଣୀର ଶାବକ ଜନ୍ମହେବା ସମୟରେ ବା ୭୨ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରିଥାଏ। ଜନ୍ମ ସମୟରେ ଅମ୍ଳଜାନର ଅଭାବ, ଖାଦ୍ୟପେୟର ଅଭାବ,ଅତ୍ୟଧିକ ଥଣ୍ଡା ଲାଗିବା ଦ୍ୱାରା ଶରୀରର ତାପମାତ୍ରା କମିବା,ବଂଶଗତ ରୋଗ ଇତ୍ୟାଦି କାରଣରୁ ଶାବକର ମୃତ୍ୟୁ ହୋଇଥାଏ। ଜୀବାଣୁମାନଙ୍କର ପ୍ରଭାବରେ ମଧ୍ୟ ଜନ୍ମଦେବା ସମୟରେ ମୃତ୍ୟୁ ହୋଇଥାଏ। ମାଈ ଘୁଷୁରିମାନଙ୍କର ଏଭଳି ଅସୁବିଧା ମୁଖ୍ୟତଃ ଦେଖାଦେଇଥାଏ। ଫଳରେ ୨୦-୩୦ ପ୍ରତିଶତ ଘୁଷୁରି ଛୁଆ ମୃତ୍ୟୁବରଣ କରିଥାଆନ୍ତି।

କେବଳ ସେତିକି ନୁହେଁ, ଜନ୍ମହେବାର କିଛିଦିନ ମଧ୍ୟରେ ପିଲାର ଫୁସ୍‌ଫୁସ୍ ଠିକ୍ ଭାବରେ କାର୍ଯ୍ୟ କରି ନ ପାରିଲେ ଶରୀରକୁ ଅମ୍ଳଜାନ ସବୁ କୋଷକୁ ପହଞ୍ଚିପାରି ନ ଥାଏ। ଫଳରେ ଶାବକ ଦୁର୍ବଳ ହୋଇଯାଏ ଏବଂ କିଛି ସପ୍ତାହ ମଧ୍ୟରେ ପ୍ରାଣ ହରାଇଥାଏ। ଏଥିସହ ଖାଦ୍ୟପେୟ ଠିକ୍ ନ ମିଳିବା,ଟିକାକରଣ ନ ହେବା, ଲାଳନପାଳନରେ ଅଭାବ ହେବା ଦ୍ୱାରା ମଧ୍ୟ ଶାବକଟିର ମୃତ୍ୟୁ ହୋଇଥାଏ। ଉପରୋକ୍ତ କାରଣଗୁଡିକ ବ୍ୟତୀତ ଆଉ କିଛି କାରଣ ମଧ୍ୟ ମାଈପ୍ରାଣୀର ପ୍ରଜନନରେ ବାଧା ସୃଷ୍ଟି କରିଥାଏ। (କ୍ରମଶଃ...)

-ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ଓୟୁଏଟି, ଭୁବନେଶ୍ୱର
ମୋ : ୮୯୦୮୨୬୨୦୯୦

## ଜାଣି ରଖନ୍ତୁ...



ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

## ପନିପରିବା ଚାଷ

ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ ମିଶାଇ ସିଞ୍ଚନ କରନ୍ତୁ।



## ହଳଦୀ ଲଗାଇବା ପୂର୍ବରୁ

ରୋମା ,ସୁରମା,ରଙ୍ଗ,ରଶ୍ମି ନାମରେ ୪ଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବରଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...

ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡ଼ିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡ଼ାଇଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ୨ଧାଡ଼ିର ଆଖୁଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।



## ପିଆଜର ରୋଗପୋକ ଦମନ

ପିଆଜର ପତ୍ରପୋଡ଼ା ସହ ଆଞ୍ଜୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ସୂର୍ଯ୍ୟମୁଖୀ ଚାଷ

(ଶେଷ ଭାଗ)

ସଙ୍କର ସୂର୍ଯ୍ୟମୁଖୀ ଚାଷ ପାଇଁ ଏକର ପ୍ରତି ୩୨:୩୬:୨୪ କି.ଗ୍ରା. ଏନ୍‌ପିକେ ପ୍ରୟୋଗ କରିବା ଦରକାର। ଏହା ପାଇବା ନିମନ୍ତେ ଡିଏପି ୭୮ କି.ଗ୍ରା.+ୟୁରିଆ ୩୯ କି.ଗ୍ରା.+ପଟାସ୍ ୪୦ କି.ଗ୍ରା. ପ୍ରୟୋଗ କରାଯାଏ। ଏଥିସହ ମ୍ୟାଗ୍ନେସିୟମ ସଲ୍‌ଫେଟ୍ ଓ ଟାଙ୍ଗଣାର ସିଞ୍ଚନ କରାଗଲେ ଦାନା ପୂରଣ ଭଲ ଏବଂ ହୃଷ୍ଟପୁଷ୍ଟ ଦାନା ସହ ଅଧିକ ଅମଳ ମିଳିଥାଏ। ଏକର ପ୍ରତି ୮-୧୦ କି.ଗ୍ରା. ଗନ୍ଧକ ଓ ୪ କି.ଗ୍ରା. ବୋରନ୍ (ଟାଙ୍ଗଣା) ଅଣୁସାରକୁ ମୂଳସାର ରୂପେ ପ୍ରୟୋଗକଲେ ଭଲ। ଏହି ଫସଲରେ ଭଲ ଦାନା ଧରିବା ପାଇଁ ଅଧିକ ଫସ୍‌ଫରସ୍ ପ୍ରୟୋଗ କରିବା ଦରକାର। ବିହନ ବୁଣିବା ସମୟରେ ସମୁଦାୟ ଫସ୍‌ଫରସ୍, ପଟାସ୍ ଓ ଅଧା ପରିମାଣର ଯବକ୍ଷାରଜାନ ସାରକୁ ଧାଡ଼ିରେ ବୁଣି ମାଟିରେ ମିଶାଇ ତା'ପରେ ବିହନ ବୁଣାଯାଏ। ବାକି ଯବକ୍ଷାରଜାନକୁ ଅଧାକରି ଫସଲର ତୃତୀୟ ସପ୍ତାହ ଏବଂ ୬ଷ୍ଠ ସପ୍ତାହ ବେଳେ ଦେବାକୁ ହୁଏ।

**ଜଳସେଚନ, ଘାସ ନିୟନ୍ତ୍ରଣ ଓ ରୋଗପୋକ ପରିଚାଳନା :** ଏହା ମରୁଡ଼ି ସହନଶୀଳ। ରବିଋତୁ ଓ ଖରାଦିନେ ଚାଷ କରାଯାଉଥିବା ସୂର୍ଯ୍ୟମୁଖୀ ପାଇଁ ଜଳସେଚନ ନିହାତି ଦରକାର। ଜଳସେଚନ ଦିଆଗଲେ ଭଲ ଅମଳ ମିଳିଥାଏ। ମଟାଳ ମାଟିରେ ପ୍ରତି ୨ ସପ୍ତାହ ଅନ୍ତରରେ ମୋଟ ୩-୪ଥର ଓ ବାଲିଆ ମାଟିରେ ସପ୍ତାହ ଅନ୍ତରରେ ୬-୬ ଥର ପାଣି ମଡ଼ାଇବାକୁ ହୁଏ। ୭-୮ ସପ୍ତାହ ବେଳକୁ ଫୁଲ ଫୁଟିଥାଏ। ବିହନ ବୁଣିବାର ୨ ସପ୍ତାହ ବେଳକୁ ଥରେ ଓ ୪ ସପ୍ତାହ ବେଳକୁ ଆଉ ଥରେ କୋଡ଼ାଖୁସାକରି ଗଛମୂଳକୁ ମାଟି ଟେକିଦେବା ଉଚିତ। ମଞ୍ଜି ବୁଣିବାର ଦେଢ଼ମାସ ପର୍ଯ୍ୟନ୍ତ ଜମିରୁ ଘାସଲତା ବାଛି ସଫା କରିଦେଲେ ଭଲ ଅମଳ ମିଳେ।ମିଶ୍ରିତ ଫସଲ ରୂପେ ସୂର୍ଯ୍ୟମୁଖୀ+ହରଡ଼/ଚିନାବାଦାମ/ମୁଗ /ବିରି ଚାଷ କରାଯାଏ। ସଙ୍କର ଜାତୀୟ କିସମଗୁଡ଼ିକ ସ୍ୱପରାଗସଙ୍ଗମୀ। ତେଣୁ ସେଥିରେ ପରାଗସଙ୍ଗମ ହେବାରେ କିଛି ଅସୁବିଧା ନାହିଁ। ତଥାପି ଫୁଲ ଫୁଟିବାର ୭-୧୦ଦିନ ପର୍ଯ୍ୟନ୍ତ ସକାଳ ୮ଟାରୁ ୧୧ଟା ମଧ୍ୟରେ ମସୃଣ କପଡ଼ା ହାତରେ ଧରି ସୂର୍ଯ୍ୟମୁଖୀ ଫୁଲ ଉପରେ ଚଳାଇଲେ ଭଲ ପରାଗସଙ୍ଗମ ହୋଇ ଅମଳ ବଢ଼େ। କ୍ଷେତ ପାଖରେ ମହୁମାଛି ବାକ୍ସଟିଏ ରଖାଯାଏ। କାରଣ ଏହି ସମୟରେ ମହୁମାଛି ପାଳନ ବିଶେଷ ଉପକାରୀ। ସୂର୍ଯ୍ୟମୁଖୀ ଚାଷରେ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ରୋଗ କ୍ଷେତ୍ରରେ ନିମ୍ନମୁଖୀ ପାଉଁଶିଆ, ଅଲ୍‌ଟରନାରିଆ ପତ୍ରଚିତା, ପାଉଁଶିଆ, ପତ୍ରକଳଙ୍କି, ଝାଉଁଳା ଓ ଫୁଲଶଢ଼ା ରୋଗ ଦେଖାଯାଏ। ନିମ୍ନମୁଖୀ ପାଉଁଶିଆ ରୋଗ ନିୟନ୍ତ୍ରଣ ପାଇଁ ଫୋସେଟିଲ୍ ଏ.ଏଲ୍. ୮୦ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ, ଅଲ୍‌ଟରନାରିଆ ପତ୍ରଚିତା ରୋଗ/ଫୁଲଶଢ଼ା ରୋଗ ପାଇଁ ସିଓସି ୫୦ ପ୍ରତିଶତ ଡବ୍ଲ୍ୟୁପି ୩୦ ଗ୍ରାମ/ମାନ୍‌କୋଜେବ୍ ୭୫ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ/କାର୍ବେଜାଣ୍ଡିମ ୧୨ ପ୍ରତିଶତ+ମାନ୍‌କୋଜେବ୍ ୬୩ ପ୍ରତିଶତ, ଡବ୍ଲ୍ୟୁପି ୨୦ ଗ୍ରାମ, ପାଉଁଶିଆ/ପତ୍ରକଳଙ୍କି ରୋଗ ଦମନ ପାଇଁ କ୍ଲୋରୋଥାଲୋନିଲ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ/ଟ୍ରାଇଡିମେଫନ୍୨୫ ପ୍ରତିଶତ ଡବ୍ଲ୍ୟୁପି ୨.୫ମିଲି; ଝାଉଁଳା ରୋଗ ଦମନ ପାଇଁ ବିହନ ବିଶୋଧନ କିମ୍ବା ମେଟିରାମ୍ ୭୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ୧୦ଲିଟର ପ୍ରତି ପ୍ରୟୋଗକରି ମୃତ୍ତିକାର ଶୋଧନ ଏବଂ ରୋଗ ନିୟନ୍ତ୍ରଣ କରାଯାଏ।



ସୂର୍ଯ୍ୟମୁଖୀ ଫସଲରେ ପ୍ରାୟତଃ ଉଇ, କର୍ତ୍ତନ କୀଟ, ବିହାରୀ ଶଁବାଳୁଆ, ଧଳାମାଛି, ସେମିଲୁପର୍, ପତ୍ରଉକୁଣି,ସବୁଜଘୋଡ଼ା ପୋକ,ଧୂଆଁପତ୍ର ଗୋଟିପୋକ, କଢ଼ି/ଫୁଲବିନ୍ଧା ପୋକ, ଦୁଧିଆ ଘାସ ବଗ୍ ଇତ୍ୟାଦି ଦେଖାଯାଏ। ଜୈବିକ ପ୍ରଣାଳୀରେ ଧୂଆଁପତ୍ର ଗୋଟିପୋକ ପାଇଁ ଏକର ପ୍ରତି ୧୦୦ଏଲ୍‌ଇର ଏସ୍‌ଏଲ୍ ଏନ୍‌ପିଭି ପ୍ରୟୋଗ; ବିଭିନ୍ନ ପୋକର ଲାର୍ଭା ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦୦ ଗ୍ରାମ ବିଟି ପ୍ରୟୋଗ ଓ ଶୋଷକ ପୋକ ନିରାକରଣ ପାଇଁ ୫ ଶତାଂଶ ନିମ୍ବମଞ୍ଜି ଉର୍ଦ୍ଧୃତାଂଶ ପ୍ରୟୋଗ କରାଯାଏ। ସ୍ଥଳବିଶେଷରେ ରାସାୟନିକ ଉପାୟରେ ବିହାରୀ ଶଁବାଳୁଆ, ଉଇ, ସେମିଲୁପର, ଧୂଆଁପତ୍ର ଗୋଟିପୋକ, କର୍ତ୍ତକ କୀଟ, ଦୁଧିଆ ଘାସ ବଗ୍ ନିୟନ୍ତ୍ରଣ ପାଇଁ କୁଇନାଲ୍‌ଫସ୍ ୨୫ ପ୍ରତିଶତ ଇ.ସି. ବା ପ୍ରୋଫେନଫସ୍ ୫୦ ପ୍ରତିଶତ,୧୭୮ ପ୍ରତିଶତ ଏସ୍‌ଏଲ୍ ୨.୮ମିଲି ଏବଂ କଢ଼ି/ଫୁଲବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ପ୍ରତିଶତ,ଏସ୍‌ସି ୨.୫ମିଲି ୧୦ ଲିଟର ପ୍ରତି ପ୍ରୟୋଗକରି ପୋକ ନିୟନ୍ତ୍ରଣ କରାଯାଏ।

**ଅମଳ :** ଫୁଲ ପାଖୁଡ଼ା ମଳିନ ପଡ଼ି ଝଡ଼ିଗଲେ,ତଳପତ୍ର ଶୁଖି ଝଡ଼ି ଆସିଲେ ଓ ଫୁଲର ପଛପଟ ହାଲୁକା ହଳଦିଆ ପଡ଼ିଆସିଲେ ଫୁଲଗୁଡ଼ିକୁ କାଟି ଅମଳ କରାଯାଏ। ସେ ସମୟରେ ମଞ୍ଜିରେ ୨୦ ପ୍ରତିଶତ ଆର୍ଦ୍ରତା ଥାଏ। ୪-୫ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରାଯାଏ। ନଅ ଶତାଂଶ ଜଳୀୟ ଅଂଶ ଥିବା ଅବସ୍ଥାରେ ଭଲଭାବରେ ପରିଷ୍କାରକରି ମଞ୍ଜିକୁ ସାଇତି ରଖାଯାଏ। ଅଣଜଳସେଚିତ ଫସଲରୁ ଏକର ପ୍ରତି ୪-୫ କୁଇଣ୍ଟାଲ ମଞ୍ଜି ଓ ଜଳସେଚିତ ତଥା ସଙ୍କର ଫସଲରୁ ୭-୧୨ କୁଇଣ୍ଟାଲ ଯାଏ ମଞ୍ଜି ଅମଳ ମିଳିଥାଏ।

-ଡ. ପରେଶ କୁମାର ପଣ୍ଡା,
ମୋ : ୯୪୩୭୧୧୨୭୦୪

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୫/୨୦୨୬ Bhubaneswar, Wednesday, February 25/ 2026

# ବ୍ରୁକ୍‌ଙ୍କ ଶତକ: ଇଂଲଣ୍ଡ ସେମିରେ

**ପାଲିକେଲେ, ୨୪।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ଇଂଲଣ୍ଡ ୨ ଉଇକେଟରେ ପାକିସ୍ତାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି ପାକିସ୍ତାନ ୨୦ ଓଭରରେ ୯ ଉଇକେଟରେ ୧୬୪ ରନ କରିଥିଲା। ଜବାବରେ ହ୍ୟାରି ବ୍ରୁକ୍‌ଙ୍କ ଶତକ ସହାୟତାରେ ଇଂଲଣ୍ଡ ୧୯.୧ ଓଭରରେ ୮ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ପାକିସ୍ତାନର ପ୍ରଥମ ସୁପର-୮ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା। ତେଣୁ ଏହି

## ପରାଜୟ ସହ ପାକିସ୍ତାନ ଆଶା ମଉଳିଲା

ପରାଜୟ ଫଳରେ ଦଳର ସେମିଫାଇନାଲ ଆଶା ମଉଳିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ହାସଲ କରିଛି।

୧୬୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଏକାକୀ ଲଢ଼ି ଶତକ ହାସଲ କରିଥିଲେ ବ୍ରୁକ୍। ସେ ଟି୨୦ ଅନ୍ତର୍ଜାତୀୟରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିବା ସହ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋରଥିଲା ୮୧। ମାତ୍ର ୫୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ରୁକ୍ ୧୦ ଚୌକା ଓ ୪ ଛକା ସହାୟତାରେ ୧୦୦ ରନକରି ପ୍ୟାଭିଲିୟନ ଫେରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଶାହିନ ଆଫ୍ରିଦୀ ୪ଟି ଏବଂ ଉସମାନ ତାରିକ ଓ ମହମ୍ମଦ ନୱାଜ ୨ଟି ଲେଖାଏ ଉଇକେଟ ନେଇଥିଲେ।

ପାକିସ୍ତାନ ଇନିଂସରେ ଶାହିବଜାଦା ଫରହାନ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ସେ ୪୫ ବଲ୍‌ରୁ ସର୍ବାଧିକ ୬୩ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଲିଆମ ଡସନ ୩ଟି, ଜୋଫ୍ରା ଆର୍ଚର ଓ ଜେମି ଓଭର୍ଟନ ୨ଟି ଲେଖାଏ ଏବଂ ଆଦିଲ ରଶିଦ ଗୋଟିଏ ଉଇକେଟ ନେଇଥିଲେ।



ଶତକ ହାସଲ ଅବସରରେ ହ୍ୟାରି ବ୍ରୁକ୍ସ।

**ଟି୨୦ ବିଶ୍ୱକପ୍**

(ଆଜିର ମ୍ୟାଚ୍)

**ଶ୍ରୀଲଙ୍କା ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୬୪/୯ (ଶାହିବଜାଦା ଫରହାନ-୬୩, ବାବର ଆଜମ-୨୫, ଫଖର ଜମନ-୨୫, ଲିଆମ ଡସନ-୩/୨୪, ଜୋଫ୍ରା ଆର୍ଚର-୨/୩୨, ଜେମି ଓଭର୍ଟନ-୨/୨୬, ଆଦିଲ ରଶିଦ-୧/୩୧)। ଇଂଲଣ୍ଡ ୧୯.୧ ଓଭରରେ ୧୬୬/୮ (ହ୍ୟାରି ବ୍ରୁକ୍-୧୦୦, ୱିଲ ଜ୍ୟାକ୍ସ-୨୮, ଶାହିନ ଆଫ୍ରିଦୀ-୪/୩୦, ମହମ୍ମଦ ନୱାଜ-୨/୨୬, ଉସମାନ ତାରିକ-୨/୩୧)।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)



ବାହାରିନରେ ଆୟୋଜିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ୍ ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ଏବଂ ଡବଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରୁଛନ୍ତି।

## ଓଡ଼ିଶା ଏଫ୍‌ସି-ଇଣ୍ଟର କାଶୀ ମ୍ୟାଚ୍ ଡ୍ର’

**ଭୁବନେଶ୍ୱର,୨୪।୨(ଅନାଦି କର)**

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଓ ଇଣ୍ଟର କାଶୀ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ଦୁଇ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ଓଡ଼ିଶା ତା’ର ପ୍ରଥମ ମ୍ୟାଚ୍‌ରେ ପଏଣ୍ଟ ଖାତା ଖୋଲିଛି।

ପ୍ରଥମାର୍ଦ୍ଧରେ ଉଭୟ ଦଳ ଉନ୍ନତମାନର ଡିଫେନ୍ସିଭ୍ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ହେଲେ ଏହାକୁ ଇଣ୍ଟର କାଶୀ ଗୋଲ୍‌କିପର ଲୁଇସ ଟରେସ ସଫଳତାର ସହ ସେଭ୍ କରିନେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହାସତ୍ତ୍ୱେ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲେ।

# ଜୁନ ୧୪ରେ ଭାରତ-ପାକିସ୍ତାନ ମ୍ୟାଚ୍

## ମହିଳା ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ,୨୪।୨(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ମଙ୍ଗଳବାର ଆଗାମୀ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି। ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବାକୁ ଥିବା ଏହି ସଂସ୍କରଣରେ ୧୨ଟି ଦଳ ଭାଗ ନେବେ। ଆୟୋଜକ ଇଂଲଣ୍ଡ ଉଦ୍‌ଘାଟନୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବାକୁ ଥିବା ବେଳେ ଫାଇନାଲ ମ୍ୟାଚ୍ ଜୁଲାଇ ୫ ତାରିଖରେ ଆଇକନିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଭାରତୀୟ ଦଳ ଜୁନ ୧୪ ତାରିଖରେ ତା’ର ପ୍ରଥମ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଏହି ଟୁର୍ନାମେଣ୍ଟ ଲାଗି ନେପାଳରେ ଖେଳାଯାଇଥିବା କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ଜରିଆରେ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ନ୍ୟୁଜିଲାଣ୍ଡ, ୬ ଥରର ବିଜେତା ଅଷ୍ଟ୍ରେଲିଆ, ୨୦୧୬ ସଂସ୍କରଣର ଚାମ୍ପିୟନ ୱେଷ୍ଟଇଣ୍ଡିଜ, ଆୟୋଜକ ଇଂଲଣ୍ଡ, ଦିନିକିଆ ବିଶ୍ୱ ଚାମ୍ପିୟନ ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ’ରେ ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଟୁର୍ନାମେଣ୍ଟ ପଦାର୍ପଣକାରୀ ନେଦରଲାଣ୍ଡ୍ସ ରହିଛନ୍ତି। ସେହିଭଳି ଗ୍ରୁପ୍-ବି’ରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ସ୍ଥାନ ପାଇଛନ୍ତି।

# ୨୨ ବର୍ଷ ପରେ ସଚିନଙ୍କୁ କ୍ଷମାମାଗିଲେ ବକ୍‌ନର

**ନୂଆଦିଲ୍ଲୀ,୨୪।୨(ପି.ଟି.)**

ଭାରତର କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ବହୁ ବାର ଭୁଲ୍ ନିଷ୍ପତ୍ତି ଦେଇ ଆଉଟ୍ କରିଥିବା ପୂର୍ବତନ ଅମ୍ପାୟର ଷ୍ଟିଭ ବକ୍‌ନର ଦୀର୍ଘ ୨୨ ବର୍ଷ ପରେ ନିଜ ଭୁଲ୍ ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ତାହା ଏକ ଭୁଲ୍ ଥିଲା ବୋଲି କହିଛନ୍ତି। ୨୦୦୯ରେ ଅବସର ନେଇଥିବା ବକ୍‌ନର ବିଶ୍ୱ କ୍ରିକେଟରେ ଦୁଇ ଦଶନ୍ଧି ଧରି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ବହୁବାର ତାଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ତେନ୍ଦୁଲକର ଆଉଟ୍ ହୋଇଥିଲେ। ସବୁଠୁ ଚର୍ଚ୍ଚିତ ଘଟଣା ଥିଲା, ୨୨ ବର୍ଷ ପୂର୍ବେ ବ୍ରିସବେନର ଗାବାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ରେ ସଚିନଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ବକ୍‌ନର ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେଇଥିଲେ।




# ପ୍ରଥମ ଦିନିକିଆରେ ହାରିଲା ଭାରତ

**ବ୍ରିସ୍‌ବେନ୍, ୨୪।୨ (ପି.ଟି.)**

ବିଶ୍ୱ ଚାମ୍ପିୟନ ଭାରତକୁ ସମସ୍ତ ବିଭାଗରେ ପରାସ୍ତ କରି ଅଷ୍ଟ୍ରେଲିଆ ଏଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୬ଉଇକେଟରେ ସହଜ ବିଜୟ ହାସଲ କରିଛି। ସ୍ମୃତି ମନ୍ଧାନା (୬୮ ବଲ୍‌ରୁ ୫୮ ଏବଂ ଅଧିନାୟିକା ସ୍ମୃତି ମନ୍ଧାନା (୮୪ ବଲ୍‌ରୁ ୫୩)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଭ୍ରମଣକାରୀ ଭାରତ ୪୮.୩ ଓଭରରେ ୨୧୪ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ଏଲିସା ହିଲି (୭୦ ବଲ୍‌ରୁ ୫୦ରନ ) ଏବଂ ବେଥ୍ ମୁନି (୭୯ ବଲ୍‌ରୁ ୭୬ ରନ)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ଅଷ୍ଟ୍ରେଲିଆ ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ନେଇଥିଲା। ଘରୋଇ ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିଲେ ଆଶଲେ ଗାର୍ଡନର। ସେ ତାଙ୍କ ୭ ଓଭର ବୋଲିଂରେ ୩୩ରନ ବିନିମୟରେ ତିନୋଟି ଉଇକେଟ ଅକ୍ତିଆର କରିଥିଲେ। ବେଥ୍ ମୁନି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଭାରତ ପୂର୍ବରୁ ଅନୁଷ୍ଠିତ ଟି୨୦ ସିରିଜ ୨-୧ରେ ଜିତିସାରିଥିବାରୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ମଲ୍‌ଟି ଫର୍ମାଟ ସିରିଜ ବର୍ତ୍ତମାନ ୨-୨ ସ୍ଥିତିକୁ ଚାଲି ଆସିଛି। ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପରେ ଏକମାତ୍ର ଟେଷ୍ଟ ମ୍ୟାଚ ପର୍ଥରେ ଖେଳାଯିବ। ଏହି ମ୍ୟାଚ ସହ ହିଲିଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିବ। ଗତ ନଭେମ୍ବରରେ ପ୍ରଥମ ଆଇସିସି ଟାଇଟଲ ଜିତିବା ସତ୍ତ୍ୱେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ସହ ସମକକ୍ଷ ହେବା ପାଇଁ ହରମନପ୍ରୀତ୍ କୌରଙ୍କ ଦଳକୁ ଆହୁରି ଅନେକ କିଛି କରିବାକୁ ବାକି ରହିଛି।

**ସଂକ୍ଷିପ୍ତ ସ୍କୋର ବୋର୍ଡ**

ଭାରତ ମହିଳା ଇନିଂସ: ୪୮.୩ ଓଭରରେ ୨୧୪/ଅଲଆଉଟ (ସ୍ମୃତିମନ୍ଧାନା-୫୮, ହରମନପ୍ରୀତ କୌର-୫୩, କାଶଭି ଗୌତମ-୪୩ (୪୪ ବଲ୍), ଆଶଲେ ଗାର୍ଡନର-୩/୩୩, ମେଗାନ ସ୍କଟ-୨/୪୨)। ଅଷ୍ଟ୍ରେଲିଆ ମହିଳା ଇନିଂସ: ୩୮.୨ ଓଭରରେ ୨୧୭/୪ (ବେଥ ମୁନି-୭୬, ଏଲିସା ହିଲି-୫୦, ଆନାବେଲ ସଦରଲାଣ୍ଡ-୪୮*, ଫୋବ୍ ଲିଚ୍‌ଫିଲ୍ଡ-୩୨ ; ଶ୍ରୀ ଚାରନି ୨/୪୧)।

# ଜର୍ମାନ ଓପନ ମୁଖ୍ୟ ଡ୍ର’ରେ ଆକର୍ଷୀ

**ମୁଲ୍‌ହିମ୍ ଆନ୍ ଡର୍ ରୁର୍, ୨୪।୨ (ପି.ଟି.)**

ଚାଇନିଜ ତାଇପେଇର ଲି ୟୁ ହୁଆନଙ୍କୁ ପରାସ୍ତ କରି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆକର୍ଷୀ କାଶ୍ୟପ ଏଠାରେ ଜର୍ମାନ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ମୁଖ୍ୟ ଡ୍ର’ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଏକ ଏକତରଫା କ୍ୱାଲିଫାୟର ମ୍ୟାଚରେ ବିଶ୍ୱର ୬୨ତମ ନମ୍ବର ଖେଳାଳି କାଶ୍ୟପ ୨୧-୧୦, ୨୧-୫ରେ ଲି’ଙ୍କୁ ହରାଇ ଦେଇଥିଲେ। ବର୍ତ୍ତମାନ ମୁଖ୍ୟ ଡ୍ର’ରେ ସେ ଚାଇନିଜ ତାଇପେ ଖେଳାଳି ହୁଆଙ୍ଗ ୟୁ-ହୁନ୍‌କୁ ଭେଟିବେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ